

ଅଗଷ୍ଟ ୧୪ରେ 'ନାଗଜିଲା'

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-125 ♦SATURDAY ♦1 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୫ ♦ଶନିବାର ♦୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ ନକରାତ୍ମକ ପ୍ରଭାବ ପକାଉଛି। ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି। ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି। ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



## 'ଟାଇମ୍'ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି। ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି। ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। 'ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି। ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା' ସେ ଲେଖିଛନ୍ତି। ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା

■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଡ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି। ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ ଲଗାଇଛନ୍ତି। 'ଅପରେସନ ସିନ୍ଦୂର' ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି। ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ। ଏହା ଅଧିନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ। ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି। ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା। କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା। ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି। ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ। ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭



## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା

# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?



**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ। ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ। ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ 'କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍। ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ। ଆପଣମାନ୍‌କେ ସବ୍‌କେ ଭେଟ୍‌ମି। ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି। ▶ପୃଷ୍ଠା-୭

## ଛାତ୍ରୀ ଅସଦାଚରଣ ଅଭିଯୋଗରେ ଅଧ୍ୟାପକଙ୍କୁ ବାନ୍ଧିଲା ପୁଲିସ

■ **ରାୟଗଡ଼ା, ୩୧।୧୦ (ସମିସ):** ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶିକାର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଆଜି ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ତୁମୁଳକାଣ୍ଡ ଘଟିଛି। ଅଧ୍ୟାପକଙ୍କୁ ଗିରଫ ଦାବିରେ ଛାତ୍ରଛାତ୍ରୀମାନେ କଲେଜ ଗେଟ୍ ଆଗରେ ଧାରଣା ଦେବା, ଏହାକୁ ସମର୍ଥନ ଜଣାଇ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘ ସାମିଲ ହେବା ଏବଂ ଶେଷରେ ପୁଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ରାୟଗଡ଼ା ସଦର ମହକୁମା ରିଙ୍ଗରୋଡ୍‌ସ୍ଥିତ ଉତ୍କଳଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ(ୟୁଜିଏମଆଇଟି)ରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏଠାରେ ପାଠ ପଢୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କୁ ଅନୁଷ୍ଠାନର ଗଣିତ ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାୟଗଡ଼ା ଥାନାରେ ପୁଲିସ ୩୯୯/୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ତ୍ରିପାଠୀଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତ ୨୫ତାରିଖରେ ରକ୍ତପରୀକ୍ଷା ଯାଞ୍ଚ କାର୍ଯ୍ୟକ୍ରମ ଦିନ ଅଧ୍ୟାପକ ଶ୍ରୀ ତ୍ରିପାଠୀ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ଛାତ୍ରୀଜଣଙ୍କ ଯୌନ ନିର୍ଯାତନା ଆଭ୍ୟନ୍ତରୀଣ କମିଟି ପାଖରେ ଅଭିଯୋଗ କରିଥିଲେ। ଏପରିକି, ଅଧ୍ୟକ୍ଷଙ୍କୁ ମଧ ଅବଗତ କରାଇଥିଲେ। କିନ୍ତୁ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ପୂର୍ବରୁ ମଧ ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଏଭଳି ଅଭିଯୋଗ ରହିଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା, ଛାତ୍ରୀଙ୍କ ଅଭିଯୋଗପତ୍ରକୁ ଜଣେ କମିଟି ▶ପୃଷ୍ଠା-୭



**ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘର ଦାବି**

**ସଲମାନ ରାଉତ ହତ୍ୟା ମାମଲା**

## ୮ ବର୍ଷ ପରେ ୮ ଜଣଙ୍କୁ ଆଜୀବନ

■ **ଢେଙ୍କାନାଳ, ୩୧।୧୦ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତରଭା ଗ୍ରାମର ବହୁଚର୍ଚ୍ଚିତ ସଲମାନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏହି ମାମଲାର ଶୁଣାଣି କରି ୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ହୃଦାନନ୍ଦ ବିଶ୍ୱାଳ। ୩୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୁଲିସର ତଦନ୍ତ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପ୍ରମାଣ ଅଭାବରୁ କୋର୍ଟ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

**୬ ନିର୍ଦ୍ଦୋଷରେ ଖଲାସ**

୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ନିର୍ବାଚନୀ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଫେବ୍ରୁଆରୀ ୪ତାରିଖରେ ସଲମାନ ଏବଂ ତାଙ୍କ ▶ପୃଷ୍ଠା-୭

**ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ମହଙ୍ଗା ପଡ଼ିଲା**

# ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

■ **କଟକ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ବ୍ରହ୍ମପୁର ଏସପିଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ବ୍ରହ୍ମପୁର ଏସ୍‌ପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସପି ସ୍ୱଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରା ନଯିବ ▶ପୃଷ୍ଠା-୭



**୭ତାରିଖ ସୁଦ୍ଧା ସ୍ୱଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ**

## ସରକାରୀ ଓକିଲଙ୍କ ଉପରେ ପୁଲିସର ଭରସା ନାହିଁ

■ **ଭୁବନେଶ୍ୱର, ୩୧।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଲଢ଼ିବେ ନାହିଁ ବ୍ରହ୍ମପୁର ସରକାରୀ ଓକିଲ। ଏହି ମାମଲା ଲଢ଼ିବା ପାଇଁ ବ୍ରହ୍ମପୁର ପୁଲିସ ହାଇକୋର୍ଟର ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢିବା ପାଇଁ ବ୍ରହ୍ମପୁର ବାର ଆସୋସିଏସନ୍‌ର ୫୦ରୁ ଉର୍ଦ୍ଧ୍ୱର୍ ଆଇନଜୀବୀ ଓକିଲାତିନାମା ଦାଖଲ କରିଥିବାରୁ ▶ପୃଷ୍ଠା-୭

**ମାମଲା ଲଢ଼ିବେ ହାଇକୋର୍ଟ ଓକିଲ**



## ରେବନ୍ତ ସରକାରରେ ଆଝାରୁଦ୍ଦିନ ମନ୍ତ୍ରୀ



ହାଇଦରାବାଦ୍, ୩୧।୧୦(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନାରେ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ତେଲଙ୍ଗାନାର ଜୁବଲି ହିଲ୍ସ ବିଧାନସଭା ସିଟ୍‌ରେ ନଭେମ୍ବର ୧୧ରେ ଉପ- ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଟ୍‌ରେ ମୁସଲିମ ଭୋଟରଙ୍କ ସଂଖ୍ୟା ୩୦ ପ୍ରତିଶତ। ତେଣୁ ଆଝାରୁଦ୍ଦିନଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିବାରୁ କଂଗ୍ରେସକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଆଝାରୁଦ୍ଦିନ ୨୦୨୩ ନିର୍ବାଚନରେ ଏହି ସିଟ୍‌ରେ ପରାସ୍ତ ହୋଇଥିଲେ। ତେଲଙ୍ଗନାର କଂଗ୍ରେସ ସରକାରରେ ଏପର୍ଯ୍ୟନ୍ତ ଜଣେ ହେଲେ ବି ମୁସଲିମ୍ ମନ୍ତ୍ରୀ ନଥିଲେ। ପୁଣି କ୍ୟାବିନେଟ ମନ୍ତ୍ରିମଣ୍ଡଳରେ ଜଣେ ହେଲେ ବି ମୁସ୍‌ଲିମଙ୍କୁ ସାମିଲ କରାଯାଇ ନଥିବାରୁ ଆଲୋଚନା ମଧ୍ୟ ହେଉଥିଲା। ଏବେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବାରୁ ଏହି ଆଲୋଚାନ ପ୍ରଶମିତ ହେବ। ଏଥିସହ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବାଧିକ ୧୮ ଜଣ ମନ୍ତ୍ରୀ ନିଯୁକ୍ତ ହେବାର ନିୟମ ରହିଛି। ୬୨ ବର୍ଷୀୟ ମହମ୍ମଦ ଆଝାରୁଦ୍ଦିନ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୯୯ଟି ଟେଷ୍ଟ, ୩୩୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୨୨ଟି ଶତକ, ୨୧ଟି ଅର୍ଦ୍ଧଶତକ ସହ ୪୫.୦୩ ହାରରେ ୬, ୨୧୫ ରନ ସଂଗ୍ରହ କରିଥିଲେ। ସେହିପରି ଦିନିକିଆରେ ୭ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସହ ୩୬.୯୨ ହାରରେ ୯, ୩୭୮ ରନ ସଂଗ୍ରହ କରିଛନ୍ତି।

## କେଜ୍ରିୱାଲଙ୍କ ଆଉ ଏକ ଶିଶ୍ ମହଲ ଥିବା ବିଜେପିର ଦାବି



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଆଉ ଏକ ଶିଶ ମହଲ ନିର୍ମାଣ କରିଥିବାର ଅଭିଯୋଗ କରାଯାଇଛି। ଦିଲ୍ଲୀ ବିଜେପି ଏହି କ୍ରମରେ 'ଗୁଗୁଲ ଆର୍ଥ'ର ଏକ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଅଭିଯୋଗ ଆଣିଛି। କେଜ୍ରିୱାଲ ପଞ୍ଜାବରେ ଆଉ ଏକ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମଲିୱାଲ ଏହି ଚିତ୍ର 'ଏକ୍ସ'ରେ ସେୟାର କରି ଅଭିଯୋଗ ଆଣିଛନ୍ତି। ଚଣ୍ଡିଗଡ଼ର ଦୁଇ ଏକର ଜାଗାରେ ସେକ୍ଟର-୨ରେ ଏକ ବିଳାଷପୂର୍ଣ୍ଣ ୭ ଷ୍ଟାର ସରକାରୀ ବାସଭବନ କେଜ୍ରିୱାଲକୁ ପ୍ରଦାନ କରାଯାଇଛି ବୋଲି ବିଜେପି ତରଫରୁ କୁହାଯାଉଛି। ଦିଲ୍ଲୀରେ ଶୀଶ ମହଲ ନିର୍ମାଣ କରିବା ପରେ କେଜ୍ରୱାଲ୍ ଏବେ ଚଣ୍ଡିଗଡ଼ରେ ଶିଶ ମହଲ ନିର୍ମାଣ କରିଛନ୍ତି ବୋଲି ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା କହିଛନ୍ତି। ଦିଲ୍ଲୀକୁ ଲୁଟିବା ପରେ ଏବେ କେଜ୍ରିୱାଲ ପଞ୍ଜାବକୁ ଲୁଟିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି। ତେବେ ଆପ୍ ତରଫରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଯଦି ପ୍ରମାଣ ଅଛି ଆଲଟମେଣ୍ଟ ଲେଟର ଦେଖାଇବାକୁ ଆପ୍ ବିଜେପିକୁ କହିଛି।

## ସ୍ୱାମୀ ସନ୍ଦେହୀ ହେଲେ ଜୀବନ ନର୍କ: ହାଇକୋର୍ଟ



କୋଚି, ୩୧।୧୦(ଏଜେନ୍ସି): ପତ୍ନୀଙ୍କୁ ସନ୍ଦେହ କରୁଥିବା ସ୍ୱାମୀର ଜୀବନ ନର୍କ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦେବନ ରାମଚନ୍ଦ୍ରନ ଓ ଜଷ୍ଟିସ ସ୍ନେହଲତାଙ୍କ ଖଣ୍ଡପୀଠ ଜଣେ ମହିଳାଙ୍କ ଛାଡ଼ପତ୍ର ଆବେଦନ ମାମଲାର ଶୁଣାଣି କରି ଏହି କଥା କହିଛନ୍ତି। ବିନା କାରଣରେ ପତ୍ନୀଙ୍କୁ ସନ୍ଦେହ କରିବା ଅର୍ଥ ମାନସିକ କ୍ରୁରତା। ସନ୍ଦେହ ବୈବାହିକ ଜୀବନକୁ ନର୍କରେ ପରିଣତ କରିଥାଏ ବୋଲି ଏହି ଖଣ୍ଡପୀଠ କହିଛନ୍ତି। ବିବାହ ପରସ୍ପର ବିଶ୍ୱାସ, ଭଲପାଇବା, ସମ୍ମାନ ଉପରେ ଆଧାରିତ। ବିଶ୍ୱାସ ସ୍ଥାନରେ ସନ୍ଦେହ ଆସିଲେ ସ୍ୱାମୀ- ସ୍ତ୍ରୀର ସମ୍ପର୍କ ଶେଷ ହୋଇଥାଏ। ଫଳରେ ଏହି ମାମଲାରେ ହାଇକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଛନ୍ତି। ଏଭଳି ସମ୍ପର୍କକୁ ବଜାୟ ରଖିବା ମହିଳାଙ୍କ ସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେବ। ଜଣେ ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି। ପୂର୍ବରୁ ଏ ନେଇ ମହିଳା କୋଟିୟମ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହାକୁ ମଞ୍ଜୁର କରାଯାଇ ନଥିଲା। ୧୯୯୪ରେ ସୁପ୍ରିମକୋର୍ଟର ବି ଭଗତ ବନାମ ଡି ଭଗତ ମାମଲାର ଉଦାହରଣ ଦେଇ ହାଇକୋର୍ଟ ଏହି ଛାଡ଼ପତ୍ର ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ମହିଳାଙ୍କୁ ଆଶ୍ୱସ୍ତି ମିଳିଛି।

## ବୁଲା କୁକୁର ଗଣନା ମାମଲାରେ ଅବହେଳାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ହାଜର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ରାଜ୍ୟମାନଙ୍କ ଆଭିମୁଖ୍ୟକୁ ଦେଖି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଶୁକ୍ରବାର ଏ ସମ୍ବନ୍ଧିତ ମାମଲାର ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ଦେବା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହାକୁ ଭର୍ତ୍ସନା କରି ଜଷ୍ଟିସ ନାଥ କହିଥିଲେ ଯେ ସତ୍ୟପାଠ ଦାଖଲ କରିବାକୁ କହିବା ବେଳେ ମୁଖ୍ୟ ସଚିବମାନେ ଚୁପ୍ ହୋଇ ଶୋଇ ରହୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଉନାହାନ୍ତି। ଠିକ୍ ଅଛି, ଏବେ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ଦିଅନ୍ତୁ। ଆମେ ତାଙ୍କ କଥା ବୁଝିନେବୁ। ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନିହାତି ହାଜର ହେବାକୁ ପଡିବ ଏବଂ କାହିଁକି ସତ୍ୟପାଠ ଦାଖଲ କଲେନି ତାହାର ଉତ୍ତର ଦେବାକୁ ହେବ।

### ଶୋଇ ରହିଛନ୍ତି ସବୁ ମୁଖ୍ୟ ସଚିବ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇନାହାନ୍ତି

ଗତ ୨୭ ତାରିଖରେ ହୋଇଥିବା ଶୁଣାଣିରେ ଆସନ୍ତା ତିନି ତାରିଖରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସତ୍ୟପାଠ ଦାଖଲ କରିଥିବାରୁ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଏଥିରୁ ଆଶ୍ୱସ୍ତି ଦେଇଥିଲେ। ବୁଲା କୁକୁର କାମୁଡିବା ଯୋଗୁ ବ୍ୟାପୁଥିବା ଜଳାତଙ୍କ ରୋଗ ବିଷୟରେ ଏକ ଗଣମାଧ୍ୟମ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୨୮ ତାରିଖରୁ ଏହା ଉପରେ ଶୁଣାଣି ଜାରି ରହିଛି। ଆଜି ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ ପୌର ନିଗମ ଏବଂ ରାଜ୍ୟ ସରକାରମାନେ ଯେଉଁ ସମସ୍ୟାର ସମାଧାନ କରିବା କଥା ସୁପ୍ରିମକୋର୍ଟ ତାହାର ଫଇସଲା ପାଇଁ ସମୟ ବର୍ବାଦ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ମୁଖ୍ୟ ସଚିବଙ୍କୁ ହିଁ କୋର୍ଟରେ ହାଜର ହେବାକୁ ପଡ଼ିବ। ସେହିପରି ଗତ ଅଗଷ୍ଟ ୨୨ ତାରିଖରେ କୋର୍ଟ ଏହି ବୁଲା କୁକୁର ମାମଲାର ପରିସର ବୃଦ୍ଧି କରି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୂକ୍ତ କରିଥିଲେ। ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଓକିଲଙ୍କୁ ସମନ କରିପାରିବେନି ଯାଞ୍ଚ ଏଜେନ୍ସି

ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ଆଇନଗତ ମାମଲାରେ ନିଜ ମହକିଲଙ୍କୁ ଦେଇଥିବା ପରାମର୍ଶକୁ ନେଇ ଓକିଲଙ୍କୁ ଯାଞ୍ଚ ଏଜେନ୍ସିଗୁଡିକ ସମନ ଜାରି କରିପାରିବେ ନାହିଁ। ଏ ସମ୍ବନ୍ଧରେ ଓକିଲଙ୍କୁ ଜେରା ପାଇଁ ଡାକିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ କେ. ବିନୋଦଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏହା ସହିତ ଯାଞ୍ଚ ଏଜେନ୍ସିଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୧୩୨ ଅନୁଯାୟୀ କେବଳ ଅସାଧାରଣ ସ୍ଥିତିରେ ଓକିଲଙ୍କୁ ସମନ ଜାରି କରାଯାଇପାରିବ। ଏକ ମନି ଲଣ୍ଡରିଂ ଯାଞ୍ଚ ପାଇଁ ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇବା ମାମଲା ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି।

ଏହି ନିଷ୍ପତ୍ତି ଶୁଣାଣି ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଓକିଲଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ଏବଂ ଯାଞ୍ଚ ଏଜେନ୍ସିଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କୋର୍ଟ ପ୍ରୟାସ କରିଛନ୍ତି। ଅନାବଶ୍ୟକ ଚାପରୁ ସୁରକ୍ଷା ଦେବା ଲାଗି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ କେବଳ କୋର୍ଟଙ୍କ ଅନୁମତି ନେଇ କୌଣସି ଓକିଲଙ୍କ ଡିଜିଟାଲ ଉପକରଣକୁ ଜବତ କରାଯାଇପାରିବ। ଏହାକୁ ଓକିଲ ଏବଂ ସମ୍ବନ୍ଧିତ ପକ୍ଷର ଉପସ୍ଥିତିରେ ଖୋଲିବାକୁ ହେବ। କୋର୍ଟ ତାଙ୍କ ଆବେଦନ ଖାରଜ କଲା ପରେ ଯାଇ ହିଁ ଏପରି କରିହେବ। ଏହି ମାମଲାରେ ଓକିଲ ନିଯୁକ୍ତି କରିଥିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ ହୋଇଛି। କାରଣ ସେମାନେ ନିଜ ଓକିଲଙ୍କୁ ହିଁ ଭରସା କରିଥିଲେ। ଯାଞ୍ଚ ଏଜେନ୍ସି କୌଣସି ଓକିଲଙ୍କୁ ତାଙ୍କ ମହକିଲଙ୍କ ସମ୍ବନ୍ଧିତ ସୂଚନା ମଧ୍ୟ ମାଗିପାରିବ ନାହିଁ। କେବଳ ଅସାଧାରଣ କ୍ଷେତ୍ରରେ ଏପରି କରାଯାଇପାରିବ। ଆଇନ ବୃତ୍ତିର ଗରିମା ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପୂର୍ବରୁ ଇଡି ଦ୍ୱାରା ଜାରି ଏହି ସମନକୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଅଗଷ୍ଟ ୧୨ରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ନିଜକୁ ଦେଶର ସବୁ ନାଗରିକଙ୍କ ସଂରକ୍ଷକ କହିଥିଲେ। ଓକିଲଙ୍କୁ ଏଭଳି ଭାବେ ଜେରା କରିବା ନ୍ୟାୟ ବ୍ୟବସ୍ଥାର ମୂଳଦୁଆକୁ ଦୁର୍ବଳ କରିପାରେ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ।

## କାନାଡ଼ାରେ ଭାରତୀୟଙ୍କୁ ୨୫ ବର୍ଷ ଜେଲ୍

ବ୍ରିଟିଶ କଲମ୍ବିଆ, ୩୧।୧୦(ଏଜେନ୍ସି): କାନାଡ଼ାର ଏକ କୋର୍ଟ ଜଣେ ୨୫ ବର୍ଷୀୟ ଭାରତୀୟ ଯୁବକ ବଲରାଜ ବସରାଙ୍କୁ ୨୫ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଓ ଗାଡ଼ି ପୋଡିବା ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ୨୦୨୨ ଅକ୍ଟୋବର ୨୭ରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଗଲ୍ କ୍ଲବ୍‌ରେ ୩୮ ବର୍ଷୀୟ ବିଶାଲ ବଲିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାପରେ ୩ ଅଭିଯୁକ୍ତ ଏକ ଗାଡ଼ି ଚଢ଼ି ସେଠାରୁ ପଳାଇଯାଇଥିଲେ। ଏହାପରେ ସେମାନେ ଏହି ଗାଡିରେ ନିଆଁ ଲଗାଇ ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିଲେ। କିନ୍ତୁ ପୁଲିସ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ଏହି ମାମଲାରେ ବଲରାଜ ହେଉଛନ୍ତି ତୃତୀୟ ଅଭିଯୁକ୍ତ। ବଲରାଜଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଇକ୍‌ବାଲ କାଙ୍ଗ ଓ ଡିଏଣ୍ଡ୍ରି ବପ୍ଟିଷ୍ଟଙ୍କୁ ମଧ୍ୟ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି।

## ଟୋଲ୍ ଗେଟ୍‌ରେ ବିଜେପି ନେତାଙ୍କ ପୁଅର ହଙ୍ଗାମା

ବିଜୟପୁରା, ୩୧।୧୦(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରା- କଲବୁର୍ଗୀ ହାଇୱେରେ ଥିବା ଏକ ଟୋଲ ଗେଟ୍‌ରେ ଜଣେ ବିଜେପି ନେତାଙ୍କ ପୁଅ ହଙ୍ଗାମା କରିଥିବା ଘଟଣା ସାମ୍ନାକୁ ଆସିଛି। ନେତାଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମାଗଣାରେ ଟୋଲ ପାର କରିବାକୁ ପ୍ରୟାସ କରୁଥିବା ବେଳେ ଟୋଲ କର୍ମଚାରୀ ଅଟକାଇଥିଲେ। ଅଭିଯୁକ୍ତ ନେତାଙ୍କ ପୁଅ ହେଉଛନ୍ତି ସମର୍ଥଗୌଡ଼ା ପାଟିଲ ବୋଲି ଜଣାପଡ଼ିଛି। ଅଟକାଇବା ପରେ ସମର୍ଥ ଓ ତାଙ୍କ ବନ୍ଧୁମାନେ ଟୋଲକର୍ମୀଙ୍କ ସହ ମାଡ଼ପିଟ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି। ତେବେ ଏ ନେଇ ଟୋଲ କର୍ମୀଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନାହିଁ ବୋଲି ପୁଲିସ ତରଫରୁ କୁହାଯାଇଛି। ସମର୍ଥ ହେଉଛନ୍ତି ବିଜେପି ନେତା ବିଜୟ ଗୌଡ଼ା ପାଟିଲଙ୍କ ପୁଅ। ପୁଲିସ ଶୁକ୍ରବାର ଏ ଘଟଣା ସମ୍ପର୍କରେ ଅବଗତ ହୋଇଛି ବୋଲି କହିଛି।

## ୧୪୬୬ ସୁରକ୍ଷାକର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ୨୦୨୫ ବର୍ଷ ପାଇଁ ଦେଶବ୍ୟାପୀ ୧୪୬୬ ସୁରକ୍ଷାକର୍ମୀଙ୍କୁ ଗୃହମନ୍ତ୍ରଣାଳୟ ତରଫରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପ୍ରଦାନ କରାଯିବ। ଶୁକ୍ରବାର ଏ ନେଇ ଗୃହ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। ଏହି ପଦକ ଚାରିଟି କ୍ଷେତ୍ରରେ ଯଥା ସ୍ପେଶାଲ ଅପରେସନ, ଇନ୍‌ଭେଷ୍ଟିଗେସନ, ଇଣ୍ଟେଲିଜେନ୍ସ ଓ ଫରେନସିକ ସାଇନ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏହି ପଦକ ତଥା ସମ୍ମାନ ପେସାଦାର ମନୋବୃତ୍ତି ଓ ନିଜ ସାଥିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରଦାନ କରାଯାଇଥାଏ। ତେବେ ଏହି ପଦକ କେବେ ଓ କେଉଁଠାରେ ପ୍ରଦାନ କରାଯିବ ସେ ନେଇ କିଛି କୁହାଯାଇନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ମାରିଥିବା ୨୦ଜଣ ପୁଲିସ କର୍ମୀଙ୍କୁ ମଧ୍ୟ ଏହି ପଦକ ପ୍ରଦାନ କରାଯିବ। ୨୦୨୪ ଫେବୃଆରୀ ୧ରୁ ଏହି ପଦକ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ଏନ୍‌ଡିଏର ବିହାର ନିର୍ବାଚନୀ ପ୍ରତିଶ୍ରୁତି | କୋଟିଏ ସରକାରୀ ଚାକିରି

ପାଟନା, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏମେଣ୍ଟ ଶୁକ୍ରବାର ଘୋଷଣାପତ୍ର ଜାରି କରିଛି। ଏଥିରେ କ୍ଷମତାରେ ଆସିଲେ କ'ଣ କ'ଣ କରାଯିବ ତାହାର ସୁନେଲୀ ସ୍ୱପ୍ନ ବିହାରବାସୀଙ୍କୁ ଦେଖାଇଛନ୍ତି। ପାଟନାର ମୌର୍ଯ୍ୟ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଚିରାଗ ପାଶ୍ୱାନ ଏହି ଘୋଷଣାପତ୍ର ଜାରି କରିଛନ୍ତି। କ୍ଷମତାକୁ ଆସିଲେ ବିହାର ଲୋକଙ୍କୁ ଏକ କୋଟି ସରକାରୀ ଚାକିରି, ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା, କୋଟିଏ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ଗରିବଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବାକୁ, ୪ ସହରରେ ମେଟ୍ରୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ମୋକାମାରେ ଆରଜେଡି ନେତା ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ବାହୁବଳୀ ଅନନ୍ତ ସିଂହ, ତାଙ୍କର ଦୁଇ ପୁତୁରା ରଣବୀର ଏବଂ କର୍ମବୀର, ଛୋଟନ ସିଂହ ଓ କଞ୍ଚୟ ସିଂହ ବ୍ୟତୀତ ଅନେକ ଲୋକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଏହାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସିୱାନରେ ଏଏସଆଇକୁ ତଣ୍ଟି ଚିପି ହତ୍ୟା କରାଯାଇଛି। ମୋକାମାରେ ଦୁଲାରଚନ୍ଦଙ୍କୁ ମଧ୍ୟ ମାରି ଦିଆଯାଇଛି। ଏ ସବୁ କ'ଣ ଚାଲିଛି? ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବନ୍ଧୁକ ଧରି ବୁଲୁଥିବା ଲୋକଙ୍କୁ କେମିତି ରାଜା କୁହାଯିବ ବୋଲି ସେ ପଚାରିଛନ୍ତି।

## ମୁମ୍ବଇରେ ଶିଶୁଙ୍କୁ ପଣବନ୍ଦୀ ରଖିବା ମାମଲା | ୪ ଅଭିଭାବକଙ୍କୁ ଅଭିଯୁକ୍ତ ମାଗିଥିଲା ୪ କୋଟି

ମୁମ୍ବଇ, ୩୧।୧୦ (ଏଜେନ୍ସି): ମୁମ୍ବଇର ପୱଇ ସ୍ଥିତ ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୁକ୍ତ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍‌ନାକୁ ଆସିଛି। ନିଜ ନାତୁଣୀକୁ ଅଡିସନ ଦେବାକୁ ଏଠାକୁ ନେଇ ଯାଇଥିବା ବୃଦ୍ଧା ମଙ୍ଗଳା ପାଟନକର ଅନେକ ସୂଚନା ଦେଇଛନ୍ତି। ଶିଶୁଙ୍କୁ ବଞ୍ଚାଇବାରେ ମଙ୍ଗଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁଣ୍ଡରେ କାଚ ବାଜିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଏବେ ତାଙ୍କର ଚିକିତ୍ସା ଚାଲିଛି। ସେ କହିଛନ୍ତି ଯେ ମୃତ ଅଭିଯୁକ୍ତ ରୋହିତ ତାଙ୍କ ପାଖରେ କିଛି ଶିଶୁଙ୍କୁ ଛାଡ଼ି ଯାଇଥିଲା। ଅନ୍ୟମାନଙ୍କୁ ଉପରକୁ ନେଇ ଯାଇଥିଲା। ସେ ଝରକାରେ କଳା ପରଦା ଲଗାଇ ଷ୍ଟୁଡିଓରେ ବୋମା ଥିବା ଧମକ ଦେଇଥିଲା। ସେ ୪ ଶିଶୁଙ୍କ ମାତାପିତାଙ୍କୁ ଫୋନ କରି ପିଲାଙ୍କୁ ଛାଡ଼ିବା ପାଇଁ କୋଟିଏ ଲେଖାଏଁ ଟଙ୍କା ମାଗିଥିଲା। ସେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ଆସିଥିଲା ବୋଲି ଏଥିରୁ ଜଣା ପଡୁଥିଲା। ତେବେ ରୋହିତ କାହାକୁ ଖରାପ ବ୍ୟବହାର କରି ନ ଥିଲା। କିନ୍ତୁ ବହୁତ ଡ୍ରାମା କରିଥିଲା। ଦୀପାବଳିରେ ରଖିଥିବା ବାଣ ଫୁଟାଇ କୋଠାରେ ବାହାରେ ଗୁଳିମାଡ଼ ଚାଲିଥିବା କହିଥିଲା। ତେଣୁ ଆମେ କୋଠା ବାହାରକୁ ଯାଇ ନ ଥିଲୁ। ପୁଲିସ ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଙ୍ଗଳା ଏହି ଶିଶୁଙ୍କ ଫଟୋକୁ ତାଙ୍କ ମାତାପିତାଙ୍କୁ ପଠାଇ ଥିଲେ। ଶିଶୁ ସୁରକ୍ଷିତ ଅଛନ୍ତି ଜଣାଇବା ପାଇଁ ସେ ଏପରି କରିଥିଲେ।

## ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯିବା ଉଚିତ୍: ଖଡ଼୍‌ଗେ



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଂଗ୍ରେସକୁ ସମାଲୋଚନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ୍ ଦେଇଛନ୍ତି। ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଭଳି ସଂଗଠନକୁ ନିଷିଦ୍ଧ କରାଯିବା ଉଚିତ୍। ଯଦି ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରକୁ ସମ୍ମାନ କରୁଛନ୍ତି, ତେବେ ଆରଏସ୍‌ଏସ୍ ଉପରେ ବ୍ୟାନ ଲଗାନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି।

## ଦିଲ୍ଲୀରେ ଗ୍ୟାଙ୍ଗ୍‌ୱାର: ଅପରାଧୀ ମୃତ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପୁଣି ଗ୍ୟାଙ୍ଗୱାର ଦେଖିବାକୁ ମିଳିଛି। ସାଲେମପୁରରେ ୨୨ ବର୍ଷୀୟ ଜଣେ ଅଭ୍ୟାସଗତ ଅପରାଧୀ ମିସବାକୁ ମଙ୍ଗଳବାର ରାତି ୧୦.୪୦ରେ ଗୁଳି କରି ହତ୍ୟା କରାଯାଇଛି। ମସ୍‌ବା ପୂର୍ବରୁ ବହୁ ଅପରାଧରେ ସମ୍ପୃକ୍ତ ଥିଲା ବୋଲି ପୁଲିସ କହିଛି। ମିସ୍‌ବା ବିରୋଧରେ ପୂର୍ବରୁ ହତ୍ୟା, ହତ୍ୟା ପାଇଁ ଉଦ୍ୟମ, ଡକାୟତି କରିବାର ଅଭିଯୋଗ ରହିଥିଲା। ସେ ହାସିମ ବାବା ଗ୍ୟାଙ୍ଗ ସହିତ ଜଡିତ ଥିଲା। ତା ବିରୋଧରେ ୧୭ଟି ଆପରାଧିକ ମାମଲା ରୁଜୁ କରାଯାଇଥିଲା। ଗତ ଜୁଲାଇରେ ସେ ଜେଲ୍‌ରୁ ମୁକୁଳି ବାହାରକୁ ଆସିଥିଲା। ଗ୍ୟାଙ୍ଗଷ୍ଟର ଛେନୁର ଘର ପାଖରେ ତାକୁ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ପହଞ୍ଚି ଫରେନସିକ ଟିମ୍ ପ୍ରମାଣ ଏକାଠି କରୁଛି। ଏ ନେଇ ଏକ ମାମଲା ରୁଜୁ କାରାଯାଇଛି।

## ଭାଇ ଆଣ୍ଡ୍ରୁ୍ୟଙ୍କୁ ଘରୁ ବାହାର କଲେ କିଙ୍ଗ୍ ଚାର୍ଲ୍ସ



ଲଣ୍ଡନ, ୩୧।୧୦(ଏଜେନ୍ସି): ବ୍ରିଟେନରେ କିଙ୍ଗ ଚାର୍ଲ୍ସ ନିଜର ସାନ ଭାଇ ଆଣ୍ଡ୍ରୁ୍ୟଙ୍କଠାରୁ ରାଜପରିବାରର ପ୍ରିନ୍ସ ଉପାଧି ପ୍ରତ୍ୟାହାର କରିଛନ୍ତି। କେବଳ ସେତିକି ନୁହଁ ୱିଣ୍ଡସରସ୍ଥିତ ବିଳାସପୂର୍ଣ୍ଣ 'ରୟାଲ ଲଜ୍'ରୁ ମଧ୍ୟ ତାଙ୍କୁ ଚାଲି ଯିବାକୁ ଆଦେଶ ଦିଆଯାଇଛି। ଏ ନେଇ ବକିଂଗହାମ ପ୍ୟାଲେସ ତରଫରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧୀ ଓ ସମ୍ମାନ ପ୍ରତ୍ୟାହାର କରିବା ନେଇ ପ୍ରକ୍ରିୟାର ଆରମ୍ଭ ହୋଇଛି। ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପ୍‌ଷ୍ଟିନ ସହ ଆଣ୍ଡ୍ରୁ୍ୟଙ୍କ ସମ୍ପର୍କ ଥିବାରୁ ରାଜ ପରିବାର ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲା। କିଛିଦିନ ତଳେ କିଙ୍ଗ୍ ଚାର୍ଲ୍ସ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଣ୍ଡ୍ରୁଙ୍କୁ ନେଇ ସାର୍ବଜନୀନ ଭାବେ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ଆଣ୍ଡ୍ରୁ୍ୟଙ୍କୁ ନେଇ କିଙ୍ଗ୍ ଚାର୍ଲ୍ସ ସବୁଆଡୁ ଚାପର ସମ୍ମୁଖୀନ ହୋଇଥିଲେ। ଆଣ୍ଡ୍ରୁ୍ୟ ହେଉଛନ୍ତି ସ୍ୱର୍ଗତ ମହାରାଣୀ ଏଲିଜାବେଥଙ୍କ ଦ୍ୱିତୀୟ ପୁତ୍ର ଓ ଚାର୍ଲ୍ସଙ୍କ ସାନ ଭାଇ। ଛୋଟ ପିଲାଙ୍କ ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏପଷ୍ଟିନଙ୍କ ସହ ଥିବା ସମ୍ପର୍କ ନେଇ ଆଣ୍ଡ୍ରୁ୍ୟ ମଧ୍ୟ ବିବାଦରେ ଫସିଥିଲେ। ଆଣ୍ଡ୍ରୁ୍ୟ କିଶୋର ଅବସ୍ଥାରେ ଜଣେ ୧୭ ବର୍ଷୀୟ ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗ କାରଣରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୀଡିତା ବାଳିକା ଭିର୍ଜିନିଆ ଗିଫ୍ରେ ଅଭିଯୋଗ କରିଥିଲେ ଯେ, ୨୦୦୧ରେ ମୋତେ ୧୭ ବର୍ଷ ହୋଇଥିବା ବେଳେ ଆଣ୍ଡ୍ରୁ୍ୟ ମୋର ଯୌନ ଶୋଷଣ କରିଥିଲେ। ଗିଫ୍ରେ ଚଳିତବର୍ଷ ଏପ୍ରିଲ୍‌ରେ ୪୧ ବର୍ଷ ବୟସରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଆଣ୍ଡ୍ରୁ୍ୟ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ଚଳିତ ମାସ ଆଣ୍ଡ୍ରୁ୍ୟ ଏଥିପାଇଁ ରାଜ ପରିବାରର 'ଡ୍ୟୁକ୍ ଅଫ୍ ୟାର୍କ' ଉପାଧିକୁ ପରିତ୍ୟାଗ କରିଥିଲେ। ଗୁରୁବାର ରାଜ ପରିବାର ତରଫରୁ ଏହି ଘୋଷଣା ସତ୍ତ୍ୱେ ଆଣ୍ଡ୍ରୁ୍ୟ ବ୍ରିଟିଶ ସିଂହାସନର ଉତ୍ତରାଧିକାରୀ ଭାବେ ଅଷ୍ଟମ ଦାବିଦାର ଭାବେ ବଜାୟ ରହିବେ।

## ଆମେରିକା ଚଳିତ ବର୍ଷ ୨,୭୯୦ ଭାରତୀୟଙ୍କୁ ବିଦା କରିଛି

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ବର୍ଷ ଆମେରିକାର ଏପର୍ଯ୍ୟନ୍ତ ଅବୈଧ ଭାବେ ରହୁଥିବା ୨, ୭୯୦ ଜଣ ଭାରତୀୟଙ୍କୁ ଦେଶରୁ ବିଦା କରିଛି। ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଶୁକ୍ରବାର ସୂଚନା ଦେଇଛି। ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୨,୭୯୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଭାରତ ପଠାଇ ଦିଆଯାଇଛି। ଏହି ଭାରତୀୟ ନାଗରିକମାନେ ଆମେରିକାରେ ରହିବା ପାଇଁ ମାନଦଣ୍ଡ ପୂରଣ କରିପାରି ନଥିଲେ କିମ୍ବା ସେଠାରେ ଅବୈଧ ଭାବେ ରହୁଥିଲେ। ଆମେ ଏହି ନାଗରିକଙ୍କ ପ୍ରମାଣ ପତ୍ର ଓ ନାଗରିକତା ବିଷୟରେ ସୂଚନା ଦେବା ପରେ ସେମାନଙ୍କୁ ଭାରତ ଫେରାଇ ଦିଆଯାଇଛି। କେବଳ ଆମେରିକା ନୁହଁ ବ୍ରିଟେନ ଅର୍ଥାତ ୟୁନାଇଟେଡ କିଙ୍ଗ୍‌ଡମ୍‌ରୁ ମଧ୍ୟ ବିଦା ହୋଇଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ଜୟସ୍ୱାଲ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ୟୁକେରୁ ପାଖାପାଖି ୧୦୦ଜଣ ଭାରତୀୟ ନାଗରିକଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି।

# ନୂଆପଡ଼ାରେ ଶାସକ ଦଳର ଦମନ ରାଜନୀତି

## ବିଜେଡି ନେତା ପ୍ରୀତିରଞ୍ଜନଙ୍କ ଭଡ଼ା ଘରେ ଚଢ଼ଉ

### କିଛି ନ ପାଇ ନିରାଶ ହୋଇ ଫେରିଲେ ଅଧିକାରୀ

**ନୂଆପଡା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି ଶାସକ ବିଜେପି ସେତିକି ଅଧିକ ହିଂସ୍ର ହୋଇ ଉଠୁଛି। ପରାଜୟ ଭୟରେ ଭୟଭୀତ ଶାସକ ବିଜେପି ବିରୋଧୀଙ୍କୁ ଦମନ କରିବାକୁ ପୁଲିସ ଓ ପ୍ରଶାସନକୁ ପ୍ରୟୋଗ କରିଛି। ତିନିଦିନ ତଳେ କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଖାନତଲାସୀ କରିଥିବାବେଳେ ଶୁକ୍ରବାର ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ପ୍ରଶାସନ ଚଢ଼ଉ କରିଛି। ବିନା ସର୍ଚ୍ଚ ୱାରେଣ୍ଟରେ ସରକାରୀ ଅଧିକାରୀ ଓ ବହୁ ଖାକି ପୋଷାକ ପିନ୍ଧା ଯୁବକ ପ୍ରୀତିରଞ୍ଜନଙ୍କ ଘରେ ପହଞ୍ଚି ବଳପୂର୍ବକ ଖାନତଲାସ କରିଛନ୍ତି। କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ନ ପାଇ ଶେଷରେ ଚଢ଼ାଉ ଦଳ ନିରାଶ ହୋଇ ଫେରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ମାଜିଷ୍ଟ୍ରେଟ ଡ଼.ରେଶମଲାଲ ନାଏକଙ୍କ ନେତୃତ୍ୱରେ ଏକ ଏସଏସଟି (ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ) ଟିମ୍ ଖରିଆରରୋଡ଼ ଯୋଙ୍କ ଥାନା ନିକଟରେ ପ୍ରୀତି ରଞ୍ଜନ ବିଧାୟକ ଘଡ଼ାଇଙ୍କ ଭଡ଼ା ଘରେ ପହଞ୍ଚିଥିଲା। ସେତେବେଳେ ପ୍ରୀତିରଞ୍ଜନ ଘରେ ନ ଥିଲେ। ତଥାପି ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଚଢ଼ଉକାରୀ ଦଳକୁ ସର୍ଚ୍ଚ ୱାରେଣ୍ଟ ଆଣିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସେମାନେ କୌଣସି ଉତ୍ତର ଦେବାକୁ ସକ୍ଷମ ହୋଇ ନ ଥିଲେ। ସେହି ଘରେ ରହୁଥିବା ଶ୍ରୀ ଘଡ଼େଇଙ୍କ ଜଣେ ସହଯୋଗୀ ଚଢ଼ଉକାରୀ ଦଳ ପାଇଁ ଫାଟକ ଖୋଲି ଦେଇଥିଲେ। ଏସଏସ୍ଟି ଟିମ୍ ଭଡ଼ା ଘରେ ସବୁ ଖୋଜାଖୋଜି କରିଥିଲେ ବି କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ପାଇ ନ ଥିଲେ। ସେମାନେ ଫେରିବାକୁ ବାହାରିଥିବାବେଳେ କିଛି ବିଜେଡି ସମର୍ଥକ ସେଠାରେ ପହଞ୍ଚିଥିଲେ। ସର୍ଚ୍ଚ ୱାରେଣ୍ଟ ବିନା ଘର ଯାଞ୍ଚକୁ ନେଇ ମାଜିଷ୍ଟ୍ରେଟ୍ ଡ଼. ନାଏକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖା ଯାଇଥିଲା। ଅନ୍ୟପକ୍ଷରେ ଏକ ଅଭିଯୋଗ ଆଧାରରେ ଏହି ଚଢ଼ଉ ହୋଇଥିଲା ଓ ସେଠାରୁ କିଛି ସାମଗ୍ରୀ ମିଳି ନ ଥିଲା ବୋଲି ମାଜିଷ୍ଟ୍ରେଟ କହିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲା ବିଜେଡି




**ନୂଆପଡ଼ା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ଜିଲ୍ଲାପାଳ ଓ ଏସପିଙ୍କୁ ଦାୟିତ୍ୱ ଦେଇଛି। ମାତ୍ର ସେମାନେ ଏବେ ଶାସକ ବିଜେପିର ଏଜେଣ୍ଟ ସାଜିଛନ୍ତି। ଜିଲ୍ଲା ପ୍ରଶାସନର ମୁଖିଆ ବୋଲାଉଥିବା ଏହି ଦୁଇ ବରିଷ୍ଠ ଅଧିକାରୀ ବୁଲିବୁଲି ବିଜେଡି ନେତା ଓ କର୍ମୀଙ୍କୁ ଧମକାଉଛନ୍ତି। ବିଜେପିକୁ ସମର୍ଥନ ନ କଲେ ଜେଲରେ ପୁରାଇ ଦେବାକୁ ନାଲି ଆଖି ଦେଖାଉଛନ୍ତି। ଭୋଟରଙ୍କୁ ଭୟଭୀତ କରିବାକୁ ମଧ ସେମାନେ ପଛାଉ ନାହାଁନ୍ତି। ନୂଆପଡ଼ା ଜିଲ୍ଲାପାଳ ଓ ଏସ୍ପି ଗଣତନ୍ତ୍ରକୁ ଦଳି ମକଚି ନିର୍ବାଚନ ପରିଚାଳନା କରୁଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛି ବିଜେଡି।

ଏକ ବିରାଟ ପଟୁଆରରେ ବିଜେଡି ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ତୁରନ୍ତ ନିଜର ଅଗଣତାନ୍ତ୍ରିକ କାର୍ଯ୍ୟାଧାରା ବନ୍ଦ କରିବା ପାଇଁ ଦାବି କରିଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜେଡି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ଅମିତ୍ ସିଂଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ,ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଅବିନାଶ ଠାକୁର, ମାନସ ବାଗ, ମଣ୍ଟୁ ନାଏକ, ଚିରାଗ ସିଂଦେଓ, ମୃତ୍ୟୁଞ୍ଜୟ ମିଶ୍ର, ମନୀନ୍ଦ୍ର ମହାନ୍ତି, ସୁବ୍ରତ ସିଂହ, ବାବୁ ଖାନ୍, କରନ ସିକନ୍ଦର, ଉଦିତ ପ୍ରତାପ ଭୋଇ, ନୀଳାମ୍ବର ସାହୁ, ଅଜିତ କୁମାର ସାହୁ, ଦେବାଶିଷ ଖାଡେଙ୍ଗା, ସୁମନ ନନ୍ଦ, ଶୁଭ୍ରାଂଶୁ ମିଶ୍ର, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଅରୂପ ଶ୍ରୀଚନ୍ଦନ, ଫାତମା ଖାତୁନ, ମନୋରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ସାହୁ, ଦିବ୍ୟ ସିଂହ ସେଠ, ବିଶ୍ୱଜିତ ଜେନା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାର ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି।

ନୂଆପଡ଼ା ଉପନିର୍ବାଚନରେ ସ୍ଥାନୀୟ ଜିଲ୍ଲାପାଳ, ଏସ୍ପି ବିଜେପିର ଷ୍ଟାର ପ୍ରଚାରକ ଭାବରେ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନୂଆପଡ଼ାର ଜନତା ଏହାକୁ କେବେ ବରଦାସ୍ତ କରିବେ ନାହିଁ। ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ପରିଚାଳନା ଲାଗି ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ବେଆଇନ କାର୍ଯ୍ୟ ବନ୍ଦ କରି ନିରପେକ୍ଷ ହେବାକୁ ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଥିଲେ। ଯଦି ନୂଆପଡ଼ା ପ୍ରଶାସନ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନ କରେ ତେବେ ତାର ଉଚିତ୍ ଜବାବ ନୂଆପଡ଼ାବାସୀ ଦେବେ ବୋଲି କହିଛନ୍ତି।

## କଳିଙ୍ଗା ଘାଟିରେ ସ୍ୱାଭାବିକ ହେଲା ଯାତାୟାତ



ଅନୁମତି ମିଳିବା ପୂର୍ବରୁ ଗାଡ଼ି ଚାଲିଲା

**ଜି.ଉଦୟଗିରି, ୩୧।୧୦ (ସମିସ):** ୪୫ ଦିନ ପରେ ସ୍ୱାଭାବିକ ହୋଇଛି କଳିଙ୍ଗାଘାଟିରେ ଯାତାୟାତ। ଗତ ମାସ ୧୬ ତାରିଖରେ କଳିଙ୍ଗା ଘାଟିରେ ଭୂ-ସ୍ଖଳନ ହୋଇ ରାସ୍ତା ଧୋ ଯାଇଥିଲା। ଆଜି ରାସ୍ତା କାମ ଶେଷ ହୋଇଥିବା ବେଳେ ଦୁଇ ଚକିଆ ଓ ଚାରି ଚକିଆ ଯାନବାହାନ ଚଳାଚଳ କରିଛି। ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନଥିବା ବେଳେ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ଯାତାୟାତ ଆରମ୍ଭ ହୋଇଯାଇଛି। ବିପଦସଂକୁଳ ଅବସ୍ଥାରେ ଅଟକି ରହିଥିବା ପଥର ବ୍ଲାଷ୍ଟିଂ କାମ ସରିବା ପରେ ଅସ୍ଥାୟୀ ରାସ୍ତାରେ ପଡ଼ିଥିବା ମାଟି ବାଲି ପଥର ସଫା କାମ ସରିଛି। ଦୁଇ ଓ ଚାରିଚକିଆ ଯାନ କଳିଙ୍ଗା ଘାଟି ଦେଇ ଚଳାଚଳ କରିବା ନିମନ୍ତେ ଜାତୀୟ ରାଜପଥ ବିଭାଗ ତରଫରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା କହିଛନ୍ତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ। ହାଲୁକା ଯାନ ଚଳାଚଳ ପାଇଁ ବିଧିବଦ୍ଧ ଭାବେ ଜିଲ୍ଲାପାଳ ଘୋଷଣା କରିବାକୁ ଅପେକ୍ଷା ରହିଛି। ମାତ୍ର ଏହା ପୂର୍ବରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଥିବାବେଳେ ଏହାକୁ ନେଇ ଆଶ୍ୱସ୍ତ ହୋଇଛନ୍ତି ଜିଲ୍ଲାବାସୀ।

### ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲା

## ଦୁଇ ଯବାନଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୩୧।୧୦ (ସମିସ):** ବସ୍ ଭିତରେ ୪ ବର୍ଷର ଏକ ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲାର ବିଚାର କରି ସ୍ୱତନ୍ତ୍ର ପକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ୨ ଯବାନଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଦୁଇ ଯବାନ ହେଲେ, ଗୁଜରାଟ ନିବାସୀ ଭୂତେଦିଆ ଜୟଶ କୁମାର (୩୦) ଓ ଦେଓଗଡ଼ ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାମ କରୁଥିବା ବେଳେ ହସେଲଦାର ଆର୍ମି ଏଡି କଲେଜର ନାଏକ ଭାବେ କାମ କରୁଥିଲେ। ଉଭୟଙ୍କଠାରୁ ଆଦାୟ ୨୦ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ଅଧିକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ ନିର୍ଦ୍ଦେଶ ରହିଛି। ଏହାସହ ପୀଡ଼ିତାଙ୍କ ପରିବାରକୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଡିଏଲଏସଏଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ଜନୈକା ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ ଭିତରେ ଯୌନ ଶୋଷଣ କରାଯାଇଥିଲା। ଏନେଇ ଶିଶୁକନ୍ୟାଜଣକ ନିଜ ପରିବାର ବର୍ଗଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

### ପ୍ରୀତିରଞ୍ଜନଙ୍କ ଭଡ଼ାଘରେ ପୁଲିସର ରେଡ୍

## ବେଆଇନ୍ କାର୍ଯ୍ୟକୁ ନେଇ ସିଇଓଙ୍କୁ ଭେଟିଲା ବିଜେଡି



**ଭୁବନେଶ୍ୱର,୩୧।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଜୋରଦାର ପ୍ରଚାର ଭିତରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ଚଢ଼ଉ କରିଛି ପୁଲିସ। ଏହି ଘଟଣାକୁ ବିଜେଡି ତୀବ୍ର ବିରୋଧ କରିବା ସହ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟିଛି। ଏହି ଚଢ଼ାଉକୁ ବିଜେଡି ବେଆଇନ ଦର୍ଶାଇବା ସହ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦଳ ଅଭିଯୋଗ କରିଛି। ତେଣୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛି ଯେ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ନିର୍ବାଚନ ପ୍ରଚାରର ତଦାରଖ ଦାୟିତ୍ୱ ଦିଆଯାଇଛି। ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସେ ଆଇନଗତ ଭାବେ ସେଠାରେ ଏକ ଭଡ଼ା ଘରେ ରହୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମାତ୍ର ନୂଆପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁଲିସ ସହିତ ଶ୍ରୀ ଘଡ଼ାଇଙ୍କ ବାସଭବନରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେହି ଘରୁ କୌଣସି ଅପରାଧିକ ସାମଗ୍ରୀ ମିଳି ନାହିଁ। ଗତ ୨୭ ତାରିଖରେ ଦଳ ତରଫରୁ ନୂଆପଡା ଜିଲ୍ଲାପାଳ ଏବଂ ଏସ୍ପିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଏକ ଦାବିପତ୍ର ଦିଆଯାଇଥିଲା। ଦଳ ସେତେବେଳେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହ ସେମାନେ ବିଜେପି ସରକାର ଦ୍ୱାରା ପ୍ରଭାବିତ ହୋଇ ବିଜେପି ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଥିଲା। ଦୁର୍ଭାଗ୍ୟବଶତଃ ସେବେଠାରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ କ୍ଷମତାର ଅଧିକ ଅପବ୍ୟବହାର ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

### ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି

### ଖାକି ପୋଷାକ ପିନ୍ଧି ବୁଲୁଛନ୍ତି ୫୦୦ ଛତିଶଗଡ଼ୀ ବିଜେପି କର୍ମୀ

ସେହିପରି ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିଛି ବିଜେଡି। ସାଂସଦ ସୁଲତା ଦେଓ ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ସାଂଘାତିକ ଅଭିଯୋଗ କରିଛନ୍ତି। ଛତିଶଗଡ଼ ବିଜେପିର ୫୦୦ ଯୁବ କର୍ମୀଙ୍କୁ ପୁଲିସ ପୋଷାକ ପିନ୍ଧାଇ ବିଜେପି ନୂଆପଡ଼ାରେ ନିୟୋଜିତ କରିଛି। ସେମାନେ ସେଠାରେ ଜୁଲୁମ ଚଳାଇଛନ୍ତି। ଲୋକଙ୍କୁ ଭୟଭୀତ କରୁଛନ୍ତି ଓ ଲୋକମାନେ ବି ସେମାନଙ୍କୁ ସତ ପୁଲିସ ଭାବି ଭୟରେ ତୁଣ୍ଡ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ବିଜେପି ବାରମ୍ବାର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ଚାଲିଥିଲେ ବି ନିର୍ବାଚନ ଅଧିକାରୀ ନିରବ ରହିଛନ୍ତି। ପରାଜୟ ଭୟରେ ବିଜେପି ସବୁ ସୀମା ଅତିକ୍ରମ କରିଛି ବୋଲି ଉଭୟ ନେତା ଅଭିଯୋଗ କରିଛନ୍ତି।

### କାଳ ହେଲା ଦ୍ରୁତଗତିରେ ବାଇକ୍ ଚାଳନା

## କଲ୍‌ଭର୍ଟରେ ପିଟି ହୋଇ ୨ ମୃତ

**ବ୍ୟାସନଗର, ୩୧।୧୦ (ସମିସ):** କାଳ ହେଲା ଦ୍ରୁତଗତିରେ ଗାଡ଼ି ଚାଳନା। କଲଭର୍ଟ ବାଡାରେ ବାଇକ୍ ପିଟି ହୋଇ ଚାଲିଗଲା ୨ଜଣଙ୍କ ଜୀବନ। ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ତଣ୍ଡରା ଗ୍ରାମର ଜିତେନ୍ଦ୍ର ମଲ୍ଲିକ ରୁଦ୍ର ମଲ୍ଲିକ। ସୂଚନାନୁଯାୟୀ, ଜିତେନ୍ଦ୍ର, ରୁଦ୍ର ଓ ଅନ୍ୟ ଜଣେ ସାଙ୍ଗ ମାନସ ଏକ ବାଇକ୍‌ରେ ବ୍ୟାସନଗର ପୌରାଞ୍ଚଳକୁ ଯାଇଥିଲେ। ବାଇକ୍‌ର ଗତି ଅଧିକ ଥିବା ବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା କଡ଼ରେ ଥିବା କଲଭର୍ଟ ବାଡ଼ାରେ ପିଟି ହୋଇଯାଇଥିଲା। ଏଥିରେ ଜିତେନ୍ଦ୍ର ଓ ରୁଦ୍ର ଗୁରୁତର ଆହତ ହୋଇଥିଲେ। ଶଙ୍ଖଚିଲା ଫାଣ୍ଡି ପୁଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ଜିତେନ୍ଦ୍ର ଓ ରୁଦ୍ରକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତଣ୍ଡରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ନୂଆପଡ଼ା ପାଇଁ ଆଉ ୧୭ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ

**ଭୁବନେଶ୍ୱର, ୩୧।୧୦ (ସମିସ):** ନଆପଡ଼ା ଉପନିର୍ବାଚନରେ ଦଳର ବିଭିନ୍ନ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମରେ ସଂଯୋଜନା କରିବା ପାଇଁ ଆଉ ୧୭ ଜଣ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେସ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପାଡ଼ଲ, ମାସ ମାଡକାମୀ, ଝିନ୍ନ ହିକ୍କା, ସାନନ୍ଦ ମାର୍ଣ୍ଣି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଇଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ, ଦୁଷ୍ମନ୍ତ ନାୟକ ପ୍ରମୁଖ ସାମିଲ ଅଛନ୍ତି। ଏହି ନେତାମାନଙ୍କୁ ତତ୍‌କାଳୀନ କାର୍ଯ୍ୟରେ ନିୟୋଜିତ ହେବାକୁ ବିଜେଜି ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି

## ଘଟଣା ପଛରେ ବଡ଼ ନେଟ୍‌ୱର୍କ: କ୍ରାଇମ୍‌ବ୍ରାଞ୍ଚ ଡିଜି

**ଭୁବନେଶ୍ୱର,୩୧।୧୦(ସମିସ):** ପୁଲିସ୍ ଏସ୍‌ଆଇ ପରୀକ୍ଷା କେଳେଙ୍କାରି ମାମଲା ସିବିଆଇକୁ ହସ୍ତାନ୍ତର ହେବାର ସପ୍ତାହେ ପୂରିବ। ହେଲେ ଏପର୍ଯ୍ୟନ୍ତ ସିବିଆଇ ତା'ର ତଦନ୍ତ ଆରମ୍ଭ କରିନାହିଁ। ସେପେଟେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଜାମିନ୍ ପାଇ ଘରକୁ ଫେରିଥିବାରୁ ସିବିଆଇ ତଦନ୍ତ ଆରମ୍ଭ କରିବା ପୂର୍ବରୁ ସବୁ କିଛି ପ୍ରମାଣ ନଷ୍ଟ ହୋଇ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ସିବିଆଇ ତଦନ୍ତ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ଭୟ

### ଶଙ୍କରକୁ ଏପର୍ଯ୍ୟନ୍ତ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ

ଅନ୍ୟପଟରେ ଏହି ପ୍ରସଙ୍ଗରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏହି ଘଟଣା ପଛରେ ବଡ଼ ଧରଣର ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ବଡ଼ ଷଡ଼ଯନ୍ତ୍ର ଏବଂ ମନି ଟ୍ରଲ୍‌ର ସଂପୃକ୍ତି ରହିଛି। ସେହି କାରଣରୁ ରାଜ୍ୟ ସରକାର ଏହାକୁ ସିବିଆଇ ତଦନ୍ତ କରିବାକୁ କହିଛନ୍ତି। ଯେହେତୁ ସିବିଆଇର ସମ୍ପୂର୍ଣ୍ଣ ଭାରତରେ ତଦନ୍ତ କରିବାର କ୍ଷମତା ରହିଛି ତେଣୁ ଷଡ଼ଯନ୍ତ୍ର ଦିଗକୁ ଭଲ ଭାବେ ସେମାନେ ତଦନ୍ତ କରିବେ। ଦୋଷୀମାନଙ୍କ ପାଖରେ ପହଞ୍ଚିବେ। କେବଳ ବିଜୟନଗରମ କିମ୍ବା ଦୀଘା ମୋଡୁଲ ନୁହେଁ; ଏହା ପଛରେ ଅନେକ ମୋଡୁଲ ରହିଥାଇପାରେ। ସିବିଆଇ ଏ ସବୁକୁ ବାହାର କରିବ। ଯେତିକି ପ୍ରମାଣ ଆମେ ପାଉଛୁ, ସେତିକି ତଥ୍ୟ ଆମେ କହୁଛୁ। ଅନୁମାନ କରି କହିବା ମାମଲାକୁ ହାନି ପହଞ୍ଚାଇପାରେ। ଯେହେତୁ ସିବିଆଇ ମାମଲାର ତଦନ୍ତ କରିବ, ସେମାନେ ଯେତେବେଳେ ଆସିବେ ଆମେ ତାଙ୍କୁ 'ଅପ୍‌ଟୁଡେଟ୍' କେସ୍ ରେକର୍ଡ ହସ୍ତାନ୍ତର କରିବୁ। ଦୋଷୀମାନଙ୍କ ପାଖରେ ସିବିଆଇ ପହଞ୍ଚିପାରିବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ତେବେ ଦିଲ୍ଲୀରେ ଲୁଚିଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଧରିବାରେ ବିଫଳ ହୋଇଛି କ୍ରାଇମ୍‌ବ୍ରାଞ୍ଚ। ଶଙ୍କର ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଜାଣିଥିଲେ ମଧ କ'ଣ ପାଇଁ ଗିରଫ କରିପାରୁନି, ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

# ଯୁବବର୍ଗ ବେକାର; ବୃଦ୍ଧଙ୍କୁ ଚାକିରି

- କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧ
- କୋର୍ଟରେ ଗଡୁଛି ମାମଲା: ପକ୍ଷ ରଖୁନାହାନ୍ତି ସରକାର
- କର୍ଣ୍ଣପାତ କରୁ ନାହାନ୍ତି ଉଚ୍ଚଶିକ୍ଷା ଓ ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୦(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି; ହେଲେ ସରକାର ନୂତନ ନିଯୁକ୍ତି ଦେଉ ନାହାନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଣଶିକ୍ଷକ ପଦରେ ମଧ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ବେକାର ବୁଲୁଥିବାବେଳେ ଅବସରପ୍ରାପ୍ତ ବୃଦ୍ଧଙ୍କୁ ସରକାର ନିଯୁକ୍ତି ଦେବାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା

ଗତ ୨୩ ତାରିଖରେ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଚଳିତ ଶିକ୍ଷାବର୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏପଟେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଥିବା ସରକାର ନୂତନ ଅଧ୍ୟାପକ ନିଯୁକ୍ତି କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯୋଗ୍ୟତା ମାନଦଣ୍ଡକୁ ନେଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ଏପରିକି ଡବଲ୍ ବେଞ୍ଚରେ ହୋଇଥିବା ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଖାଲି ପଦରେ ନିଯୁକ୍ତି ଦେବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଏସ୍‌ଏସ୍‌ବି ଅଧ୍ୟାପକ ଆଶାୟୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଅପରପକ୍ଷରେ ଚାକିରି ଆଶାୟୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସରକାରୀ ବ୍ୟବସ୍ଥାକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦ ପୂରଣ କରିବାରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ୨୦୨୪ ମାର୍ଚ୍ଚରେ ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏଯାଏଁ କୋର୍ଟରେ ବିଚାରଧୀନ ରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ବହୁ ପଦ ଫାଙ୍କା ପଡ଼ିଛି। ନିୟମିତ ଭାବେ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଛି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ତ୍ରୁଟି କାରଣରୁ ପ୍ରାୟ ସମସ୍ତ ବିଜ୍ଞପ୍ତି କୋର୍ଟକୁ ଯାଉଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଛି। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ଏସ୍‌ଏସ୍‌ବି ନିଯୁକ୍ତି କରାଗଲେ ଅଧ୍ୟାପକ ଅଭାବ ପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ନ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀମାନେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକଙ୍କ ସହ ସଂଗ୍ରାମ ମୋହାଲିକ, କମଳାକାନ୍ତ ଶତପଥି, ବିଜୟ ମଲ୍ଲିକ, ରଞ୍ଜିତ ପ୍ରଧାନଙ୍କ ସହ ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ।

## ରାଧାପାଦ ଦର୍ଶନ କଲେ ୨ ଲକ୍ଷ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୩୧।୧୦ (ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଲ ନବମୀ ଅସରରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଆଜି ମା' ରାଧାରାଣୀଙ୍କ ଦୁର୍ଲଭ ପାଦ ଦର୍ଶନ କରିଛନ୍ତି। ମା'ଙ୍କ ପାଦ ଦର୍ଶନ ପାଇଁ ଦିନତମାମ ମନ୍ଦିରଠାରୁ ୩ କି.ମି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ମା' ରାଧାରାଣୀ ଶ୍ରଦ୍ଧାଳୁଙ୍କ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥା'ନ୍ତି। ପୂର୍ବରାତ୍ରିରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର୍ ପ୍ରାୟ ୫ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଯାଇ ଦର୍ଶନ କରିଥିଲେ।

କୁହାଯାଏ, ମହାପ୍ରଭୁ ସାକ୍ଷୀଗୋପାଳ ଉତ୍ତର-ଭାରତରୁ ଆସିଥିବାରୁ ଠାକୁରାଣୀ ଶ୍ରୀଶ୍ରୀରାଧାରାଣୀ ଉତ୍ତର-ଭାରତୀୟ ବେଶଭୂଷା ପରିଧାନ କରିଥା'ନ୍ତି। ଫଳରେ ବର୍ଷସାରା ମା'ଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ। କେବଳ ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିଥା'ନ୍ତି। ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ ଏବଂ ପାଦ ଦର୍ଶନର ସୁଯୋଗ ମିଳିଥାଏ।

ଏଥିପାଇଁ ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା। ପାଦରେ ଅଳତା ଓ ଆଖିରେ କଜଳ ଲଗାଯାଇଥିଲା। ସେହିପରି ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳମାଳ ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆମାଳ, ସୁବର୍ଣ୍ଣ ଚକିମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ ଶୋଭା ପାଉଥିଲା। ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜିଉଙ୍କର ମନୋରମ ନଟବର ବେଶ ହୋଇଥିଲେ। ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲହାର, ହସ୍ତରେ ସୁବର୍ଣ୍ଣବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।

# ଆରଆଇଙ୍କୁ ୨ ବର୍ଷ କାରାଦଣ୍ଡ

ଅନୁଗୋଳ,୩୧।୧୦(ସମିସ): ଲାଞ୍ଚ ନେବା ଅଭିଯୋଗରେ ଜଣେ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ)ଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅନୁଗୋଳ ସ୍ୱତନ୍ତ୍ର ଜଜ୍। ସୂଚନା ଅନୁସାରେ ଅଞ୍ଜନା ବେହେରା ନାମକ ଜଣେ ମହିଳାଙ୍କ ମ୍ୟୁଟେସନ କେସ୍ ଥିଲା। ଏହି କେସ୍ ପାଇଁ ସେ କୁମୁରିସିଂହା ରେଭେନ୍ୟୁ ଅଫିସକୁ ବାରମ୍ବାର ଦୌଡୁଥିଲେ ମଧ ରେଭେନ୍ୟୁ ଇନ୍ସପେକ୍ଟର ଲାଞ୍ଚ ନଦେଲେ ତାଙ୍କ କାମ କରୁ ନଥିଲେ। ଏଥିପାଇଁ ଅଞ୍ଜନା ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ରେଭେନ୍ୟୁ ଇନ୍ସପେକ୍ଟର ଗୁଣନିଧିଙ୍କୁ କାବୁ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଶୁଣାଣି କରି ଆଜି ଅନୁଗୋଳ ସ୍ପେସିଆଲ ଜଜ ତଥା ଭିଜିଲାନ୍ସ କୋର୍ଟ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଏକ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି।

# ପାନ ଦୋକାନରେ ପୁଲିସର ଚଢ଼ଉ



ନାଲକୋ ନଗର,୩୧।୧୦(ସମିସ): ନାଲକୋ ଥାନା ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ ତମାଖୁ, ସିଗାରେଟ ଭଳି ମାଦକ ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବାକୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ନାଲ୍‌କୋ ପୁଲିସ ପକ୍ଷରୁ ଚଢ଼ଉ ହୋଇଛି। ଏହି ଚଢ଼ଉ ଅବକାରୀ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ନାଲକୋ ପୁଲିସ ମିଳିତ ଉଦ୍ୟମରେ ନାଲକୋ ଥାନା ଇଲାକାରେ ବିଭିନ୍ନ ପାନ ଦୋକାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ମଧ୍ୟାହ୍ନ ସମୟରେ ନାଲକୋ ଟାଉନସିପ୍‌ଠାରୁ ଆରମ୍ଭ କରି ନାଲ୍‌କୋ ମେନ ଗେଟ ଛକ, ଏଫ୍‌ସିଆଇ ଛକ, ସେଣ୍ଟ୍ରାଲ ମାର୍କେଟ, ଗିରାଙ୍ଗ ଛକ, ବଳରାମ ପ୍ରସାଦ ଛକ, ସିପିପି ରୋଡ୍, ସିପିପି ଛକ, କୁଲାଡ ଛକ ଆଦି ଅଞ୍ଚଳ ଛୋଟ ମୋଟ ଖୁଚୁରା ଦେଜରାତି, ପାନ ଦୋକାନରେ ଚଢ଼ଉ କରି ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ନିକୋଟିନ ଯୁକ୍ତ ଗୁଟ୍‌ଖା ବିକ୍ରି କରିବା ଅଭିଯୋଗ ଆଧାରରେ ଫାଇନ କଟାଯାଇଛି। ସେହିଭଳି ଗୋଟିଏ ଦୋକାନରୁ ସମ୍ମୁଖରେ ଜଣେ ଗ୍ରାହକ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ଟାଣୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଫାଇନ୍ ମଧ କରାଯାଇଥିଲା। ଏଭଳି ମାଦକ ଦ୍ରବ୍ୟ ଓ ନିକୋଟିନ ଯୁକ୍ତ ଗୁଟ୍‌ଖା ବିକ୍ରି କରିବା ଅଭିଯୋଗ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କଠାରୁ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ୍ ଆଦାୟ କରାଯାଇଥିବା ଜଣାଯାଇଛି। ତମାଖୁ ବିରୋଧୀ ସ୍କ୍ୱାଡ୍‌ରେ ନାଲକୋ ପୁଲିସ ଅଧିକାରୀ ଏଏସ୍‌ଆଇ ଦୀପକ ସିଂ, ଅବକାରୀ ବିଭାଗ ଅଧିକାରୀ ସୌରଭ ଗୌତମ ଓ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରିଣୀ ହରପ୍ରିୟା ବେହେରାଙ୍କ ମିଳିତ ଉଦ୍ୟମରେ ଚଢ଼ଉ ହୋଇଥିଲା। ଆଗକୁ ଚଢ଼ଉ ଜାରି ରହିବ ବୋଲି ମଧ ପ୍ରକାଶ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ, ଗଣଦୌଡ଼






ନାଲ୍‌କୋ ନଗର

ଅନୁଗୋଳ,୩୧।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ଗଣ ଦୌଡ଼ ଓ ଶପଥ ପାଠ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଦେଶର, ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଏବଂ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବା ସହ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନେଇ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ସେହିପରି ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳେ ଅନୁଗୋଳ ଷ୍ଟାଡିୟମଠାରୁ ମାରାଥନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ସାଂସଦଙ୍କ ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ଜନସାଧାରଣ ଯୋଗ ଦେଇଥିଲେ। ଅକ୍ଷୟ କୁମାର ସିଠ ପରିଚାଳନା କରିଥିଲେ।

**ନାଲ୍‌କୋ ନଗର:** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଛି। ଏହିକ୍ରମରେ ଅନୁଗୋଳ ଜିଲ୍ଲା ନାଲକୋ ନଗର ଆଦର୍ଶ ଥାନା ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଥାନା ଆଇଆଇସି ଶ୍ୟାମଲାଲ ଓରାମଙ୍କ ତତ୍ତ୍ୱାବଧାନରେ ଏହି ଗଣ ଦୌଡ଼ ଥାନା ପରିସରରୁ ବାହାରି ଜାତୀୟ ରାଜପଥ ଦେଇ ଡେଲିମାର୍କେଟ, ମାଛ ମାର୍କେଟ, ସ୍ମେଲ୍ଟର ମେନ ଗେଟ, ଏଫ୍‌ସିଆଇ ଛକଦେଇ ସେଣ୍ଟ୍ରାଲ ମାର୍କେଟଠାରୁ ନାଲକୋ କଲୋନୀ ୩ନଂ ଗେଟ, ଟାଉନ ସିପ, ଗେଟ ନଂ୧ରେ ବାହାରି ବଜାର ଦେଇ ଥାନା ଠାରେ ପହଞ୍ଚିଥିଲା। ଏହି ଗଣ ଦୌଡ଼ରେ ନାଲକୋ ବିଦ୍ୟୁତ ମଜଦୂର ସଂଘ ସଭାପତି ଶ୍ରମିକ ନେତା ପ୍ରକାଶ ସିଂହ, ସମ୍ପାଦକ ସୁଜିତ ସେଠ, କୁଲାଡ଼ ଟ୍ରକ୍ ମାଲିକ ସଂଘର ତରୁଣ ସ୍ୱାଇଁ, ତାପସ ସ୍ୱାଇଁ, ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲଇଜ ୟୁନିୟନ କାର୍ଯ୍ୟକର୍ତ୍ତା ଜଗନ୍ନାଥ ସେଠ, କାଣ୍ଡସର ପଞ୍ଚାୟତ ନାଏବ ସରପଞ୍ଚ ନଗେନ ପ୍ରଧାନ, ଅମିତ ବିଶୋଇ, ପୁଲିସ ଅଧିକାରୀ ଗଙ୍ଗାଧର ବେହେରା, ଦୀପକ କୁମାର ସିଂ, ପବିତ୍ର କୁମାର ବାଗ, ସୁବ୍ରତ ପାଢ଼ୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଏବଂ ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।



ତାଳଚେର

**ତାଳଚେର:** ତାଳଚେର ଏନ୍‌ଟିପିସି ପକ୍ଷରୁ ଥର୍ମାଲ ପରିସର ମଧ୍ୟରେ ରହିଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏକଜ୍ୟୁକ୍ୟୁଟିଭ ଡାଇରେକ୍ଟର ବିଜୟ ଚାନ୍ଦ, ଜିଏମ୍ ପ୍ରୋଜେକ୍ଟ ଜେପି ରାଏ, ଜିଏମ୍ ମେକାନିକାଲ ଇରେକସନ୍ ରୋହିତ କୁମାର, ଏଜିଏମ୍ (ଏଚ୍‌ଆର୍) ରୋହିତ କୁମାର ଏବଂ ଏନ୍‌ଟିପିସି ଟିଟିପିଏସର ସମସ୍ତ ଅଧିକାରୀ, ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଆଠମଲ୍ଲିକ

**ଆଠମଲ୍ଲିକ:** ଆଠମଲ୍ଲିକ ଥାନା ପକ୍ଷରୁ ଶୁକ୍ରବାର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତଡ଼ଙ୍ଗିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଠମଲ୍ଲିକ ଥାନାରୁ ଏକ ମାରାଥନ ଦୌଡ଼ରେ ସାମିଲ୍ ହୋଇଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ପୁଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆଦର୍ଶ ଥାନା ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଥାନା ଅଧିକାରୀ ଆଶିଷ କୁମାର ଜେନାଙ୍କ ନେତୃତ୍ୱରେ ବହୁ ସ୍ଥାନୀୟ ଯୁବକ, ଏନସିସି କ୍ୟାଡେଟ୍, ବୁଦ୍ଧିଜୀବୀ ଓ ଆଇନଜୀବୀ ସାମିଲ ହୋଇଥିଲେ।

**ଓ.ପି.ଜିନ୍ଦଲ ସ୍କୁଲ:** ଅନୁଗୋଳର ଜିନ୍ଦଲ ନଗରରେ ଥିବା ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଏହିଅବସରରେ ଇଣ୍ଟର ହାଉସ୍ ଦୌଡ଼ "ରନ୍ ଫର୍ ୟୁନିଟି' ଆୟୋଜନ କରାଯାଇଥିଲା। ଜିନ୍ଦଲ ଷ୍ଟିଲର ପ୍ରଶାସନ ବିଭାଗ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜେତା ଏବଂ ଉପବିଜେତାଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ ବଣ୍ଟନ କରାଯାଇଥିଲା। ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା।

**ବଇଣ୍ଡା:** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଛକ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଣ୍ଡପା ଆଇଆଇସି ନମିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଇଣ୍ଡା ଅଞ୍ଚଳବାସୀ ଓ ନାଇସ କମ୍ପ୍ୟୁଟର ସେଣ୍ଟରର ଛାତ୍ରଛାତ୍ରୀ ଗଣ ଦୌଡ଼ରେ ସାମିଲ ହୋଇଥିଲେ। ବଇଣ୍ଡାଠାରୁ ଏହି ଦୌଡ଼ ବାହାରି କଲେଜ ଦେଇ ବଇଣ୍ଡା ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଆଇନଜୀବୀ ଉଗ୍ରେସନ ସେଠୀ, ସଞ୍ଜୟ ସାହୁ, ବୁବୁନ ପ୍ରଧାନ, ଗିରିଶ ଚନ୍ଦ୍ର ବେହେରା, ଶ୍ରୀଧର ବେହେରା, ରାଜେନ୍ଦ୍ର ସାହୁ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ପ୍ରମୁଖ ଯୋଗ ଦେଇଥିଲେ।



କାମାକ୍ଷାନଗର


କାମାକ୍ଷାନଗର


ବଇଣ୍ଡା

# ବସ୍ ମାଲିକ ସଂଘର ସ୍ୱନକ୍ଷତ୍ର



ଅନୁଗୋଳ,୩୧।୧୦(ସମିସ): ଅନୁଗୋଳ ଜିଲ୍ଲା ବସ୍ ମାଲିକ ସଂଘର ୩୧ତମ ସ୍ୱନକ୍ଷତ୍ର ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଅନୁଗୋଳ ଡାକ୍ତରଖାନାର ମାତୃ ଓ ଶିଶୁ ଯତ୍ନ ୱାର୍ଡରେ ଫଳ ବଣ୍ଟନ କରାଯାଇଥିଲା। ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ, ଏଡିଏମ୍‌ଓ ଡା ଦିଲ୍ଲୀପ ପଟ୍ଟନାୟକ, ଡା. ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ଣରେ ଟ୍ରକ୍ ମାଲିକ ସଂଘ ସଭା କକ୍ଷରେ ଏକ ବନ୍ଧୁ ମିଳନ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବସ୍ ମାଲିକ ସଂଘ ସଦସ୍ୟ ଯୋଗଦେଇ ଯାତ୍ରୀ ପରିବହନ ସମସ୍ୟା ଓ ଏହାର ନିରାକରଣ ନେଇ ଆଲୋଚନା କରିଥିଲେ। ଏହି ସମାବେଶରେ ଅନୁଗୋଳ ସଂଘ ସଭାପତି ମାନସ ସାମଲ, ଉପ ସଭାପତି କଲ୍ଲୋଳ କାନ୍ତ ସାହୁ, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ସହ ସମ୍ପାଦକ ସୁଦୀପ୍ ଗଡ଼ନାୟକ ଓ କୋଷାଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବସ୍ ମାଲିକଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପୁଲିସକୁ ମାଡ଼ ଘଟଣାରେ ଜଣଙ୍କୁ ଗିରଫ କଲା ପୁଲିସ

ଛେଣ୍ଡିପଦା,୩୧।୧୦(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପୁଲିସକୁ ନିର୍ଦ୍ଧୁମ ମାଡ଼ ଘଟଣାରେ ପୁଣି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଯୁବକ ଜଣଙ୍କ ହେଲେ ମେଟା କମ୍ପାନୀରେ କାର୍ଯ୍ୟ କରୁଥିବା ନିଶା ଶିଙ୍ଗାଞ୍ଚଳ ଥାନା ଡାବରଧୂଆ ଗ୍ରାମର ସତ୍ୟବ୍ରତ ଦେବତା। ସୂଚନା ଯେ ଜରପଡା ଷ୍ଟେସନରେ ଟ୍ରେନ ମାଧମରେ ଘରୋଇ କୋଇଲା ପରିବହନକୁ ନେଇ ମେଟା ଓ ଯସୁଜା ବିବାଦକୁ ନେଇ ଗତ ୨୪ ତାରିଖ ଅପରାହ୍ନରେ ଜରପଡ଼ା ଥାନାର ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଓ କନେଷ୍ଟବଳ ରମାକାନ୍ତ ମାଝୀ ସେଠାରେ କାମ ହେଉଥିବା ଖବର ପାଇ ଘଟଣା ସମ୍ପର୍କରେ ବୁଝିବାକୁ ଯାଇଥିଲେ। ସେହି ସମୟରେ ମେଟା କମ୍ପାନୀର ସୁପରଭାଇଜର ଅମ୍ଳାନ ଓ ମେସନ ଅପରେଟର ସୁଦର୍ଶନ, ସତ୍ୟବ୍ରତ ଦେବତାଙ୍କ ସହିତ ୧୦ ଜଣରୁ ଊର୍ଦ୍ଧ୍ୱ ଯୁବକ ହକିଷ୍ଟିକ୍, ଲୁହାଛଡ଼ ଆଦିରେ ମାଡ଼ ମାରିବା ସହିତ ବାଇକ୍ ଭାଙ୍ଗି ଦେଇଥିଲେ। ଫଳରେ ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଆହତ ହୋଇଥିବାବେଳେ କନେଷ୍ଟବଳ ରମାକାନ୍ତ ମାଝୀ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଜରପଡ଼ା ଥାନାରେ ୪୩୭/୨୫ରେ ଏକ ମାମଲା ରୁଜୁ କରାଯିବା ସହିତ ଏହି ଘଟଣାରେ ପୁଲିସ ପୂର୍ବରୁ ମେଟା କମ୍ପାନୀର ସୁପରଭାଇଜର ଭାବେ କାମ କରୁଥିବା ଅମ୍ଳାନ ଓ ପୋକଲିନ ଅପରେଟର ସୁଦର୍ଶନଙ୍କୁ ପୁଲିସ ଗିରଫ କରିଥିବା ବେଳେ ଶୁକ୍ରବାର ସତ୍ୟବ୍ରତ ଦେବତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ତୁବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା



ଅନୁଗୋଳ,୩୧।୧୦(ସମିସ); ବଣ୍ଟାଁରପାଳ ବ୍ଲକ ଅନ୍ତର୍ଗତ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ବିଦ୍ୟାଳୟରୁ ୭୪ଟି ପ୍ରକଳ୍ପ ନେଇ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତୁବେ ଗ୍ରାମ ପଞ୍ଚାୟତର ସରପଞ୍ଚ ଅନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ତଥା ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା ଏବଂ ଅବଜରଭର୍ ଭାବେ ଜରଡ଼ା ଉଚ୍ଚ ବିଦ୍ୟାଳୟର ମନୋଜ କୁମାର ସାହୁ, ତୁବେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ, କଞ୍ଚରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ଭୂଷଣ ସାହୁ, ତୁବେ ସ୍କୁଲର ଚେୟାରମ୍ୟାନ ପପୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମେଳାରେ ସଡ଼କ ସାହି ପ୍ରାଥମିକ ବିଦ୍ୟାଳୟ, ତୁବେ ଉଚ୍ଚ ବିଦ୍ୟାଳୟ, ବ୍ରଜମୋହନ ସାହି ପ୍ରାଥମିକ ବିଦ୍ୟାଳୟ, ଡେରଜାଙ୍ଗ ପ୍ରାଥମିକ ବିଦ୍ୟାଳୟ, ଯୋକୁବ ପ୍ରାଥମିକ ବିଦ୍ୟାଳୟ ଡିପସାହି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିର ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ସିଆରସିସି ଧୀରେନ୍ କୁମାର ସାହୁ ଓ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ କିପରି ବିଜ୍ଞାନ ପ୍ରତି ଆକର୍ଷିତ ହୋଇ ଉତ୍ତମ ଜ୍ଞାନ ଆହରଣ କରିପାରିବେ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି ତଥା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଚେତନା ମିଶନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ

ଅନୁଗୋଳ ୩୧।୧୦(ସମିସ): ଅନୁଗୋଳର ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବସଲାଠାରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମ ପ୍ରାରମ୍ଭରେ




ଚେତନା ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଉଭୟ କର୍ମଶାଳା ସମ୍ପର୍କରେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ବିଷଦ ଭାବରେ ଅବଗତ କରାଇଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ ନାଲ୍‌କୋ ଡାକ୍ତରଖାନାର ଅବସରପ୍ରାପ୍ତ ବରିଷ୍ଠ ଡାକ୍ତର ସୁଷମା ଚୌଧୁରୀଙ୍କ ଦ୍ୱାରା ଛାତ୍ରୀଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଦିଆଯାଇଥିଲା। ସେ ବୁଝାଇଥିଲେ ଯେ ମାସିକ ଋତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା। ଏଥି ନିମନ୍ତେ ଶରୀରରେ ହେଉଥିବା ପ୍ରକ୍ରିୟାକୁ ଭିଡିଓ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ବାଣୀ ଦେବ ଛାତ୍ରୀଙ୍କୁ ଶରୀରର ଯତ୍ନ, ପରିଚ୍ଛନ୍ନତା ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ।

ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ମାଧ୍ୟମରେ ବକ୍ତା ଭାବେ ଜେସିଆଇ ଜୋନାଲ ଅଧ୍ୟକ୍ଷ ଅମନ୍ ଶୁକ୍ଳା ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ନିବେଶରେ ଉତ୍ତମ ରୋଜଗାରର ବିଭିନ୍ନ ପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଏସ୍‌ଡିଆଇ ଶିକ୍ଷା ଅନୁଷ୍ଠାନରେ ସ୍ୱଳ୍ପ ଖର୍ଚ୍ଚରେ ଛାତ୍ରଛାତ୍ରୀ ଉନ୍ନତମାନର ପ୍ରଶିକ୍ଷଣ ହାସଲ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବା ବିଷୟରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସ୍ୱାଇଁ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

# ବୁଲା ଗାଈଗୋରୁଙ୍କ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ,୩୧।୧୦(ସମିସ): ଅନୁଗୋଳ ଜିଲ୍ଲାର ବିଭିନ୍ନ ରାସ୍ତାଘାଟ ଓ ଛକ ଜାଗାମାନଙ୍କରେ ଗୋରୁଗାଈଙ୍କ ଉପ୍ରାତ ବଢ଼ିବାରେ ଲାଗିଛି। ଯାହା ଫଳରେ ଅଧିକାଂଶ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ଅନୁଗୋଳ ସଦର ମହକୁମାର ଅନୁଗୋଳଠାରୁ ବଡ଼କେରା ରାସ୍ତାରେ ଓ ଅନୁଗୋଳ ଠାରୁ ମହୀଧରପୁର ରାସ୍ତାରେ ପ୍ରାୟ ସବୁ ସମୟରେ ବୁଲା ଗାଈ ଓ ଷଣ୍ଢ ରାସ୍ତା ଉପରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଅନୁଗୋଳ ସହରରେ ମଧ ଗାଈଗୋରୁ ସବୁ ଛକ ଓ ଗଳିର ରାସ୍ତାଘାଟରେ ବୁଲୁଛନ୍ତି। ଯାହାଫଳରେ ପ୍ରାୟ ସମୟରେ ଜନସାଧାରଣ ବହୁ




ଅସୁବିଧାର ସମ୍ମୁଖୀନ ହେବାସହ ଅକାରଣେ ଦୁର୍ଘଟଣା ମଧ ଘଟୁଛି। ଏହି ସମସ୍ୟାକୁ ତୁରନ୍ତ ଦୃଷ୍ଟି ଦେଇ ତୁରନ୍ତ ସମାଧାନ ନିମନ୍ତେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ। ପୂର୍ବତନ କାଉନସିଲର ବଲବୀର ସିଂଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଧର୍ମେନ୍ଦ୍ରନାଥ ମିଶ୍ର, ନୀଳକଣ୍ଠ ନାଏକ, କମ୍ପୁ ଦେହୁରୀ, ଦିଲ୍ଲୀପ ସାହୁ, ସଂଗ୍ରାମ ବେହେରା ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନାରେ ଜିଲ୍ଲା ପ୍ରଶାସନ ଏଥିନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ ଜିଲ୍ଲାରେ ଥିବା ପୌରପାଳିକା ଗୁଡ଼ିକରୁ ଗାଈଗୋରୁଙ୍କୁ ସ୍ଥାନାନ୍ତର କରି ରକ୍ଷଣାବେକ୍ଷଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଚେତାବନୀ ଦିଆଯାଇଅଛି।

# ଶାସନ-ଅଳପୁଆ ହାଇସ୍କୁଲ ମୁଖ୍ୟ ରାସ୍ତା ଶୋଚନୀୟ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୩୧।୧୦(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ପଞ୍ଚାୟତର ଶାସନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଓ ବାରମ୍ବାର ବନ୍ୟା ଆସିବା ହେତୁ ରାସ୍ତା ମଝିରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ପାଣି ଜମୁଛି। ସ୍କୁଲ ଛାତ୍ରଛାତ୍ରୀ ଯିବାଆସିବା ପାଇଁ ବହୁ ସମସ୍ୟା ଭୋଗ କରୁଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରୋଗୀ ମେଡିକାଲ ଯିବାକୁ ହେଲେ ଖଟିଆରେ ବୁହା ହୋଇ ମୁଖ୍ୟ ରାସ୍ତାକୁ ଯିବାକୁ ପଡୁଛି। ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରି ଫେରିଯାଉଛି। ଏହି ରାସ୍ତାର ମରାମତି ପାଇଁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଯିବ ସହିତ ଅଭିଯୋଗ କରାଗଲେ ମଧ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି ରାସ୍ତା ଉପରେ ପୋଖରୀକୂଳ, ମିଶ୍ରବାଗ, ସେଠୀସାହି, କୁମ୍ଭାରସାହି,

**● ହୀନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ**

**● ରୋଗୀଙ୍କୁ ନେବାକୁ ରାଜିହେଉନି ଆମ୍ବୁଲାନ୍ସ**

ପାହାନ୍ତାସିଂ ସାହି, ଜେନା ସାହି ଆଦି ସାତୋଟି ପଡା ଗ୍ରାମର ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ପ୍ରଶାସନର ଉଦାସୀନତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତାର ମରାମତି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ସାଂସଦ ଓ କେନ୍ଦ୍ରାପଡ଼ା ବିଧାୟକଙ୍କ ନିକଟରେ ପୂର୍ବତନ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ଧଳ, କିଶୋର ବେହେରା, ପୂର୍ବତନ ସମିତି ସଭ୍ୟ ବୃଷଭାନୁ ଧଳ, ସମିତିସଭ୍ୟା ନମିତା ଦାସ, ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ଦାସ, ସନ୍ତୋଷ ପଣ୍ଡା, ନିମାଇଁ ସେଠୀ, ସୁଶାନ୍ତ ସେଠୀ, ଗଗନ ସେଠୀ, ଗୋପାଳ ବେହେରା, ରମାକାନ୍ତ ବେହେରା, ମାନସ ଜେନା, ବେନୁ ଜେନା, ଦୀନବନ୍ଧୁ ଜେନା, ମୁନାକାନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

## କେନ୍ଦ୍ରାପଡ଼ାରେ ରାଜ୍ୟ ମହିଳା ଫିଡେ ଚେସ୍ ଆରମ୍ଭ

କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୩୧।୧୦(ସମିସ): କେନ୍ଦ୍ରାପଡ଼ାର ଗଡପଡାଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍ଘାଟିତ ହୋଇଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଓ କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ହାଡ଼ିବନ୍ଧୁ ଙ୍କ ପ୍ରମୁଖ ଉପସ୍ଥିତ ରହିଥିଲେ। ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର, ଅଭିଷେକ ଆଚାର୍ଯ୍ୟ ଓ ରବିକୁମାର ଡେପୁଟି ଆର୍ବିଟର୍ ଭୂମିକା ତୁଲାଉଛନ୍ତି।

## ସାପ କାମୁଡ଼ାରେ ମହିଳା ଗୁରୁତର

ଆଳି, ୩୧।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବାଲକାଟି ପଞ୍ଚାୟତ ଅଧୀନ ରାଣୀପୋଖରୀ ଗ୍ରାମର ମହିଳା ପ୍ରେମଲତା ମଲିକ(୫୯) ଆଜି ସନ୍ଧ୍ୟାରେ ନିକଟସ୍ଥ ନାଗପଡା ନିଜ ବନ୍ଧୁଙ୍କ ଘରକୁ ଯାଉଥିବା ସମୟରେ ତାଙ୍କୁ ସାପ କାମୁଡି ଦେଇଥିଲା। ସାପ କାମୁଡିବା ପରେ ପ୍ରେମଲତା ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ରକ୍ତ ନମୁନା ପରୀକ୍ଷା କରିବା ସହ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଗୋଡ଼ ଫୁଲିଯାଇ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

**● ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲା**

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦ୍ରାପଡ଼ା,୩୧।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଦିବ୍ୟାଙ୍ଗ ଯୁବତୀଙ୍କ ସହ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ତପନ ବେହେରାଙ୍କୁ ୨୦ ବର୍ଷ କଠୋର ସଶ୍ରମ କାରାଦଣ୍ଡ ଓ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୧ ବର୍ଷ ଜେଲ ହେବ ବୋଲି ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିକ୍ରମ ସେଲିଆ ରାୟରେ ଦର୍ଶାଇଛନ୍ତି। ୨୦୧୪ରେ ତପନ ବେହେରା ତାଙ୍କ ପଡ଼ୋଶୀ ଜଣେ ଦିବ୍ୟାଙ୍ଗ ଯୁବତୀ ଘରେ ଏକା ଥିବାବେଳେ ଦୁଷ୍କର୍ମ କରିଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଥିଲା। ଏ ମାମଲାର ବିଚାର କାଳରେ ୧୦ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ଏହାଛଡ଼ା ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ ପୀଡ଼ିତାଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ଏହି ରାୟ ସମ୍ବନ୍ଧରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ବିକ୍ରମ ସେଠି ସୂଚନା ଦେଇଛନ୍ତି।

## ଗୋ ନବରାତ୍ର ମହୋତ୍ସବ

କେନ୍ଦ୍ରାପଡ଼ା,୩୧।୧୦(ସମିସ): ଗୁଣ୍ଡିଚା ମନ୍ଦିର ସନ୍ନିକଟ ସିଦ୍ଧ ବଳଦେବଜୀଉଙ୍କ ବସନ୍ତ ବଗିଚାରେ ବଳଦେବଜୀଉ ଗୋତୀର୍ଥରେ ଗୋ ନବରାତ୍ର ମହୋତ୍ସବ ପାଳନ କରାଯାଉଛି। ସିଦ୍ଧ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଗୁରୁ ଗୋବିନ୍ଦ ଗୋ ସେବାଶ୍ରମ ଆନୁକୂଲ୍ୟରେ ସ୍ଥାନୀୟ ଗୋଭକ୍ତଙ୍କ ଦ୍ୱାରା ଏହି ଗୋ ନବରାତ୍ର ଗୋମାତାଙ୍କ ନାମଯଜ୍ଞ, ଜପଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞାଦି ଅନୁଷ୍ଠିତ ହେଉଛି। ଗୋଷ୍ଠାଷ୍ଟମୀ ଅବସରରେ ସକାଳୁ ଗୋମାତାଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ଶତାଧିକ ଗୋଭକ୍ତଙ୍କ ସମାଗମରେ ସୁରଭୀ ମହମନ୍ତ୍ର କୀର୍ତ୍ତନ, ଗୋପୂଜନ ଓ ଘୃତଯଜ୍ଞ ଅନୁଷ୍ଠିତ କରାଯାଇଛି। ଏହି ନବରାତ୍ର ମହୋତ୍ସବକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ରାଜନଗର, ୩୧।୧୦(ସମିସ): ରାଜନଗର ଥାନା ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ପୋଖରୀଆ ଗାଁର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ବେହେରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଗତକାଲି ପୋଖରୀଆ ଗାଁର ଭଞ୍ଜକିଶୋର ବେହୁରାଙ୍କ ଭୋଜିରେ ପ୍ରଶାନ୍ତ ପରସୁଥିଲେ। ହଠାତ ସେହି ଗାଁର ମଳୟ ବେହୁରା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ବଡପଥର ଆଣି ପ୍ରଶାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ପ୍ରଶାନ୍ତଙ୍କ ମୁଣ୍ଡ ଓ କାନମୂଳକୁ ପଥରରେ ଛେଚିଥିଲା। ପ୍ରଶାନ୍ତଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଭୋଜିରେ ଉପସ୍ଥିତ ଅନ୍ୟମାନେ ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରଶାନ୍ତଙ୍କୁ ପଥରରେ ତାଙ୍କ ମୁଣ୍ଡକୁ ଛେଚି ମାରିଦେବା ପାଇଁ ଉଦ୍ୟମ କରାଯାଇଥିଲା। ଏନେଇ ରାଜନଗର ଥାନାରେ କେସ ନମ୍ବର ୩୮୧/୨୦୨୫ରେ ମାମଲା ରୁଜୁ ହୋଇଥିଲେ ମଧ ପୁଲିସ ଅଭିଯୁକ୍ତକୁ ଗିରଫ କରିନାହିଁ।

## ଅଳଭାରେ ପୋଖରୀରୁ କୁମ୍ଭୀର ଉଦ୍ଧାର

ପଟ୍ଟାମୁଣ୍ଡାଇ,୩୧।୧୦(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୁଣି କୁମ୍ଭୀର ଆତଙ୍କ ଦେଖାଦେଇଛି। ପୌର ପରିଷଦ ଅନ୍ତର୍ଗତ ୧୫ନଂ ୱାର୍ଡ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରେ ୧୦ ଫୁଟ ଲମ୍ବର ଏକ କୁମ୍ଭୀର ଭାସୁଥିବା ପରିବାର ଲୋକ ଓ ଗ୍ରାମବାସୀ ଦେଖିବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଗତକାଲି ବିଳମ୍ବିତ ରାତିରେ ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାରେ ଅଳଭା ଗାଁ ନିକଟରେ ୧୦ ଫୁଟର କୁମ୍ଭୀର ଶୋଇ ଥିବା ଟ୍ରକ ଚାଳକ ଦେଖି ଟ୍ରକ ଅଟକାଇ ଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଆସିଯିବାରୁ କୁମ୍ଭୀରଟି ନିକଟରେ ଥିବା ପୋଖରୀକୁ ଖସିଯାଇଥିଲା। ଆଜି ସକାଳୁ କୁମ୍ଭୀର ଭାସୁଥିବା ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଲାଗିଥିଲା ଓ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀ ଆସି କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ତେବେ ପୋଖରୀରେ ଛଡ଼ାଯାଇଥିବା ଲକ୍ଷାଧିକ ଟଙ୍କାର ମାଛକୁ କୁମ୍ଭୀର ଖାଇଯାଇଥିବା ନେଇ ଅଭିଯୋଗ କରିଛନ୍ତି ମାଛଚାଷୀ। ବନ ବିଭାଗ କ୍ଷତି ପୂରଣ ଦେବାକୁ ଦାବି ହୋଇଛି।

## କେରଳରେ କେନ୍ଦ୍ରାପଡ଼ା ଯୁବକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୩୧।୧୦(ସମିସ): କେରଳରେ ଶ୍ରମିକ ଭାବେ କାମ କରୁଥିବା କେନ୍ଦ୍ରାପଡ଼ା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତାପାଟିଆ ଗାଁର ସୁକାନ୍ତ ମଲ୍ଲିକ (୩୮) ଗତକାଲି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। କେରଳର ଏକ ପ୍ଲାଇଉଡ୍ କାରଖାନାରେ କାମ କରୁଥିବା ସମୟରେ ଏକ ଭାରି କାଠ ବିଡା ତାଙ୍କ ଉପରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ସୁକାନ୍ତଙ୍କ ମୃତଦେହ ଜନ୍ମସ୍ଥାନକୁ ଫେରାଇ ଆଣିବା ପାଇଁ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ହୋଇନାହିଁ। ସୁକାନ୍ତଙ୍କ ସ୍ତ୍ରୀ ସବିତା ମଲ୍ଲିକ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ମରଶରୀର ଫେରାଇ ଆଣିବା ପାଇଁ ଆକୁଳ ନିବେଦନ କରିଛନ୍ତି। ପରିବାର ଲୋକ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିବାବେଳେ ସ୍ଥାନୀୟଲୋକେ ପ୍ରଶାସନକୁ ମାନବିକ ଭାବେ ପଦକ୍ଷେପ ନେବାକୁ ଦାବି କରୁଛନ୍ତି।

**ମୃତଦେହ ଫେରାଇ ଆଣିବାକୁ ଜିଲ୍ଲାପାଳଙ୍କୁ ପରିବାରର ଆକୁଳ ନିବେଦନ**

## ବିବି ମଡ଼େଲ ହାଇସ୍କୁଲରେ ପୋଷାକ ବିତରଣ

ଡେରାବିଶ, ୩୧।୧୦(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲିସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ପୋଷାକ ବିତରଣ କାର୍ଯ୍ୟକ୍ରମ ଅଧିକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କ ସଂଯୋଜନାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୬ ଜଣ ଛାତ୍ରଛାତ୍ରୀଙ୍କୁ ୨ ହାଳ ଲେଖାଏଁ ପୋଷାକ ବଣ୍ଟନ କରାଯାଇଥିଲା। ଶିକ୍ଷକ କିଶୋର ମହାନ୍ତି, ବିଶ୍ୱଜିତ ଦାସ, ସଦାଶିବ ସାହୁ, ମଳୟ ରଥ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପୀନାଥ ଦାସ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ବିଜୟଲକ୍ଷ୍ମୀ ଦାଶ, ପ୍ରଜ୍ଞାପାରମିତା ମିଶ୍ର, ଅନୀତା ପଣ୍ଡା, ସୀମା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁକୁନ୍ଦପୁର କ୍ଲଷ୍ଟରର ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମୁକୁନ୍ଦପୁରର ମା' ଦୁର୍ଗା ସ୍ୱୟଂସହାୟିକା ଗୋଷ୍ଠୀ ପୋଷାକ ପ୍ରସ୍ତୁତ କରି ଯୋଗାଇ ଦେଇଥିବା ସମ୍ପାଦିକା ମିନତୀ ପରିଡ଼ା ପ୍ରକାଶ କରିଛନ୍ତି।

## ଜମଧର ପଞ୍ଚାୟତରେ ବେଆଇନ ରାସ୍ତା ନିର୍ମାଣକୁ ବିରୋଧ



କେନ୍ଦ୍ରାପଡ଼ା,୩୧।୧୦(ସମିସ): ବେଆଇନ ରାସ୍ତା ନିର୍ମାଣକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରାପଡ଼ା ଜମଧର ପଞ୍ଚାୟତ ବଡ଼ଗାଁର ଲୋକେ। ଜମଧର ପଞ୍ଚାୟତ ୧୮ ନମ୍ବର ୱାର୍ଡ ବଡ଼ଗାଁରେ ଏକ କଙ୍କ୍ରିଟ୍ ସଡ଼କ ନିର୍ମାଣ ପାଇଁ "ବିକଶିତ ଓଡ଼ିଶା ବିକଶିତ ଗାଁ' ଯୋଜନାରେ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି କଙ୍କ୍ରିଟ୍ ରାସ୍ତାଟି ବଡଗାଁ ଅଙ୍ଗନବାଡି-୨, ପଣ୍ଡୁଆ ଗାଁର ସେଠୀ ସାହି, ମୁସଲମାନ୍ ସାହି ଓ ଇଡିଆଲି ସ୍କୁଲକୁ ସଂଯୋଗ କରୁଛି। ଏହାଦ୍ୱାରା ପ୍ରାୟ ୮ ଶହରୁ ଅଧିକ ଲୋକ ଉପକୃତ ହେବେ। ତେବେ କାର୍ଯ୍ୟାଦେଶ ବାହାରିବାର କିଛିଦିନ ପରେ ହଠାତ୍ ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିଲା। ଗ୍ରାମବାସୀ ଖବର ନେବାରୁ ଏହା ଜଣ୍ଟିଲୋ ଗାଁର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ ବୋଲି ଜଣାପଡ଼ିଥିଲା। ଖାଲି ସେତିକି ନୁହେଁ ଏହି ରାସ୍ତାଟି ଜଳସେଚନ ବିଭାଗ ଜମି ଉପରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଶତାଧିକ ଲୋକ ଉପକୃତ ହେବା ବଦଳରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଉପକୃତ ହେବା ଘଟଣା ଜଣାପଡିବା ପରେ ବଡ଼ଗାଁର ଲୋକେ ଏହାର ପ୍ରତିବାଦ କରିଥିଲେ। ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଗ୍ରାମର ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହି ରାସ୍ତା ନିର୍ମାଣ ହେଲେ ଏହାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଗଙ୍ଗାରାମପୁରରେ ଶିଶୁ ମହୋତ୍ସବ

ପଟ୍ଟାମୁଣ୍ଡାଇ,୩୧।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଗଙ୍ଗାରାମପୁର ହାଇସ୍କୁଲ ଓ ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ଆନୁକୂଲ୍ୟରେ ଗଙ୍ଗାରାମପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟ ଓ ସିଆରସିସି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ଉଦକର ସାମଲ, ଶିକ୍ଷାବିତ ବଙ୍ଗାଳି ତରାଇ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ, ଶିକ୍ଷକ ନେତା ଅରକ୍ଷିତ ସାହୁ, ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ ପୃଷ୍ଟି, ଶିକ୍ଷାବିତ ଅକ୍ଷୟ ନନ୍ଦ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ଉତ୍କଳ ସେଠୀ ସ୍ୱାଗତ ଭାଷଣ ଓ ସନ୍ତୋଷ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ। ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟ ଓ ସିଆରସିସି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା ମୁଖ୍ୟବକ୍ତା, ମଦନପୁର ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ବେହେରା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଉଦକର ସାମଲ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ, କବୟିତ୍ରୀ ଚାରୁଲତା ଭୂୟାଁ, କଳାକାର ସମୀର ଦାସ, ସମାଜସେବୀ ପ୍ରମୋଦ ଗାହାଣ, ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ପରିଚାଳନା କମିଟି ସଭାପତି ଅପର୍ଣ୍ଣା ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ସିଲଡ୍ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ସତ୍ୟବ୍ରତ ସ୍ୱାଇଁ, ପ୍ରଶାନ୍ତ ସାହୁ, ବର୍ଷାରାଣୀ ବାରିକ, ଶିଶିର ସାହୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବିଜୟ ନାୟକ ସ୍ୱାଗତ ଭାଷଣ, ଭରତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଜକନିକା, ୩୧।୧୦(ସମିସ): ଦୀର୍ଘ ୧୭ ବର୍ଷଧରି ଗୋଟିଏ ବିଦ୍ୟାଳୟରେ ଶିକ୍ଷକତା କରି ଆଜି ଅବସର ନେଇଥିବା ସୁହାସିନୀ ରାଉତଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରାଜକନିକା ବ୍ଲକ୍ କୋଇଲିପୁର ପଞ୍ଚାୟତର ବାଟଗାଁରେ ଥିବା ତରପଦା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ସମସ୍ତଙ୍କ ଅତି ଆପଣାର ହୋଇଥିବା ଏହି ଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଆଜି ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ବିଦାୟ ପ୍ରଦାନ କରାଯାଇଥିଲା।

**● ମହିଳାଙ୍କୁ ବଜାର ମଝିରେ ମାଡ଼ ମାରିବା ଘଟଣା**

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି

କେନ୍ଦ୍ରାପଡ଼ା,୩୧।୧୦(ସମିସ): ପୁଲିସ ଉପସ୍ଥିତିରେ ଜଣେ ମହିଳାଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ବରକୋଳି ଖିଆ ବଜାରରେ ଉଲଗ୍ନ କରି ଗୋଡେଇ ଗୋଡେଇ ମାରିବା ଘଟଣାକୁ ନେଇ ଏସ୍‌ପିଙ୍କୁ ଅଭିଯୋଗ ହୋଇଛି। ପୁଲିସ ଉପସ୍ଥିତିରେ ବଜାର ମଝିରେ ଜଣେ ମହିଳାଙ୍କୁ ଉଲଗ୍ନ କରି ଅନ୍ୟ ତିନିଜଣ ମହିଳା ମାଡ଼ ମାରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାରୁଲ ମଣ୍ଡଳଙ୍କ ନାମକ ମହିଳାଙ୍କ ଏକ ସରକାରୀ ଜମିରେ ଦୋକାନ ଘର ରହିଛି। ସେହି ଘରକୁ ସୁବାସ ମଣ୍ଡଳ ନାମକ ବ୍ୟକ୍ତି ଦୀର୍ଘଦିନ ଧରି କବଜା କରିବାକୁ ଉଦ୍ୟମ କରୁଥିଲେ। ୨୬ ତାରିଖରେ ସେ ଦୋକାନରେ ଭଙ୍ଗାରୁଜା କରିଥିଲେ। ଯାହାକୁ ନେଇ ପାରୁଲ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ପୁଲିସ ୨୯ ତାରିଖରେ ସ୍ଥାନ ପରିଦର୍ଶନ କରୁଥିବା ସମୟରେ ସୁବାସଙ୍କ ପରିବାରର ୩ ମହିଳା ସମ୍ଭବତଃ ତାଙ୍କର ଜଣେ ସମ୍ପର୍କୀୟ ପାରୁଲଙ୍କୁ ତଳେ ପକାଇ ଉଲଗ୍ନ କରି ନିର୍ମମ ଭାବେ ମାଡ ମାରିଥିଲେ। ଉପସ୍ଥିତ ପୁଲିସ କର୍ମଚାରୀ କିଛି ନ ଦେଖିବା ପରି ସେଠାରୁ ପଳାଇଯାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଓ କ୍ଷୋଭ ସୃଷ୍ଟି ହୋଇଛି। ଆଜି ପାରୁଲ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

## ସାମ୍ବାଦିକ କରୁଣାକର କରଙ୍କ ପରଲୋକ



ଡେରାବିଶ, ୩୧।୧୦(ସମିସ): ଡେରାବିଶ ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ କରୁଣାକର କର (୬୮)ଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶ୍ରୀ କର ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ବିଭିନ୍ନ ସମ୍ବାଦପତ୍ରରେ ସାମ୍ବାଦିକ ଭାବେ କାର୍ଯ୍ୟ କରିଆସୁଥିଲେ। ଗତକାଲି ସନ୍ଧ୍ୟାରେ ସେ ଦୁମୁକାହାଟସ୍ଥ ବାସଭବନରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପରେଶ ଦାସ, ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା, କୋଷାଧକ୍ଷ ପ୍ରମୋଦ ପ୍ରଧାନ, ବେବର୍ତା ଅଜୟ ଦାସ, ପ୍ରମୋଦ ପ୍ରତାପ, ଖୁର୍ସିଦ ଆଲମ ଖାଁ, ଧରଣୀଧର ପ୍ରଧାନଙ୍କ ସମେତ ଜିଲ୍ଲା ଅନ୍ତର୍ଗତ ଶତାଧିକ ଗଣମାଧ୍ୟମ ପ୍ରତିନିଧି ସ୍ୱର୍ଗତ କରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସେହିପରି ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧକ୍ଷ ସରୋଜ ସାହୁ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ ପ୍ରମୁଖ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ବିଭୂତି ମୁଖାଗ୍ନି ଦେଇଥିଲେ। ଆଜି ସମାଜସେବୀ ଅଜୟ ରାଉତ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ସ୍ୱର୍ଗତ କରଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କଂକ୍ରିଟ ରାସ୍ତାରେ ମୋରମ ପ୍ୟାଚ୍

ରାଜନଗର, ୩୧।୧୦(ସମିସ): ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦେଶ ବିଦେଶର ପର୍ଯ୍ୟଟକ ପ୍ରତିଦିନ ପେଣ୍ଠ ଆସି ବେଳାଭୂମିର ଶୋଭା ଉପଭୋଗ କରିଥା'ନ୍ତି। ପେଣ୍ଠ ସମୁଦ୍ରକୁ ଉଠିବା ରାସ୍ତାକୁ ୨ ବର୍ଷ ତଳେ ତଟବନ୍ଧ ବିଭାଗ ପକ୍ଷରୁ କଂକ୍ରିଟ କରାଯାଇଥିଲା। ମାତ୍ର ପେଣ୍ଠ ମନ୍ଦିର ନିକଟରୁ ଉପର ବନ୍ଧକୁ ଉଠିବା ସ୍ଥାନରେ କଂକ୍ରିଟ ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି କଂକ୍ରିଟ ଦବିଥିବା ସ୍ଥାନରେ ପାଣି ଜମିବା ଯୋଗୁଁ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ବାତ୍ୟାରେ ଜୁଆର ମାଡ଼ରେ କ୍ଷତି ହୋଇଥିବା ଓଡ଼ିଶାର ପ୍ରଥମ ସାମୁଦ୍ରିକ ପଥରବନ୍ଧ ଦେଖିବାକୁ ଯାଇଥିଲେ। ଜିଲ୍ଲାପାଳ ଖାଲ ପାଣିରେ ପଶି ଯିବାପରେ ଏହାକୁ ମରାମତି ପାଇଁ ତଟବନ୍ଧ ବିଭାଗକୁ କହିଥିଲେ। ଆଜି ବିଭାଗ ପକ୍ଷରୁ କଂକ୍ରିଟ ରାସ୍ତାରେ ଖାଲ ହୋଇଥିବା ସ୍ଥାନରେ ମୋରମ ପକାଇ ପୂରଣ କରାଯାଇଛି। କଂକ୍ରିଟ ରାସ୍ତାକୁ ମରାମତି କରା ନ ଯାଇ କଂକ୍ରିଟ ଉପରେ ମୋରମ ପକାଇ ପ୍ୟାଚ୍ ଘଟଣାକୁ ସ୍ଥାନୀୟ ଅଞ୍ଚଳର ଶରତ ତ୍ରିପାଠୀ, ଅଜାମ୍ବର ଦାସ, ଦିବ୍ୟରଞ୍ଜନ ବାରିକ, ନିରାକାର ପରିଡା ପ୍ରମୁଖ ତୀବ୍ର ବିରୋଧ କରିବା ସହିତ କଂକ୍ରିଟ ରାସ୍ତାକୁ ମରାମତି କରିବାକୁ ଦାବି କରିଛନ୍ତି।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ଏକତା ଦୌଡ଼





କେନ୍ଦ୍ରାପଡ଼ା,୩୧।୧୦(ସମିସ)

ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ସକାଳେ ଏକତା ଦୌଡ଼ ଆୟୋଜିତ ହୋଇଛି। ଏହି ଏକତା ଦୌଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଗରାପୁର ପର୍ଯ୍ୟନ୍ତ ଯାଇ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ନିଜେ ଦୌଡ଼ରେ ସାମିଲ ହୋଇ ସମସ୍ତଙ୍କୁ ଏକତା ଓ ଜାତୀୟ ଅଖଣ୍ଡତାର ସନ୍ଦେଶ ଦେଇଥିଲେ। ସେ ଏକତା ଦୌଡ଼ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୌଡ଼ ପରେ ସମସ୍ତଙ୍କୁ ଏକତା ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସହ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, କ୍ରୀଡ଼ା ସଂଘ ଖେଳାଳି ଓ ସାଧାରଣ ଜନସାଧାରଣ ଯୋଗ ଦେଇଥିଲେ।

ସେହିପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ଏମଏନ ହାଇସ୍କୁଲ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ଟା ସମୟରେ ପଟ୍ଟାମୁଣ୍ଡାଇ ବାଇପାସଠାରୁ ଏମଏନ ହାଇସ୍କୁଲ ପର୍ଯ୍ୟନ୍ତ ଏକତା ଦୌଡ଼ କରାଯାଇଥିଲା। ଏଥିରେ ଏମଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଲେଜ ଏନସିସି, ସ୍କାଉଟ, ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଦୌଡ଼ର ଶୁଭାରମ୍ଭ କରିଥିଲେ। ଆଇଆଇସି ବନ୍ଦନା ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ କଲେଜ ପ୍ରାଧ୍ୟାପକ କ୍ୟାପ୍ଟେନ ମନୋଜ ପରିଡା ମୁଖ୍ୟବକ୍ତା, ଏମଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଇନ୍ସପେକ୍ଟର ରତିରଞ୍ଜନ ନାୟକ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ଆଡ଼ଭୋକେଟ ପ୍ରମୋଦ ସାହୁ, ଯୁବନେତା ମିଟୁ ମନୋଜ ନାୟକ, କାଉନସିଲର ବିଦ୍ୟାଧର ସେଠୀ, ଚିତ୍ରକର ରାଜେନ୍ଦ୍ର ଦାଶ, ଯୁବନେତା ପରେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସବଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ସିଭିଲ ଜଜ ଡିକେ ବାଲକ୍ରିଷ୍ଣନ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡ଼ଭୋକେଟ ହୃଦାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ରାଜକନିକା ପୁଲିସ ଓ ଆଳି ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକାଦଶ ଦିବସ ପାଳନ କରାଯାଇଛି।

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।

-ସାମୁଏଲ୍ ଜନ୍‌ସନ୍

ସକାଳ
THE SAKALA

## ଭୂସ୍ଖଳନ ଓ ଅବରୋଧ

ଚଳିତ ମୌସୁମୀ ଋତୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜାମ୍ମୁ-କାଶ୍ମୀରର ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ଅକଳ୍ପନୀୟ। ସେହିଭଳି ପଞ୍ଜାବର ଶସ୍ୟାଗାର ପ୍ରଳୟଙ୍କରୀ ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବାରମ୍ବାର ଭୂସ୍ଖଳନ କାରଣରୁ ହିମାଳୟ ପାଦଦେଶରେ ଥିବା ହିମାଚଳ ଓ ଉତ୍ତରାଖଣ୍ଡର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମାଟିତଳେ ଏକପ୍ରକାର ପୋତି ହୋଇପଡ଼ିଛି। ମୌସୁମୀ ବିଦାୟ ନେବା ପୂର୍ବରୁ 'ମୋନ୍ଥା' ବାତ୍ୟା ଆନ୍ଧ୍ର, ତେଲଙ୍ଗାନା ଓ ଓଡ଼ିଶାର ବିପୁଳ କ୍ଷୟକ୍ଷତି ଘଟାଇଛି। ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାରେ 'ମୋନ୍ଥା' ପ୍ରଭାବିତ ବର୍ଷା କେବଳ ବ୍ୟାପକ ଫସଲହାନି ଘଟାଇନି, ଭୂସ୍ଖଳନରେ ରାସ୍ତା ଅବରୋଧ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାହାଡ଼ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ତେବେ ଏହି ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ଗତ ମଙ୍ଗଳବାର ଓ ବୁଧବାର ପାର୍ବତ୍ୟାଞ୍ଚଳ ଘେରା ଓଡ଼ିଶାର ତିନିଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ କ୍ରମାଗତ ବର୍ଷା ହେବାରୁ ଭୂସ୍ଖଳନ ଘଟିଥିଲା। ଗଞ୍ଜାମ ଜିଲ୍ଲାର ରାଇପାଟ ନିକଟସ୍ଥ ତିଡ଼ିକାସାରି-ଅଙ୍କୁଲି ରୋଡ୍ ଉପରେ ମାଟି ଅତଡ଼ା ଧସି ଅବରୁଦ୍ଧ ହୋଇଯିବାରୁ ପ୍ରାୟ ୨୦ଟି ଗ୍ରାମମଧ୍ୟରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ଚାରିଆବାଡ଼ ଘାଟ ସଂଲଗ୍ନ ରାସ୍ତାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ଖାରିଆଗୁଡ଼ା ଘାଟ ମଧ୍ୟ ଭୂସ୍ଖଳନରେ ଅବରୋଧ ହୋଇଥିଲା। ବଡ଼ ପଥର ଖଣ୍ଡ ବର୍ଷାର ପ୍ରଭାବରେ ଗଡ଼ି ଆସି ଗୋଟିଏ ବାସଗୃହ ସମ୍ମୁଖରେ ଅଟକି ଯାଇଥିଲା। ସୌଭାଗ୍ୟକ୍ରମେ ସେଠାରେ ଅବସ୍ଥାନ କରୁଥିବା ପରିବାର ସଦସ୍ୟଙ୍କ କୌଣସି କ୍ଷତି ଘଟିନାହିଁ। ସେହିଭଳି ଗଜପତି ଜିଲ୍ଲାର ଶାଙ୍କୁଡ଼ା-ଖିଲିଗଣ୍ଡା ଘାଟି ରାସ୍ତା ମାଟି ଅତଡ଼ା ଧସି ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇପଡ଼ିଥିଲା। ଫଳରେ ବୋଣ୍ଡା ଓ ଖିଲିଙ୍ଗ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେବେ ଅବରୋଧ ହୋଇଥିବା ରାସ୍ତାକୁ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଗମନାଗମନ ଉପଯୋଗୀ କରାଯାଇ ପାରିଛି। କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀର ଜଳପତନ ବିପଦ ସଂକେତ ଅତିକ୍ରମ କରିନଥିବାରୁ ବନ୍ୟା ବିପର୍ଯ୍ୟୟ ଉପୁଜି ନାହିଁ। ତେବେ ଗୁମ୍ମା କେନାଲର ଜଳ ପ୍ଲାବନ ଯୋଗୁଁ ସଂଲଗ୍ନ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସଂପୃକ୍ତ ଅଞ୍ଚଳରେ ୫,୯୨୫ ସୁଦକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି। ବର୍ଷା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଧାପ୍ରାପ୍ତ ବିଦ୍ୟୁତ ପ୍ରବାହରେ ସ୍ୱାଭାବିକତା ଫେରାଇ ଆଣିବାରେ ଟିପିଏସଓଡିଏଲ ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ପ୍ରାକୃତିକ ଦୁର୍ବିପାକର ପ୍ରଶମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଏକାଧିକ ଅନୁରୂପ ବିପର୍ଯ୍ୟୟର ସଫଳ ମୁକାବିଲା ମଧ୍ୟ କରିପାରିଛି। ଏଥିପାଇଁ ପ୍ରସ୍ତୁତ ଢାଞ୍ଚା ଓ କାର୍ଯ୍ୟଧାରାକୁ ଏକ ଆଦର୍ଶ ବ୍ୟବସ୍ଥା ବା ନକ୍ସା ରୂପେ ଅନ୍ୟମାନେ ଗ୍ରହଣ କରିଛନ୍ତି। ତେଣୁ 'ମୋନ୍ଥା'ର ଦୁର୍ବଳ ସ୍ଥିତିକୁ ଏବର ସରକାର ମୁକାବିଲା କରିବାର ସେଭଳି ଅସୁବିଧାର ସମ୍ମୁଖୀନ ନହେବା ସ୍ୱାଭାବିକ। କାରଣ ସେହି ପୁରୁଣା ଧାରା ଓ ନକ୍ସା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି।

## ଯୁଦ୍ଧ ବିରତି ଓ ଅଶାନ୍ତ ଗାଜା

ଇସ୍ରାଇଲ ଓ ଗାଜା ମଧ୍ୟରେ ଯୁଦ୍ଧ ବିରାମର ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ନିରନ୍ତର ନାନା ଅଭିଯୋଗ ଦର୍ଶାଇ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ରୂପେ ପ୍ରୟୋଗ କରିବାର ମସୁଧାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ ଓହରିବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ଏପରିକି କିଛି ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରି ହମାସକୁ ଦୋଷାରୋପ କରିବା ଓ ସେହି ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସେଥିପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ସମସ୍ତଙ୍କୁ ଚକିତ କରିଛି। ଇସ୍ରାଏଲ ପକ୍ଷରୁ ଗାଜା ଉପରେ ହୋଇଥିବା ବାୟୁସେନାର ଆକ୍ରମଣରେ ୧୦୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୬ ଶିଶୁ। ଅକ୍ଟୋବର ୧୦ ରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିବା ବେଳେ ଅମାନବୀୟ ନରସଂହାର ଜାରି ରହିଛି। ହୋଇପାରେ କାହା ପକ୍ଷରୁ ଚୁକ୍ତିର ଖିଲାପ ହୋଇଛି, ତାହାର କ'ଣ ସମାଧାନ ଘନଘନ ବୋମାମାଡ଼ରେ ସମ୍ଭବ? ସବୁଠାରୁ ବିଚଳିତ କଲାଭଳି ଖବର ହେଲା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ବିରାମ ଚୁକ୍ତିକୁ ଇସ୍ରାଏଲ ମାନିବ। ହମାସ ମୁଣ୍ଡ ଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଫେରାଇବାର ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏପରିକି ତାହା ସହ ସମ୍ପୃକ୍ତ ଥିଲା ମୃତ ପଣବନ୍ଦୀଙ୍କ ଶରୀର ଫେରସ୍ତ। ମୃତ ଶରୀରର ସବୁ ଅଂଶ ଫେରାଇନଥିବାର ମଧ୍ୟ ଅଭିଯୋଗ ହେଲା। ତାହାକୁ ନେଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗୁରୁବାର ହମାସ ଆଉ ଦୁଇଟି ଶରୀର ଫେରାଇଛି। କିନ୍ତୁ ଘଟଣାକ୍ରମର ଯେ ଏହିଠାରେ ଅନ୍ତ ଘଟିବ, ଏକଥା ନୁହେଁ।

ଗାଜାରେ ସୃଷ୍ଟି ହୋଇଥିବା ଉତ୍ତେଜନାର ଅନ୍ୟ ଏକ ଦିଗ ହେଲା ଦକ୍ଷିଣାଞ୍ଚଳରେ ଘଟିଥିବା ଗୁଳି ବିନିମୟରେ ଜଣେ ଇସ୍ରାଏଲ ସୈନ୍ୟଙ୍କ ମୃତ୍ୟୁ। ଏହା ପଛରେ ହମାସର କେତେ ସଂପୃକ୍ତି ଅଛି ତାହା ଭିନ୍ନ କଥା। ଟ୍ରମ୍ପଙ୍କ ସମର୍ଥନ ଲାଭ ପାଇଁ ମୃତ ସୈନିକଙ୍କୁ ଆମେରିକୀୟ ଦର୍ଶାଇ ଇସ୍ରାଏଲ୍ ନିଜ ଆଡୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହାର ବିସ୍ମିତ ହେବାର ନାହିଁ। ଯୁଦ୍ଧ ବିରତି ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ଆଦୌ ନିଷ୍ଠା ନାହିଁ। ଏଭଳି ଏକ ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିଠାରୁ ଯୁଦ୍ଧବିରାମ ବା ଶାନ୍ତି ଆଶା କରିବା ବୃଥା। ବିଶ୍ୱ ସମୁଦାୟର ଚାପ ଓ ଟ୍ରମ୍ପ ନିଜେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବାରୁ ଇସ୍ରାଏଲ ପାଇଁ ଗତ୍ୟନ୍ତର ନଥିଲା। କିନ୍ତୁ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ମନଗଢ଼ା ଆରୋପ ଓ ଏପରିକି ନେତାନ୍ୟାହୁ ନିଜ ଆଡୁ କିଛି ବିଭ୍ରାଟ ସୃଷ୍ଟି କରି ଯୁଦ୍ଧ ଜାରି ରଖିବାକୁ ଚାହାନ୍ତି। ଏକଥା ମଧ୍ୟ ସତ୍ୟ ଯେ ଆମେରିକାର ସାମରିକ ସାହାଯ୍ୟ ବିନା ଏହି ଯୁଦ୍ଧ ଗୋଟିଏ ଇଞ୍ଚ ଆଗକୁ ବଢ଼ିପାରିବ ନାହିଁ। ମୁଣ୍ଡ ଜାମିନ ଥିବା ୨ ଜଣଙ୍କ ମୃତ ଶରୀର ଫେରସ୍ତ ପରେ ସ୍ଥିତି ବଦଳିବ ବୋଲି ଆଶା କରାଯାଇଛି।

ଇସ୍ରାଏଲ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲେ ମଧ୍ୟ ନ୍ୟୁଗାଜାରେ ଆଉ ୨ ଜଣଙ୍କୁ ହତ୍ୟା କରାଯାଇଛି। ତୁର୍କୀର ରାଷ୍ଟ୍ରପତି ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ଜର୍ମାନୀର ହସ୍ତକ୍ଷେପ ଲୋଡ଼ିଛନ୍ତି। କାତାର ପକ୍ଷରୁ ମଧ୍ୟ ଅନୁରୂପ ନିବେଦନ କରାଯାଇଛି। ଏସବୁ ସତ୍ତ୍ୱେ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଅସଲ ମସୁଧା କ'ଣ ତାହା ସ୍ପଷ୍ଟ ହେଉନାହିଁ। ଅଥଚ ଯୁଦ୍ଧ ବିରାମ ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜେରୁଜେଲମରେ ଜନମତ ସୃଷ୍ଟି ପାଇଁ ଅତିରକ୍ଷଣବାଦୀ ଇହୁଦୀଙ୍କ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଛି। ଏସବୁ ସତ୍ତ୍ୱେ ଆମେ ଆଶା କରିବା ମଧ୍ୟପ୍ରାଚ୍ୟରେ ଖୁବଶୀଘ୍ର ଶାନ୍ତିର ପଥ ପରିଷ୍କାର ହେଉ।

# କୀଟନାଶକ: ସବୁଜ ବିପ୍ଳବର ଅଲୋଡ଼ା ଉପହାର

ସବୁଜ ବିପ୍ଳବ ସ୍ୱାଧୀନ ଭାରତର ବିପୁଳ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଦେଲା ସତ; କିନ୍ତୁ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ନେଇ ଆସିଲା କୀଟ ଓ କୀଟନାଶକ ରୂପକ ବୋଝ। ଅଧୁନା ଆଧୁନିକ କୃଷି କୀଟନାଶକ ବିନା ପରିକଳ୍ପନା ମଧ୍ୟ କରାଯାଇପାରିବ ନାହିଁ। କୃଷିକୁ ଅଧିକ ଅମଳକ୍ଷମ ଓ ପରିବେଶ ସହନଶୀଳ କରିବା ପାଇଁ ଯେତେଯେତେ ନୂଆ ନୂଆ କିସମ ଉଦ୍‌ଭାବନ ହେଉଛି, ତା'ସହିତ ତାଳ ଦେଇ ନୂଆ ନୂଆ ରୋଗ ପୋକ ସୃଷ୍ଟି ହେଉଛନ୍ତି। କେବଳ ସେତିକି ନୁହେଁ, ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ଜନ୍ମ ନେଉଥିବା ଏହି ନୂଆ ରୋଗପୋକଗୁଡ଼ିକ ଅତିମାତ୍ରାରେ କୀଟନାଶକ ଓ ରୋଗନାଶକ ସହନଶୀଳ ହୋଇଗଲେଣି। ବିଶେଷଜ୍ଞମାନେ ରୋଗ, ପୋକ ନିଦାନ କରି ପ୍ରତିକାର ଆବିଷ୍କାର କରିବା ପୂର୍ବରୁ ଫସଲ ଉଜୁଡ଼ି ଯାଉଛି। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଏହା ପ୍ରମୁଖ।

ଅପରପକ୍ଷରେ ଏହି କୀଟ ଓ କୀଟନାଶକ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଅତିମାତ୍ରାରେ ଅନୁକୂଳ ହୋଇଛି। ରାସାୟନିକ ସାର ପ୍ରୟୋଗ ବଢ଼ିବା ସହିତ ସୃଷ୍ଟି ହେଉଥିବା ନୂଆ ନୂଆ କୀଟ ଓ ରୋଗ ଅନୁଯାୟୀ କୀଟନାଶକ ଓ ରୋଗନାଶକର ନୂଆ ନୂଆ ଉତ୍ପାଦ ବଜାରକୁ ଆସୁଛି, ଯାହାକୁ ଚାଷୀ କିଣିବାକୁ ବାଧ୍ୟ ହେଉଛି। ବହୁଦେଶୀୟ କମ୍ପାନୀମାନେ କୀଟନାଶକକୁ ଏଭଳି ଉପାଦାନରେ ବିକଶିତ କରୁଛନ୍ତି ଯେ ଥରେ ତାହା ପ୍ରୟୋଗ ହେଲା ପରେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ କାମ ଦେଉନାହିଁ। ଆଉ କେତେକ ସ୍ଥାନରେ ବଜାର ଅଂଶ ଓ ବାର୍ଷିକ ରୋଜଗାର ହରାଇବା ଭୟରେ ଚାଷୀମାନେ ପ୍ରତିଷେଧକ ରୂପେ ବେଉଷଣ ବେଳେ ହିଁ ତୃଣନାଶକ ଓ କବକନାଶକ ଜମିରେ ପ୍ରୟୋଗ କରୁଛନ୍ତି। ଏହି ଉଦ୍ୟମ କେତେକାଂଶରେ ସଫଳ ହେଉଛି ସତ, କିନ୍ତୁ ଯେଉଁଠାରେ ସେଭଳି କବକ ବା ଅନାବଶ୍ୟକ ତୃଣ ଉର୍ଦ୍ଧ୍ୱେଇବାର ସମ୍ଭାବନା ନାହିଁ ସେଠାରେ କବକନାଶକ ଓ ତୃଣନାଶକର ଅନାବଶ୍ୟକ ପ୍ରୟୋଗ ପରବର୍ତ୍ତୀ ସମୟରେ ସେହି ପରିବେଶ ଓ ମାଟିକୁ ରାସାୟନିକ ସହନଶୀଳ କରିଦେଉଛି। ଏହିକ୍ରମରେ କୀଟ ଓ କୀଟନାଶକ ଚାଷୀର ସର୍ବନାଶ କରୁଥିବା ବେଳେ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ପୁଷ ମାସ ଡାକି ଆଣୁଛି।

ସବୁଜ ବିପ୍ଳବର ଅଲୋଡ଼ା ଉପହାର ସ୍ୱରୂପ ଆସିଥିବା ଏହି ରାସାୟନିକ ଉତ୍ପାଦଗୁଡ଼ିକର ଭାରତରେ ସଂଗଠିତ ବଜାର ମୂଲ୍ୟ ପ୍ରାୟ ୨୪, ୫୦୦ କୋଟି ଟଙ୍କା। ପେଷ୍ଟିସାଇଡ୍ ବା କୀଟନାଶକ ଭାବରେ ଜଣାଶୁଣା ଓ ବ୍ୟବହୃତ ଏହି ରାସାୟନିକ ଉପାଦନ ମୁଖ୍ୟତଃ ତିନିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା, କୀଟନାଶକ(ଇନସେକ୍ଟିସାଇଡ୍), ତୃଣନାଶକ(ହର୍ବିସାଇଡ୍‌ସ) ଓ କବକନାଶକ(ଫୁଙ୍ଗିସାଇଡ୍)। ଏଥିମଧ୍ୟରେ ସବୁଠାରୁ ବଡ଼ ଅଂଶ ହେଉଛି କୀଟନାଶକର। ଭାରତରେ କୀଟନାଶକର ବାର୍ଷିକ କାରବାର ୧୦, ୭୦୦ କୋଟି ଟଙ୍କା ଥିବା ବେଳେ ତୃଣନାଶକର ୮, ୨୦୦ କୋଟି ଟଙ୍କା ଏବଂ କବକନାଶକର କାରବାର ୫, ୬୦୦ କୋଟି ଟଙ୍କା। ତୃଣନାଶକର ବଜାର ସର୍ବାଧିକ ବାର୍ଷିକ ୧୦% ହାରରେ ବୃଦ୍ଧି ପାଉଛି। ଏଥିରୁ ଭାରତୀୟ କୀଟନାଶକ ବଜାର ପ୍ରତି ବହୁଦେଶୀୟ କମ୍ପାନୀମାନଙ୍କ ଲୋଭ ଓ ଲାଭ ସହଜେ ଅନୁମେୟ। ଅଧୁନା ଭାରତୀୟ କୀଟନାଶକ ବଜାରରେ 'ବେୟର ଏଜି' ନାମକ ବହୁଦେଶୀୟ କମ୍ପାନୀର ଆନୁମାନିକ ଅଂଶ ୧୫% ଥିବା ବେଳେ 'ସିଞ୍ଜେଣ୍ଟା'ର ୧୨%, 'ଏଡିଏଏମଏ'ର ୧୦%, 'କର୍ଟେଭା ଏଗ୍ରୀସାଇନ୍ସ'ର ୭% ଏବଂ 'ସୁମିତୋମୋ କେମିକାଲ'ର ୬% ରହିଛି। ଆଶ୍ଚର୍ଯ୍ୟର କଥା ଯେ ଏଭଳି ବିପୁଳ ଲୋଭନୀୟ ଭାରତୀୟ କୀଟନାଶକ ବଜାରରେ ଭାରତୀୟ ସଂସ୍ଥା ବା ଉଦ୍ୟୋଗର ପଦଚିହ୍ନ ଅତି ନଗଣ୍ୟ। ସବୁଠାରୁ ବଡ଼ ଭାରତୀୟ କମ୍ପାନୀ 'ଧନୁକା ଆଗ୍ରିଟେକ୍'ର ଆନୁମାନିକ ବଜାର ଅଂଶ ୬% ଥିବା ବେଳେ 'ସିସିପିଏଲ୍'ର ୪%। ଅନ୍ୟ କେତେକ କମ୍ପାନୀ ବହୁଦେଶୀୟ କମ୍ପାନୀଙ୍କ ସହିତ ଯୌଥ ଉଦ୍ୟୋଗରେ ଭାରତରେ କୀଟନାଶକ ଉତ୍ପାଦନ କରୁଛନ୍ତି।

ଜଣେ କୃଷି ବୈଜ୍ଞାନିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୀଟନାଶକ ବଜାର ସମ୍ପର୍କରେ ଯେଉଁ ଗୋପନୀୟ ତଥ୍ୟ ପ୍ରଘଟ କରିଛନ୍ତି ତାହା ଯଦି ସତ ହୋଇଥାଏ ତେବେ ଭାରତୀୟ କୃଷି ଓ କୃଷକ କୀଟନାଶକର ଅଦୃଶ୍ୟ ପଞ୍ଝା ଭିତରକୁ ଯାଇସାରିଛନ୍ତି, ଯେଉଁଥିରୁ ମୁକୁଳିବା ନିକଟ ଭବିଷ୍ୟତରେ ଏତେ ସହଜ ନୁହେଁ। କମ୍ପ୍ୟୁଟରର ଆଣ୍ଟିଭାଇରସ୍ ବିକଶିତ କରୁଥିବା କମ୍ପାନୀମାନେ ଯେପରି ସ୍ୱୟଂ ନିୟମିତ ବ୍ୟବଧାନରେ ଭାଇରସ୍‌ମାନ ବିକଶିତ କରି ଇଣ୍ଟରନେଟ୍ ମାଧ୍ୟମରେ ଛାଡ଼ିଦିଅନ୍ତି ସେଭଳି କିସମ ଉଦ୍ଭାବନ କରୁଥିବା କେତେକ ଲୋଭୀ ଓ ଅସାଧୁ କୃଷି ବିଶେଷଜ୍ଞଙ୍କୁ ବହୁଦେଶୀୟ କମ୍ପାନୀମାନେ ବିପୁଳ ଉତ୍କୋଚ ଦେଇ ନବବିକଶିତ କିସମରେ ରୋଗପୋକର ବୀଜାଣୁମାନଙ୍କୁ ଛାଡ଼ିଦିଅନ୍ତି। ତାହା କାଳକ୍ରମେ ରୂପପରିବର୍ତ୍ତନ କରି(ମ୍ୟୁଟେସନ୍) ବ୍ୟାପକ କ୍ଷେତ୍ରକୁ ପ୍ରଭାବିତ କରେ। ଏହାକୁ ଏବେ 'ସବୁଜ ଆତଙ୍କ' ନାମରେ ଅଭିହିତ କରାଯାଉଛି। ନିକଟରେ ଆମେରିକାରେ ସୋୟାବିନ୍ ଫସଲକୁ ଏହି ଉପାୟରେ ବିଧ୍ୱଂସ କରିବା ପାଇଁ ଦୁଇ ଚୀନ୍ କୃଷି ବୈଜ୍ଞାନିକଙ୍କ ଷଡ଼ଯନ୍ତ୍ର ଧରାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି।

କେତେକ କୃଷିବିଜ୍ଞାନୀଙ୍କ ମତରେ ସଙ୍କରଜାତୀୟ ବିହନ ବିକାଶ ବେଳେ ଗୁଣସୂତ୍ର ପରିବର୍ତ୍ତନ ହିଁ ଅନେକ ରୋଗକୁ ସ୍ୱତଃ ସୃଷ୍ଟି କରୁଛି, ଯାହାର ନିରାକରଣ ପାଇଁ କୀଟନାଶକ ଅପରିହାର୍ଯ୍ୟ ହୋଇପଡୁଛି। ଆଉ କିଛି ବିଶେଷଜ୍ଞଙ୍କ ମତାନୁଯାୟୀ ଚାଷୀ ପ୍ରୟୋଗ କରୁଥିବା ରାସାୟନିକ ସାରରେ ମଧ୍ୟ କୀଟ ଓ କବକ ସୃଷ୍ଟିକାରୀ ତତ୍ତ୍ୱର ଅସାଧୁ ସମ୍ମିଶ୍ରଣ ହେଉଛି। ଏହା ପଛରେ ରହିଛି ଭାରତ ସରକାରଙ୍କ ବିପୁଳ ରିହାତି ଯୋଜନା। କହିବା ବାହୁଲ୍ୟ କୃଷି ଓ କୃଷକ ଜରିଆରେ ସରକାରଙ୍କ ଏହି ବିପୁଳ ରିହାତିର ଅସଲି ହକ୍‌ଦାର ବା ହିତାଧିକାରୀ ହେଉଛନ୍ତି ସାର ଓ କୀଟନାଶକ ଉତ୍ପାଦନ କରୁଥିବା କମ୍ପାନୀ। କୀଟନାଶକଠାରୁ ସାର ବଜାର ଆହୁରି କେତେଗୁଣା ଅଧିକ। ତେଣୁ ଏତେ ଶୀଘ୍ର ଯେ ସେମାନେ ଭାରତୀୟ ବଜାରକୁ ହାତଛଡ଼ା କରିଦେବେ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ।

ସାମଗ୍ରିକ ଭାବେ କହିବାକୁ ଗଲେ ବିହନ, ସାର ଓ କୀଟନାଶକ ମଧ୍ୟରେ ଏକ ମଧୁଚନ୍ଦ୍ରିକା ବା ଅସାଧୁ ମେଣ୍ଟ ସୃଷ୍ଟି ହୋଇସାରିଛି, ଯାହା ବିଶ୍ୱର ଖାଦ୍ୟ ନିରାପତ୍ତା ଆଗରେ ବିରାଟ୍ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ ବଜାର ଅର୍ଥନୀତି ଓ ଆମଦାନୀ-ରପ୍ତାନୀ ବାଧ୍ୟବାଧକତାରେ ଶସ୍ୟ ଓ କୃଷି ସମସ୍ୟା ଆଉ କୌଣସି ଦେଶ କିମ୍ବା ଅଞ୍ଚଳରେ ସୀମିତ ହୋଇରହିନାହିଁ; ରୋଗପୋକ ସମସ୍ୟା ମଧ୍ୟ ଲକ୍ଷ୍ୟ-ଅଲକ୍ଷ୍ୟରେ ଆମଦାନୀ ରପ୍ତାନୀ ହୋଇଚାଲିଛି। ଅପରପକ୍ଷରେ ଏହାଦ୍ୱାରା ସାର ଓ କୀଟନାଶକ ଉଦ୍ୟୋଗ ଏବଂ ପରୋକ୍ଷରେ ସେମାନଙ୍କ ଟିକସରେ ବିଭିନ୍ନ ଦେଶର ରାଜକୋଷମାନ ପୁଷ୍କଳ ହେଉଛି। ଏହି ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି, କୃଷିକ୍ଷେତ୍ରର ସାମୟିକ ବଳିଦାନ, ସର୍ବୋପରି କୃଷି ବୈଜ୍ଞାନିକଙ୍କ ରାଷ୍ଟ୍ରପ୍ରତି ସମର୍ପିତ କର୍ତ୍ତବ୍ୟବୋଧ, ସାଧୁତା ଓ ନିଷ୍ଠାର ସମନ୍ୱୟ ଆବଶ୍ୟକ। ଏହି ବିଷଚକ୍ର ଯେତେଶୀଘ୍ର ଭାଙ୍ଗିବ ବିଶ୍ୱ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ସେତେ କଲ୍ୟାଣକାରୀ ସାବ୍ୟସ୍ତ ହେବ।

ରୋଗ, ପୋକ ଫସଲକୁ କ୍ଷତି କରୁଥିବା ବେଳେ କୀଟନାଶକ ଫସଲ, ପାଣି, ପବନ ଜରିଆରେ ପରୋକ୍ଷ ଭାବେ ତାହାକୁ ଖାଉଥିବା ମଣିଷ, ଗାଈଗୋରୁଙ୍କ ଶରୀରକୁ ବିଷାକ୍ତ କରି ନା ନା ରୋଗ ସୃଷ୍ଟି କରିଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ ସବୁଜ ବିପ୍ଳବର ଏହି ଅଲୋଡ଼ା ଉପହାରଟିକୁ ତତ୍କାଳ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପରିହାର କରିବା ଏକପ୍ରକାର ଅସମ୍ଭବ। ଏବେ ଆମ ଦେଶରେ କୃଷିଶ୍ରମିକଙ୍କ ଘୋର ଅଭାବ ସୃଷ୍ଟି ହୋଇଛି। ତେଣୁ ଚାଷୀମାନେ ବାଧ୍ୟବାଧକତାରେ ଘାସମରା ଔଷଧ ବା ତୃଣନାଶକ ଉପରେ ନିର୍ଭର କରୁଛନ୍ତି, ଯାହାର ଫାଇଦା ବହୁଦେଶୀୟ କମ୍ପାନୀମାନେ ନେଉଛନ୍ତି। ଏହି ଶ୍ରମକାତରତା ଯୋଗୁଁ କୀଟନାଶକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ଚାଷୀ ଏବଂ ପରୋକ୍ଷ ପ୍ରଭାବିତ ଖାଉଟି ନିଜ ପାଇଁ କ୍ଷତି ଡାକି ଆଣୁଛନ୍ତି। କୃଷିଜାତ ମୂଲ୍ୟ ବୃଦ୍ଧି ଆଶଙ୍କାରେ ସରକାର ମଧ୍ୟ କୃଷି ଶ୍ରମିକଙ୍କ ମଜୁରୀ ବଢ଼ାଇବାକୁ ସାହସ କରୁନାହାନ୍ତି। ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୧୯ରେ ଉଦ୍ଭିଦ ସୁରକ୍ଷା କର୍ମୀ ଓ କୃଷି ଶ୍ରମିକଙ୍କ ପାଇଁ ଜାତୀୟସ୍ତରରେ ହାରାହାରି ଦୈନିକ ମଜୁରୀ ହାର ପ୍ରାୟ ୩୨୬ ଟଙ୍କା ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ତାହା ୪୪୭ ଟଙ୍କାରୁ ସାମାନ୍ୟ ବୃଦ୍ଧି ପାଇଥିଲା। ଆଜିର ବଜାର ଦରରେ ଏତେ କମ୍ ମଜୁରୀରେ ମାନବ ସମ୍ବଳ ଉପଲବ୍ଧ ନ ହେବା ସ୍ୱାଭାବିକ। ଏହାଛଡ଼ା ହାତରେ ଘାସ ବାଛିବା ପାଇଁ ଏକର ପିଛା ୮/୧୦ ଘଣ୍ଟା ସମୟ ଲାଗୁଥିବା ବେଳେ ମାତ୍ର ୨/୩ ଘଣ୍ଟାରେ ଏକ ଏକରରେ ତୃଣନାଶକ ପ୍ରୟୋଗ କରାଯାଇପାରୁଛି। ଏଣୁ ଶସ୍ତାରୁ ପରବର୍ତ୍ତୀ ସମୟରେ ହୀନସ୍ତା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

କୀଟନାଶକର ପଞ୍ଝାରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଜୈବିକ କୃଷି, ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏହାଛଡ଼ା ଆମେ ନିଜକୁ ଯନ୍ତ୍ର ଓ ରାସାୟନିକ ନିର୍ଭରଶୀଳତା ହ୍ରାସ କରି ପରିଶ୍ରମୀ ହେବା ଆବଶ୍ୟକ। ସାମଗ୍ରିକ, ସମନ୍ୱିତ ଓ ସହଯୋଗୀ ଉଦ୍ୟମ ବିନା ଭାରତୀୟ କୃଷିକୁ ଏହି ସମସ୍ୟାରୁ ମୁକ୍ତ କରାଯିବା ଏକପ୍ରକାର ଅସମ୍ଭବ।

ସକାଳ ମିଡିଆ ସର୍ଭିସ୍

# ହରିକେନ୍ ମେଲିସା

ଡ. ବିଜୟ କେତନ ପଟ୍ଟନାୟକ

ଗତ ଅକ୍ଟୋବର ୨୭/୨୮ ତାରିଖରେ ଓଡ଼ିଶା ମହାବାତ୍ୟା 'ମୋନ୍ଥା'ର ଆନୁମାନିକ ପ୍ରଳୟଙ୍କରୀ ପ୍ରଭାବରୁ ବର୍ତ୍ତି ଯାଇଥିବା ବେଳେ ଅକ୍ଟୋବର ୨୮ ତାରିଖରେ ପଶ୍ଚିମ ଗୋଲାର୍ଦ୍ଧରେ ଉତ୍ତର ଆମେରିକା ତଟଦେଶରେ ତଥା ଉତ୍ତର-ଆଟଲାଣ୍ଟିକ ମହାସାଗର ଭିତରେ ଥିବା କାରବିୟାନ ସମୁଦ୍ରର ଦ୍ୱୀପ ଦେଶଗୁଡ଼ିକରେ, ବିଶେଷକରି ଜାମାଇକାରେ, ହରିକେନ 'ମେଲିସା' ଖଣ୍ଡପ୍ରଳୟ ସୃଷ୍ଟି କରିଛି। କ୍ୟୁବା, ବାହାମା ଆଦି ଦ୍ୱୀପଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। 'ମେଲିସା' ଆଟଲାଣ୍ଟିକ ମହାସାଗରରେ ଚଳିତ ବାତ୍ୟାଋତୁର ସଂଘଟିତ ପଞ୍ଚମ ହରିକେନ ଏବଂ ଶତାବ୍ଦୀର ସବୁଠାରୁ ଭୟଙ୍କର ବାତ୍ୟା। ଅକ୍ଟୋବର ମାସ ପ୍ରାରମ୍ଭରେ ପଶ୍ଚିମ ଆଫ୍ରିକା ତଟରୁ ଏକ ଉଷ୍ମ ମଣ୍ଡଳୀୟ ଢେଉ ଦ୍ୱାରା ଏହାର ଜନ୍ମ ହୋଇଥିଲା। ପାଣିପାଗ ବିଜ୍ଞାନୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ସମୁଦ୍ରର ଜଳରାଶି ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ସେଠାରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ଓ ଗଭୀର ଅବପାତରେ ପରିଣତ ହୋଇ ବାତ୍ୟା ସୃଷ୍ଟି ହୋଇଥାଏ। ହରିକେନ୍ 'ମେଲିସା' ମଧ୍ୟ ଧୀରେ ଧୀରେ ଉତ୍ତପ୍ତ ସାମୁଦ୍ରିକ ଜଳରାଶିରୁ ବଳ ଗୋଟାଇ ଆଟଲାଣ୍ଟିକ ମହାସାଗରରେ ଆଗକୁ ବଢ଼ିଥିଲା।

ଘୂର୍ଣ୍ଣିବାତ୍ୟାକୁ ସ୍ଥାନବିଶେଷରେ ତିନିପ୍ରକାର ନାମରେ ଅଭିହିତ କରାଯାଇଛି। ଯଥା ହରିକେନ, ସାଇକ୍ଲୋନ ଓ ଟାଇଫୁନ। ଉତ୍ତର ଆଟଲାଣ୍ଟିକ ମହାସାଗର, କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ହରିକେନ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଲେ ଏହାକୁ କୁହାଯାଏ ଟାଇଫୁନ। ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ସଂଲଗ୍ନସ୍ଥାନ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଚକ୍ରବାତ ବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ସାଇକ୍ଲୋନ।

ଗତ ୨୮ ଅକ୍ଟୋବରରେ ଜାମାଇକା ଦ୍ୱୀପଦେଶର ଦକ୍ଷିଣ-ପଶ୍ଚିମରେ ଥିବା ନିଉହୋପ ଇଲାକାରେ ସ୍ଥଳଭାଗ ସ୍ପର୍ଶ କଲା ବେଳେ ହରିକେନ 'ମେଲିସା'ର ବାୟୁର ଗତି ଥିଲା ଘଣ୍ଟା ପ୍ରତି ୧୮୫ ମାଇଲ ବା ୨୯୫ କିଲୋମିଟର ଏବଂ ଏହାର କେନ୍ଦ୍ରସ୍ଥଳର ବାୟୁଚାପ ରହିଥିଲା ୮୯୨ ମିଲିବାର ବା ୨୬.୩୪ ଇଞ୍ଚ। ଏହା ତୁଳନାରେ ୧୯୯୯ ମସିହାର ଓଡ଼ିଶା ସୁପର ସାଇକ୍ଲୋନ ସମୟରେ ପବନର ଗତି ଥିଲା ଘଣ୍ଟାପ୍ରତି ୨୬୦ କିଲୋମିଟର ଓ କେନ୍ଦ୍ରସ୍ଥଳର ବାୟୁ ଚାପ ଥିଲା ୮୯୮ ମିଲିବାର ବା ୨୬.୫୨ ଇଞ୍ଚ। ୨୦୧୯ ମସିହାରେ ଜାମାଇକା ନିକଟସ୍ଥ ବାହାମା ଦ୍ୱୀପଦେଶରେ ବୋରିଆନ୍ ନାମକ ଅନ୍ୟ ଏକ ଘୂର୍ଣ୍ଣିବାତ୍ୟା ଆଘାତ ଦେଇଥିଲା, ଯାହାର ବାୟୁ ଗତି ଥିଲା ଘଣ୍ଟାପ୍ରତି ୧୮୫ ମାଇଲ।

ବାୟୁର ଗତି ଓ ତୀବ୍ରତା ଦୃଷ୍ଟିରୁ 'ମେଲିସା' ଶ୍ରେଣୀ ବିଭାଗ କ୍ରମରେ ଥିଲା ୫ମ ଶ୍ରେଣୀ ବା କାଟାଗୋରି -୫। ୧ମ ଶ୍ରେଣୀ ହରିକେନର ବାୟୁ ଗତି ୭୦ରୁ ୯୫ ମାଇଲ, ଦ୍ୱିତୀୟ ଶ୍ରେଣୀର ୯୬ ରୁ ୧୧୦ ମାଇଲ, ତୃତୀୟ ଶ୍ରେଣୀର ୧୧୧ ରୁ ୧୨୯ ମାଇଲ, ଚତୁର୍ଥ ୧୩୦ ରୁ ୧୫୬ ମାଇଲ ଏବଂ ପଞ୍ଚମ ୧୫୭ ମାଇଲ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ଏହି ଶ୍ରେଣୀରେ ବାୟୁର ଗତି ଘଣ୍ଟା ପ୍ରତି ୨୫୨ କି.ମି ବା ତହିଁରୁ ଅଧିକ ହୋଇଥାଏ। କାଟାଗୋରୀ ୫ ହରିକେନରେ ପବନର ଗତି ଓ ତୀବ୍ରତା ଏବେ ଅଧିକ ଯେ ଏହା ଦ୍ୱାରା ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ଇଥାଏ। ଏପରିକି ମଜବୁତ ସିମେଣ୍ଟ ଓ କଂକ୍ରିଟ ଘର ଭାଙ୍ଗି ଯାଏ ବା ଛାତ ଉଡ଼ିଯାଏ। ବଡ଼ ବଡ଼ ଗଛ ଉପୁଡ଼ି ପଡ଼େ। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ଓ ଯୋଗଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଠପ ହୋଇଯାଏ। ସମୁଦ୍ରରେ ସୁନାମି ଭଳି ଉଚ୍ଚ ଜୁଆର ଆସିଥାଏ।

ହରିକେନ୍ 'ମେଲିସା' ପ୍ରଭାବରେ ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜୁଆର ଉଠି ସମୁଦ୍ର ଉପକୂଳର ଭିତ୍ତିଭୂମିକୁ ଗ୍ରାସ କରିଥିଲା। ପ୍ରାୟ ୫୦, ୦୦୦ ଜାମାଇକା ଅଧିବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ସମପରିମାଣର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ହରିକେନ୍‌ରେ ପାଖାପାଖି ୧୫ ଲକ୍ଷ ଲୋକ ସିଧାସଳଖ କ୍ଷତିଗ୍ରସ୍ତ ହୋଇଛନ୍ତି।

ଜାମାଇକା ଦ୍ୱୀପ କ୍ୟାରିବିୟାନ ସାଗର ମଧ୍ୟରେ ତୃତୀୟ ବୃହତ୍ତମ ଦ୍ୱୀପ। ଏହାର ରାଜଧାନୀ କିଙ୍ଗସ୍ଟନ। ଜନସଂଖ୍ୟା ୨୭ ଲକ୍ଷରୁ ୩୦ ଲକ୍ଷ ମଧ୍ୟରେ। ଜାମାଇକାର ଭୂଭାଗ ଶ୍ୟାମଳ ସବୁଜିମାମୟ। ପର୍ବତ, ଜଙ୍ଗଲ ବିଶେଷତଃ ବୃଷ୍ଟିବନରେ ଭରପୂର। ଉପକୂଳ କଡ଼େ କଡ଼େ ଛୋଟ ଛୋଟପଥରର ପାହାଡ଼। ଭରପୂର ପର୍ଯ୍ୟଟନ ସମ୍ଭାର। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଜାମାଇକା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପ୍ରାୟ ୪୩ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି। 'ମେଲିସା' ଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଜାମାଇକାରେ ପ୍ରଳୟ ସୃଷ୍ଟି କରିବା ପରେ 'ମେଲିସା' ସାମାନ୍ୟ ଦୁର୍ବଳ ହୋଇ ଚତୁର୍ଥ କାଟାଗୋରି ବାତ୍ୟାରେ ପରିଣତ ହୋଇଥିଲା ଏବଂ କ୍ୟୁବା ଅଭିମୁଖେ ଅଗ୍ରସର ହୋଇଥିଲା।

ପ୍ରକୃତିର ଏଇ କ୍ରୋଧ ଓ ତାଣ୍ଡବ ଲୀଳା ବିଶ୍ୱ ତାପନ ଜନିତ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି। ପୃଥିବୀର ତାପମାତ୍ରା ବଢ଼ିବା ସଂଗେ ସଂଗେ ବିଭିନ୍ନ ସାଗର ଓ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାଗୁଡ଼ିକର ପୌନଃପୁନିକତା ବଢୁ ନ ଥିଲେ ମଧ୍ୟ ଏହାର ତୀବ୍ରତା ଯଥେଷ୍ଟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ପରିଣତି, ପ୍ରକୃତିର କୋପ ଭାବରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଉଛି। ସମଗ୍ର ଜୀବଜଗତ ପାଇଁ ଏହା ଏକ ସତର୍କ ଘଣ୍ଟି।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହିଭଳି ଭାବରେ ବଜ୍ରଯାନ ଶିକ୍ଷା ଓ ପରମ୍ପରା ଦ୍ୱାରା ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ପଦ୍ମସମ୍ଭବ ହେଉଛନ୍ତି ଉଭୟ ଜନ୍ମଶୂନ୍ୟ ତଥା ମୃତ୍ୟୁଶୂନ୍ୟ। ସେ ଗୋଟିଏ ଆକୃତିରେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ପୁଣି ବହୁପ୍ରକାରର ଆକୃତିରେ ପୁନଃଆବିର୍ଭାବ ହୋଇପାରନ୍ତି। ତାଙ୍କ ଜ୍ଞାନ, ଶିକ୍ଷା ତଥା ସାଧନା ଦ୍ୱାରା ସୃଷ୍ଟ ପ୍ରବୁଦ୍ଧ ଶିଷ୍ୟଗୋଷ୍ଠୀ ସମଗ୍ର ବିଶ୍ୱରେ ତାଙ୍କ ମହତ୍ତ୍ୱର ଆଲୋକ ବିଚ୍ଛୁରିତ କରି ଚାଲିଛନ୍ତି। ଏହା ଫଳରେ ସମସ୍ତ ଜୀବିତ ମନୁଷ୍ୟ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକାଳରେ ଜଣେ ଜଣେ ପଦ୍ମସମ୍ଭବ ଉପସ୍ଥିତ ହୋଇପାରିବେ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଯେପରି ଚମକପ୍ରଦ, ତାଙ୍କର ତିବ୍ବତ ପରିତ୍ୟାଗ ମଧ୍ୟ ସେହିଭଳି ଏକ ବିସ୍ମୟଜନକ ବ୍ୟାପାର। ତିବ୍ବତରେ ସେ ପ୍ରାୟ ପଚାଶ ବର୍ଷ କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ପରେ ଏବଂ



## ଦ୍ୱିତୀୟ-ବୁଦ୍ଧ କଥା

ଲାମା ଧର୍ମକୁ ସେଠାରେ ଅତ୍ୟନ୍ତ ଦୃଢ଼ଭିତ୍ତିର ସହ ପ୍ରତିଷ୍ଠା କରିବା ପରେ ଏବଂ ତାହାକୁ ସମସ୍ତ ନିରାପତ୍ତାର ସହ ବ୍ୟବସ୍ଥିତ କରିସାରିବା ପରେ ଖ୍ରୀ ୮୦୨ ରେ ସମସ୍ତ ତିବ୍ବତୀୟଙ୍କୁ ଦୁଃଖ ସାଗରରେ ଭସାଇ ଅନ୍ୟସ୍ଥାନରେ ବୌଦ୍ଧ ଧର୍ମର ସଂସ୍ଥାପନ ନିମିତ୍ତ ତିବ୍ବତରୁ ତାଙ୍କର ବିଦାୟ ନେବାର ସମୟ ହୋଇଗଲା ବୋଲି ସେ ଘୋଷଣା କରିଦେଲେ। ତାଙ୍କର ଦୁଇ ପରମପ୍ରିୟା ସହଚରୀ ଜଣେ ପତ୍ନୀ ମନ୍ଦରଭା ଓ ଅନ୍ୟ ଜଣକ ହେଲେ ତାଙ୍କର ଅତ୍ୟନ୍ତ ବିଶ୍ୱାସଯୋଗ୍ୟା ସହାୟିକା ବା ସହକର୍ମୀ ତଥା ପରମ-ଭକ୍ତି ୟେଶେ ସୋଗ୍ୟାଲ ଏହି ଦୁହିଁଙ୍କ ଗହଣରେ ସେ ତିବ୍ବତର ଉତ୍ତର ପାଖରେ ଥିବା ମଙ୍ଗ୍-ୟୁଲରେ ରହିଥିବା ଗୁଙ୍ଗ୍-ଥାଙ୍ଗ-ଲା ନିକଟରେ ପହଞ୍ଚିଲେ। ସେଠାରେ ପଦ୍ମସମ୍ଭବ ରାଜା, ଧର୍ମାଧୀଶଗଣ ଓ ଜମା ହୋଇଥିବା ସମସ୍ତଙ୍କୁ ବିଦାୟ ଜଣାଇବା ସହ ସମସ୍ତଙ୍କ ପାଇଁ ତାଙ୍କର ବିଦାୟବେଳର ଉପଦେଶ ରହିଲା, 'ଯାହାସବୁ ଧର୍ମଶିକ୍ଷା ପାଇଛ ତା'କୁ ବଜାୟ ରଖିବା, ଯାହା ସବୁ ଗୁପ୍ତବିଦ୍ୟାର ଭଣ୍ଡାର ଦେଶସାରା ବିଭିନ୍ନ ସ୍ଥାନରେ ଲୁକ୍କାୟିତ ହୋଇ ରଖାଯାଇଛି ଉପଯୁକ୍ତ ସମୟରେ ସେ ସବୁର ପ୍ରକଟନ ଏବଂ ପ୍ରଚାର ପ୍ରସାର କରାଇବା ଆବଶ୍ୟକ।' ଏହା କହି ଅଶ୍ୱଚାଳିତ ଯାନରେ ଆରୋହଣ କରି ସ୍ୱଳ୍ପସଂଖ୍ୟକ ସହାୟକଙ୍କ ସହ ଦକ୍ଷିଣ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ। ମନ୍ଦରଭା ସାଂଗରେ ରହିଲେ; ମାତ୍ର ୟେଶେ ତିବ୍ବତରେ ହିଁ ଗୁରୁଙ୍କ ଉପଦେଶ ଓ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟର ସଞ୍ଚାଳନ ନିମନ୍ତେ ରହିଲେ।

ସାଧାରଣ ଭାବେ ଦର୍ଶାଯାଇଛି ଯେ ବୌଦ୍ଧଧର୍ମର ପ୍ରବେଶ ଓ ବିସ୍ତାରକୁ ତିବ୍ବତରେ ବିରୋଧ କରୁଥିବା ଶକ୍ତିସବୁକୁ ସଂପୂର୍ଣ୍ଣଭାବେ ପଦ୍ମସମ୍ଭବ ଆୟତ୍ତ କରିଥିଲେ। ତଥାପି ମଧ୍ୟ ଅଭିଜାତ ଗୋଷ୍ଠୀର କେତେକ ପ୍ରଭାବଶାଳୀ ବ୍ୟକ୍ତି ପଦ୍ମସମ୍ଭବଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିଲେ ଏବଂ ତାଙ୍କ ବିରୋଧରେ ରାଜାଙ୍କ କାନରେ ବାରମ୍ବାର ଅନେକ ଅଭିଯୋଗମୂଳକ ବିଷୟ ପକାଇ ରାଜାଙ୍କ ମନକୁ ବିଷାକ୍ତ କରାଉଥିଲେ। ମାତ୍ର ରାଜା ସେସବୁକୁ କର୍ଣ୍ଣପାତ ନ କରି ଗୁରୁଙ୍କ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବ୍ୟବସ୍ଥା କରାଇଥିଲେ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର ହେଲେ ପିଣ୍ଟୁ ଦାଶ

ଫୁଲବାଣୀ, ୩୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବଶଙ୍କର ଦାଶ



ଓରଫ୍ ପିଣ୍ଟୁ ଦାଶଙ୍କୁ ଶୁକ୍ରବାର ଫୁଲବାଣୀ ସର୍କଲ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଅଣାଯାଇଛି।

ସକାଳ ୮ଟା ୧୫ରେ ବ୍ରହ୍ମପୁର ଜେଲ୍‌ରୁ ବାହାରି ଦିନ ୧୧ଟା ୫୦ରେ ଫୁଲବାଣୀ ଜେଲ୍‌କୁ ନିଆଯାଇଥିଲା। ପିଣ୍ଟୁଙ୍କ ଉପସ୍ଥିତି ଦୃଷ୍ଟିରୁ ଫୁଲବାଣୀ ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ଜେଲ ଅଧିକାରୀଙ୍କ ସୂଚନା ଅନୁସାରେ, ଜେଲର ଅନ୍ତେବାସୀ କ୍ଷମତା ୩୭୦ ଥିବା ବେଳେ ପିଣ୍ଟୁଙ୍କୁ ମିଶାଇ ବର୍ତ୍ତମାନ ଏଠାରେ ୨୨୯ଜଣ କଏଦୀ ଅଛନ୍ତି। ପିଣ୍ଟୁଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ଜେଲଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ କଏଦୀଙ୍କ ଭଳି ଏକ ୱାର୍ଡରେ ତାଙ୍କୁ ରଖାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୨୨ ତାରିଖରେ ଅନ୍ୟମାନଙ୍କ ସହ ପିଣ୍ଟୁଙ୍କୁ ପୁଲିସ ଗିରଫ କରିଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କାରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ଭଞ୍ଜନଗର କିମ୍ବା ଆସିକା ଜେଲ୍‌କୁ ପଠାଇବାକୁ ଚିନ୍ତା କରାଯାଇଥିବା ବେଳେ ଶେଷରେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୁଲିସର କଡ଼ା ସୁରକ୍ଷାବଳୟ ଭିତରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ପିଣ୍ଟୁ ଦାଶଙ୍କ ଠିକଣା ବଦଳିଛି।

# ଲାଞ୍ଚ ନେଇ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବାଲିଗୁଡ଼ା, ୩୧।୧୦ (ସମିସ): ନିଜ ସ୍କୁଲ କର୍ମଚାରୀଙ୍କଠାରୁ ୪ହଜାର ଟଙ୍କା ଲାଞ୍ଚ ନେଇ ଜଣେ ପ୍ରଧାନ ଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ, କନ୍ଧମାଳ ଜିଲ୍ଲା ବୁଡ଼ାଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମାରମଣି ମଲ୍ଲିକ। ନିଜ ସ୍କୁଲର ଜଣେ କର୍ମଚାରୀଙ୍କ ଉପସ୍ଥାନକୁ ନିୟମିତ କରାଇବା ଏବଂ ଗତ ୨ ମାସର ଦରମା ଉଠାଇବାରେ ସହଯୋଗ କରିବା ଲାଗି ସେ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଦରମା ଉଠାଇ ପାରିବ ନାହିଁ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ମଲ୍ଲିକ ରୋକଠୋକ୍ ମନା କରିଦେଇଥିଲେ। କୌଣସି ଉପାୟ ନପାଇ କର୍ମଚାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। କର୍ମଚାରୀଜଣଙ୍କ ପ୍ରଧାନ ଶିକ୍ଷକଙ୍କୁ ଫୋନ୍-ପେ’ ଜରିଆରେ ୪ ହଜାର ଟଙ୍କା ପଠାଇଥିଲେ। ଭିଜିଲାନ୍ସ ପ୍ରଧାନଶିକ୍ଷକଙ୍କ ଉକ୍ତ ଫୋନକୁ ଜବତ କରିଛି। ଏହା ପରେ ଭିଜିଲାନ୍ସ ପକ୍ଷରୁ କୁମାରମଣିଙ୍କ ୩ଟି ଠିକଣାରେ ଚଢ଼ଉ କରାଯାଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ

ଭୁବନେଶ୍ୱର,୩୧।୧୦(ସମିସ): ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶ ପ୍ରେମରେ ଜୀବନକୁ ଆଲୋକରେ ଉଦ୍ଭାସିତ କରିଥିବା, ଚିନ୍ତାର ଉଚ୍ଚତମ ଶୃଙ୍ଗକୁ ସ୍ୱର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସି ଯାଇଥିଲା, ସେତେବେଳେ ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦେଶ୍ୟରେ ଯେଉଁ



ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି

**ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି**

ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। ବିପ୍ଳବୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ଇତିହାସରେ ମିଳିବା ଦରକାର। ଐତିହ୍ୟ ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଆମ କୀର୍ତ୍ତି ଓ ସଂସ୍କୃତି ସୁରକ୍ଷିତ ରହିବ। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପଯୁକ୍ତ ଭାବେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ ବୋଲି କହିବା ସହିତ ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି ଗଜପତି ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ‘ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ’ ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆସନ୍ନ ପରାଜୟକୁ ନେଇ ବିଜେପି ଭୟଭୀତ: ପ୍ରୀତିରଞ୍ଜନ

## ଆମକୁ ଡରାଇ ଭୋଟ ହାତେଇବା ରାଜନୀତିକୁ ଲୋକେ ଜବାବ ଦେବେ

ନୂଆପଡ଼ା, ୩୧।୧୦ (ସମିସ): ବିଜେପି ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୁଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଏହା କହିଛନ୍ତି। ଶ୍ରୀ ଘଡ଼େଇ କହିଛନ୍ତି, ନୂଆପଡ଼ା ଭୋଟ୍ ଗ୍ରହଣ ପୂର୍ବରୁ ବିଜେପି ଦେଖାଇଦେଲା ଯେ ଓଡ଼ିଶାରେ ଗଣତନ୍ତ୍ର ଆଉ ସୁରକ୍ଷିତ ନୁହେଁ। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରାତିଅଧିଆ ଏପରି ଜଣେ ଆଇପିଏସ୍ ଅଧିକାରୀଙ୍କୁ ଏଠି ନିର୍ବାଚନ ଦାୟିତ୍ୱ ଦିଆଯାଉଛି, ଯାହାଙ୍କ ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ଲାଗିଛି। ନୂଆପଡ଼ାର ଆରକ୍ଷୀ ଅଧୀକ୍ଷକ ତାଙ୍କୁ ସହଯୋଗ



କରି ବିରୋଧୀଦଳ ନେତାଙ୍କୁ ନିର୍ଯାତନା ଦେଉଛନ୍ତି। ବିନା ଆଦେଶରେ ଚଢ଼ଉ କରୁଛନ୍ତି। ବିଜେପି ପ୍ରତି ନିଜ ଆନୁଗତ୍ୟ ପ୍ରମାଣ କରିବା ପାଇଁ ବିଜେଡି ନେତାଙ୍କୁ ହଇରାଣ କରୁଛନ୍ତି। ଆଜି ବେଆଇନ ଭାବେ ମୁଁ ରହୁଥିବା ସ୍ଥାନରେ ଯେପରି ଚଢ଼ଉ କରାଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ଇତିହାସରେ କୁ-ପରମ୍ପରା ଆରମ୍ଭ କରୁଛି ବିଜେପି। ଶ୍ରୀ ଘଡ଼େଇ କହିଛନ୍ତି, ନିର୍ବାଚନ କମିଶନ ସବୁ ଦେଖୁଛନ୍ତି। ତୁରନ୍ତ ଏହି ଆଇପିଏସ ଅଧିକାରୀଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟାନ୍ତୁ। ଗଣତନ୍ତ୍ରକୁ ସୁରକ୍ଷା ନଦେଲେ ଏହି ଅନୁଷ୍ଠାନ ଉପରୁ ଲୋକଙ୍କ ବିଶ୍ୱାସ ଭାଙ୍ଗିଯିବ। ନୂଆପଡ଼ାର ଲୋକେ ଶାନ୍ତି, ସମ୍ମାନ ଓ ସୁରକ୍ଷା ଚାହୁଁଛନ୍ତି। ବିଜେପି ସରକାର ଜାଣି ରଖନ୍ତୁ ଆମକୁ ଭୟଭୀତ କରି ଭୋଟ୍ ନିଜ ସପକ୍ଷରେ ନେବା ପାଇଁ ହୀନ ଉଦ୍ୟମ କରିବା କଦାପି ଗ୍ରହଣୀୟ ନୁହେଁ। ଲୋକେ କ୍ଷମା ଦେବେନି ବୋଲି ଶ୍ରୀ ଘଡ଼େଇ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।

**AFFIDAVIT**
I, Pramodini Mohanty, W/o- Geetiranjan Mohanty, resident of At/Po- Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2489 dated 31/10/2025 that now onwards I shall be known as **Shruti Mohanty** for all future purposes.

**AFFIDAVIT**
I, Rajakishore Mohanty, S/o Ganeswar Mohanty, resident of AT/PO-Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2488 dated 31/10/2025 that now onwards I shall be known as **Braja Kishore Mohanty** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**Notice**
**(Above 18 years of age)**
By Virtue of an Affidavit sworn before the Executive Magistrate, Udala,Mayurbhnaj, dated 30.10.2025, I, Umakanta Sahu, Address At/ Po- Dhanghera , Ps- Udala, Dist- Mayurbhanj, Pin- 757087 declare that I have changed my name Sipu Sahu to Umakanta Sahu. Henceforth I shall be known as **Umakanta Sahu** for all purposes.
**Umakanta Sahu**

**AFFIDAVIT**
By virtue of an Affidavit before Notary Public, Malkangiri, **I, Rinku Dhali**, aged about 24 years, W/o.: Dhananjaya Dhali, D/o.: Ramababu Biswas, resident of Village: M.P.V-77, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1635/2025, Dated: 30.10.2025 that I have changed my name from Rinku Biswas to **Rinku Dhali.** Henceforth I shall be known as **Rinku Dhali** for all future purposes.

**AFFIDAVIT**
I, Mira Das, W/O-Nirmal Kumar Mohakud, resident of staff Qtrs-S/18, KIMS Campus-5, KIIT, Patia, Bhubaneswar-24, Odisha, declare by this affidavit no.-381, Dated. 11.10.2025 that, now onwards I shall be known as **Mirabai Das** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, **I, Ananda Madhi**, aged about 23 years, S/o.: Beera Madhi, resident of Village: Kurub, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1655/2025, Dated: 30.10.2025 that I have changed my name from Adama Madi to **Ananda Madhi.** Henceforth I shall be known as **Ananda Madhi** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapan Ranjan Sahoo, S/o- Pramod Kumar Sahoo, At- Chakamadhupr, P.O.- Madhupr, P.S.-Mahanga, Dist.- Cuttack do hereby declare that my father’s correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapan Ranjan Sahoo**

**AFFIDAVIT**
I Kanduru Majhi, At- Kailashchandrapur, Budhikhamari, Dist - Mayurbhanj, Odisha, Pin - 757029 declared by affidavit before in The court of Executive Magistrate Baripada, Si No -1495, dtd - 15/09/2025 that my actual name is KANDURU MAJHI, S/O RUHYA MAJHI which is mentioned in my Aadhaar card and voter card.That my name wrongly mentioned as KANDRU MAJHI SRIDHAR S/O RUHIA MAJHI in my Driving License No - OR1120000006889. That I declared that KANDURU MAJHI, S/O RUHYA MAJHI and KANDRU MAJHI SRIDHAR, S/O RUHIA MAJHI is same and one person for all purpose.
**Sd/- Kanduru Majhi**

**AFFIDAVIT**
By virtue of an affidavit (CF No. 43) sworn before The Executive Magistrate, Bhubaneswar dated- 29/10/2025. I, **Deepti Verma,** W/o Amar Verma, Address: Plot No. 5/280, Gopinathpur, Ghodapadiya, Near Ruchika Restaurant, Dhauli, Bhubaneswar, Dist- Khordha, PIN- 751012, Odisha declare that I have changed my name from **Deepti Singh Bhadauriya** to **Deepti Verma.** Henceforth, I shall be known as **Deepti Verma** (new name) for all purposes.
**Deepti Verma**

**ପୂର୍ବ ତଟ ରେଳପଥ**
ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ ନିଦାନ କେନ୍ଦ୍ର(Diagnostic Centre)/ ଚିକିତ୍ସାଳୟଗୁଡ଼ିକର ସୂଚୀକରଣ ନିମନ୍ତେ ଆଗ୍ରହର ପରିପ୍ରକାଶ
ସଂ. ECoR/MD/CH/BBS/Radiology/Tie-up/775, ତା.24.10.2025ରିଖ
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର(BBS) ହେଉଛି 110 ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ଯେ କି ମୋଟ୍ 4,670 ରେଳ କର୍ମଚାରୀ, ସେମାନଙ୍କ ଆଶ୍ରିତ, 4030 RELHS କର୍ମଚାରୀ, ସେମାନଙ୍କ ଆଶ୍ରିତ ତଥା ମଣ୍ଡଳଗୁଡ଼ିକରୁ ସନ୍ଦର୍ଭିତ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି । ନିୟମିତ ଭାବେ ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱରରେ ମଧ୍ୟ ଏକ ଏକ୍ସ-ରେ(Ex-Ray) ଏବଂ USG ୟୁନିଟ୍ କାର୍ଯ୍ୟ କରୁଛି । ଅନୁବନ୍ଧିତ ରିଫେରାଲ (Referral) ଚିକିତ୍ସାଳୟଗୁଡ଼ିକରୁ ଉଚ୍ଚ କ୍ଷମତା ସମ୍ପନ୍ନ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଂ ନିମନ୍ତେ ଚିକିତ୍ସାଳୟ ତରଫରୁ ଯୋଜନା କରାଯାଇଛି ।
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର “ରେଳବାଇ ବୋର୍ଡ ପତ୍ର ସଂ. 2011/H/6-4/policy, ତା.03.02.2015ରିଖ ଅନୁଯାୟୀ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଂ କାର୍ଯ୍ୟରେ ମାନକ ପରିଚାଳନା କାର୍ଯ୍ୟ ପ୍ରକ୍ରିୟା(Standard Operation Procedure)” ସମ୍ବନ୍ଧରେ ରେଳବାଇ ବୋର୍ଡ ମାର୍ଗଦର୍ଶିକା ଅନୁଯାୟୀ ରେଳବାଇ ହିତାଧିକାରୀମାନଙ୍କୁ ଉପରୋକ୍ତ ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟମାନଙ୍କ ସୂଚୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି ।
ଉପରୋକ୍ତ ସେବା ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର ସହିତ ପାରସ୍ପରିକ ବୁଝାମଣାପତ୍ର (Mutual Agreement)ରେ ଅଂଶଗ୍ରହଣ ନିମନ୍ତେ ଇଚ୍ଛୁକ ଭୁବନେଶ୍ୱର ସ୍ଥିତ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟଗୁଡ଼ିକ ଠାରୁ ଜଉମୁଦା ଦରଖାସ୍ତ ଜରିଆରେ ଆଗ୍ରହର ପରିପ୍ରକାଶ(EOI) ଆମନ୍ତ୍ରଣ କରୁଛି ।
ଉପରୋକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ସୂଚୀକରଣ ପାଇଁ ଇଚ୍ଛୁକ ଥିବା ସେଣ୍ଟର/ଚିକିତ୍ସାଳୟଗୁଡ଼ିକ ନିର୍ଦ୍ଧାରିତ ନଥିପତ୍ର ସହିତ ଏକ ଜଉମୁଦା ଲଫାଫାରେ ତା.28.11.2025 ରିଖ 1700 ଘଟିକା ସୁଦ୍ଧା କିମ୍ବା ତା’ ପୂର୍ବରୁ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଙ୍କ କାର୍ଯ୍ୟାଳୟରେ ଆଗ୍ରହର ପରିପ୍ରକାଶ(EOI) ଦାଖଲ କରିପାରିବେ ।
ସ୍ପଷ୍ଟୀକରଣ ନିମନ୍ତେ ଦୟାକରି ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ହସ୍ପିଟାଲ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇ-ମେଲ : medicaldirector8@gmail.com ଙ୍କ ସହିତ ଯୋଗାଯୋଗ କରନ୍ତୁ ।
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in → Tenders → Expression of interest ଅବଲୋକନ କରନ୍ତୁ ।
PR-742/Q/25-26 ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିନ୍ତା ବଢ଼ାଇଲା...

ସାମ୍ନାକୁ ଆସିଛି। ଏଠାରେ ରହୁଥିବା ପ୍ରତ୍ୟେକ ପରିବାରର ୪ ଜଣରୁ ୩ ଜଣ ଅସୁସ୍ଥ ଅନୁଭବ କରୁଛନ୍ତି। ୭୫ ପ୍ରତିଶତ ଘରେ କେହି ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ବାୟୁମଣ୍ଡଳରେ ଥିବା ବିଷାକ୍ତ ବାୟୁ ଓ ମୌସୁମୀ ଜନିତ ଭୂତାଣୁ ତଥା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣରେ ପୀଡ଼ିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପୂରା ଅଞ୍ଚଳରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ୍ ଓ ଗାଜିଆବାଦ୍‌ରେ ୧୫, ୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗତ ମାସ ମଧ୍ୟରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଅସୁସ୍ଥତା ବୃଦ୍ଧି ପାଇଛି ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ଶେଷ ଆଡକୁ ୫୬ ପ୍ରତିଶତ ପରିବାରରେ ଜଣେ କିମ୍ବା ଅଧିକ ଲୋକ ଅସୁସ୍ଥତା ଅନୁଭବ କରୁଥିଲେ। କିନ୍ତୁ ଏବେ ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦିଲ୍ଲୀରେ ଏବେ ୭୫ ପ୍ରତିଶତ ଘରେ ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଛି। ଡାକ୍ତରମାନେ ଏଚ୍‌୩ଏନ୍‌୨ ଇନଫ୍ଲୁଏଞ୍ଜା ଓ ଅନ୍ୟାନ ଭାଇରାଲ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ରିପୋର୍ଟ କରୁଛନ୍ତି। ଲଗାତର ଜ୍ୱର, କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଓ ଥକ୍କାପଣର ଲକ୍ଷଣ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପ୍ରଦୂଷଣ ଦୂର ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି।

### ‘ଟାଇମ୍’ର ପ୍ରଭାବଶାଳୀ...

ଗିରଫ କରାଯାଇଥିଲା। ଏବେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ଜୀବନୀ ଓ ସଂଘର୍ଷକୁ ଭିତ୍ତି କରି ଲୋକପ୍ରିୟ ଚଳଚ୍ଚିତ୍ର ‘୩ ଇଡିୟଟ୍ସ’ ନିର୍ମାଣ କରାଯାଇଥିଲା। ତାଙ୍କ ଭୂମିକାରେ ସୁପରଷ୍ଟାର ଅମୀର ଖାନ୍ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ସୋନମ ଦାବି କରିଆସୁଛନ୍ତି। ବିଜେପି ଏହି ମାନ୍ୟତା ଦେବାକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ସେଥିରୁ ଓହରି ଯାଇଛି।

### ଭାରତ-ଆମେରିକା...

ନେବେ ଏବଂ ସମରାଭ୍ୟାସ କରିବେ। ଦୁଇ ଦେଶ ମିଳିତ ଭାବେ ଅସ୍ତ୍ରଶସ୍ତ୍ର, ପ୍ରତିରକ୍ଷା ଉପକରଣ ଏବଂ ନୂଆ ଜ୍ଞାନକୌଶଳ ପ୍ରସ୍ତୁତ କରିବେ। ଆମେରିକା ନିଜର କିଛି ଉନ୍ନତ ପ୍ରତିରକ୍ଷା ଜ୍ଞାନକୌଶଳକୁ ଭାରତ ସହ ସେୟାର କରିବ। ଭାରତ ଏବଂ ଆମେରିକାର ଏଜେନ୍ସିଗୁଡିକ ପରସ୍ପରକୁ ସୁରକ୍ଷା ସମ୍ବନ୍ଧିତ ସୂଚନା ପ୍ରଦାନ କରିବେ। ହେଗସେଥ୍ କହିଥିଲ ଯେ ଏହି ପ୍ରତିରକ୍ଷା ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ମଜବୁତ ହେବ। ଦୁଇ ଦେଶ ମଧ୍ୟରେ ସମନ୍ୱୟ, ମିଳିତ ସୂଚନା ପ୍ରଦାନ ଏବଂ ଜ୍ଞାନକୌଶଳ ସହଯୋଗରେ ନୂଆ ଯୁଗ ଆରମ୍ଭ ହେବ। ଏହି ଚୁକ୍ତି ପାଇଁ ରାଜନାଥ ତାଙ୍କ ସମକକ୍ଷ ହେଗ୍‌ସେଥଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ମଧ୍ୟରୁ ଅନ୍ୟତମ। ଦୁଇ ଦେଶ ପରସ୍ପରକୁ ଭରସା କରନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଏବଂ ଶାନ୍ତି ଚାହାନ୍ତି। ଏହା ଦ୍ୱାରା ଭାରତର ‘ଆକ୍ଟ ଇଷ୍ଟ ପଲିସି’କୁ ବଳ ମିଳିବ।

### ମୁଇଁ ଆସୁଛେଁ...

ଆପଣମାନେ ଖୁସି ତ?” ନବୀନଙ୍କ ଏହି ବାର୍ତ୍ତା ପରେ ସାରା ନୂଆପଡ଼ାରେ ବିଜେଡି ଶିବିରରେ ଉତ୍ସାହ ଭରିଯାଇଛି। ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିବା ସହିତ ନବୀନଙ୍କ ଗସ୍ତକୁ ସାରା ନୂଆପଡ଼ାବାସୀ ଚାହିଁ ରହିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୩ ତାରିଖରେ କୋମନାରେ ଜନସଭାକୁ ସମ୍ବୋଧିତ କରିବେ ଓ ଆସନ୍ତା ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ଼ ପର୍ଯ୍ୟନ୍ତ ଏକ ବିଶାଳ ରୋଡ଼ଶୋ’ କରିବେ। ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ପଟ୍ଟନାୟକ ୨୦୨୪ ଫେବ୍ରୁଆରୀ ମାସରେ ନୂଆପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ପାଇଁ ୪୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାର ପରିବର୍ତ୍ତନ ପରେ ଏହାମଧ୍ୟରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ପରିବର୍ତ୍ତେ ଏବର ସରକାର ପ୍ରଚଳନ କରିଥିବା ବିକଶିତ ଗାଁରେ ମିଳିଥିବା ନାମମାତ୍ର ଅନୁଦାନ ବି ଏଯାଏ ପହଞ୍ଚିନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ଏବେ ବି ଲୋକପ୍ରିୟତାରେ ନବୀନ ଏକ ନମ୍ବର ନେତା ଭାବେ ଗଣା ହେଉଥିବା ବେଳେ ନବୀନଙ୍କ ଆଗରେ ବିରୋଧୀଙ୍କ କୌଣସି କୌଶଳ କାମ ଦିଏନି। ଏଥର ମଧ୍ୟ ନବୀନଙ୍କ ଗସ୍ତ ନୂଆପଡ଼ାରେ ବିଜେପି ଓ କଂଗ୍ରେସର ଖେଳ ବିଗାଡ଼ିଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଅଙ୍କ କଷିଛନ୍ତି। ନୂଆପଡ଼ାର ବିକାଶରେ ନବୀନଙ୍କ ଅନେକ ଅବଦାନ ରହିଛି। ବିଶେଷ ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ସାଜିଥିବା ବେଳେ ଏହା ନବୀନଙ୍କର ହିଁ ଅବଦାନ। ତେଣୁ ନବୀନଙ୍କ ଗସ୍ତରେ ନୂଆପଡ଼ାରେ ବିଜେଡି ଆହୁରି ଶସକ୍ତ ହେବାର ସମ୍ଭାବନା ରହିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ଭୋଟ୍ ପଡ଼ିବ। ଏହାର ୪୮ ଘଣ୍ଟା ଅର୍ଥାତ ୯ ତାରିଖ ସନ୍ଧ୍ୟାରେ ଏଠାରେ ପ୍ରଚାର ସରିବ। ତେଣୁ ସବୁ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାମକୁ ଜୋରଦାର କରିଛନ୍ତି। ସଭା ସମିତି ସାଙ୍ଗକୁ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ମାଗୁଛନ୍ତି।

### ଛାତ୍ରୀ ଅସଦାଚରଣ...

ସଖ୍ୟା ଚିରି ଫୋପାଡ଼ି ଦେବା ଏବଂ ଆପୋଷ ବୁଝାମଣା ପାଇଁ ଓଲଟା ଛାତ୍ରୀଜଣଙ୍କୁ କୁହାଯିବା ଘଟଣାକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିପାରିନଥିଲେ। ଏହାର ପ୍ରତିବାଦରେ ଆଜି ସେମାନେ ଧାରଣା ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ମୁଖ୍ୟ ଫାଟକ ସମ୍ମୁଖରେ ବସିଥିଲେ। ଖବର ପାଇ ଜିଲ୍ଲା ଅତିରିକ୍ତ ଏଏସ୍‌ପି ସ୍ୱସ୍ତିକ ପଣ୍ଡା, ଏସ୍‌ଡିପିଓ ଗୌରହରି ଦାସ, ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେସ୍ଥାନୀୟ ବିଧାୟକ କାଦ୍ରକା ଆପଲାସ୍ୱାମୀ ଏବଂ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତୃବୃନ୍ଦ ଘଟଣାରେ ହସ୍ତକ୍ଷେପ କରିଥିଲେ। ପୀଡ଼ିତାଙ୍କ ସହ ବିଧାୟକ ଆଲୋଚନା କରି ନିରପେକ୍ଷ ତଦନ୍ତ ସହ ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ଜିଲ୍ଲା ବିଜେଡି ନେତ୍ରୀ ତଥା ରାୟଗଡା ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଅନସୂୟା ମାଝି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ନ୍ୟାୟ ଦାବିରେ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିଥିଲେ। ସେହିପରି ପୀଡ଼ିତାଜଣଙ୍କ ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ଜିଲ୍ଲା ଆଦିବାସୀ ମହାସଂଘ ମଧ୍ୟ ତୀବ୍ର ବିରୋଧ କରିଥିଲା। ଧାରଣା ବେଳେ ଛାତ୍ରୀଜଣଙ୍କ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ବୟାନ ଦେବାକୁ ରାଜି ହୋଇଥିବା କହି ଉପସ୍ଥିତ ମାଜିଷ୍ଟ୍ରେଟ୍, ପୁଲିସ ଅଧିକାରୀ ଛାତ୍ରୀଜଣଙ୍କୁ ଗାଡ଼ିରେ ନେଇଯାଉଥିବା ବେଳେ ଏହାକୁ ମହାସଂଘ ପ୍ରବଳ ବିରୋଧ କରିଥିଲା। ମହାସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୁଆଲା, ମାଧାରାଓ କଣ୍ଡାଗରି, ହରପ୍ରସାଦ ହେପୃକା, ଶଙ୍କର ଜିଲାକାରା, ସତ୍ୟବାନ ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ପୀଡ଼ିତାଙ୍କ ଅଭିଭାବକ ନ ଆସିବା ଯାଏଁ ସାଥିରେ ନ ନେଇ ଯିବାକୁ ଦାବି କରିଥିଲେ। ଛାତ୍ରଛାତ୍ରୀମାନେ ଏହାକୁ ସମର୍ଥନ କରିବାରୁ ବାଧ ହୋଇ ପୁଣିଥରେ ଅନୁଷ୍ଠାନ ଭିତରକୁ ପୀଡ଼ିତାଙ୍କୁ ନେଇ ରଖାଯାଇଥିଲା। ପରବର୍ତୀ ସମୟରେ ପୀଡ଼ିତାଙ୍କ ବାପା ଓ ତାଙ୍କ ପଞ୍ଚାୟତ ସରପଞ୍ଚ ପହଞ୍ଚିବା ପରେ ତାଙ୍କ ସହ ଆଲୋଚନା କରିଥିଲେ। ବାପାଙ୍କ କଥାରେ ପୀଡ଼ିତା ସାହସ ଦେଖାଇ ଥାନାରେ ଲିଖିତ ଅଭିଯୋଗ କରିବାକୁ କହିବା ପରେ ସମସ୍ତେ ଥାନାକୁ ଯାଇ ଏତଲା ଦିଆଯାଇଥିଲା।

### ୮ ବର୍ଷ ପରେ...

ସାଥୀମାନେ ଗୋଡ଼ିସାହିଠାରେ ଥିବା ଏକ ପାନ ଦୋକାନରେ ଆଲୋଚନା କରୁଥିବା ବେଳେ ବିପକ୍ଷ ଗୋଷ୍ଠୀ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ଆହତ ସଲମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ପରେ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇ ଏହାର ତଦନ୍ତଭାର କାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସୀତାକାନ୍ତ ଦାସ ପରିଚାଳନା କରୁଥିଲେ।

### ବ୍ରହ୍ମପୁର ଏସ୍‌ପିଙ୍କୁ...

ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଏହି ସ୍ପଷ୍ଟୀକରଣ ଅଦାଲତରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀର ଭିଡିଓ ଆବେଦନକାରୀଙ୍କ ଆଇନଜୀବୀଙ୍କ ପାଖରେ ଉପଲବ୍ଧ ରହିଛି। ସେଥିରେ ଏସ୍‌ପି ଏହି ନିର୍ବାଚନୀ ମକଦ୍ଦମା ଫଳାଫଳ ସମ୍ପର୍କରେ ମନ୍ତବ୍ୟ ଦେଉଥିବା ଦେଖାଯାଇଛି। ସେହିଭଳି ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ହତ୍ୟା ଘଟଣାର ତଦନ୍ତ ସମୟରେ ହତ୍ୟା ଅଭିଯୁକ୍ତ ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସଙ୍କ ମଧ୍ୟରେ ସାଧାରଣ ସଂଯୋଗ ଭାବେ ଏହି ନିର୍ବାଚନୀ ମକଦ୍ଦମା ଉଭା ହୋଇଥିଲା ବୋଲି ଏସପି କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର୍ ଏହି ନିର୍ବାଚନୀ ମକଦ୍ଦମା ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି’କୁ ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି କହିଥିବା ଗଣମଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଅନ୍ୟପଟରେ ନିର୍ବାଚନୀ ମକଦ୍ଦମାର ଆବେଦନକାରୀ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକ୍‌କୁ ଉଠାଇ ନେଇଥିଲେ। ଏପରିକି, ସେଠାରେ ୨୪ ତାରିଖ ପର୍ଯ୍ୟନ୍ତ ଅଟକ ରଖି ବିଧାୟକ କେ.ଅନୀଲ କୁମାରଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

ପ୍ରକାଶଥାଉକି ଏହି ପ୍ରସଙ୍ଗରେ ଗତ ଶୁଣାଣି ବେଳେ ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ.ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ସମଗ୍ର ଘଟଣାବଳୀ ସମ୍ପର୍କରେ ଅବଗତ କରିବା ସହ ସୁରକ୍ଷା ଓ ଏସପିଙ୍କୁ ସ୍ପଷ୍ଟୀକରଣ ପାଇଁ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆସନ୍ତା ୭ ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

### ସରକାରୀ ଓକିଲଙ୍କ...

ପୁଲିସର ଚିନ୍ତା ବଢ଼ିଛି। ତେଣୁ ବ୍ରହ୍ମପୁର ପୁଲିସ ବ୍ରହ୍ମପୁରରେ କାର୍ଯ୍ୟ କରୁଥିବା ସରକାରୀ ଓକିଲମାନଙ୍କ ଉପରେ ଭରସା କରିପାରୁ ନାହିଁ। ସିବିଆଇର ଏକାଧିକ ମାମଲା ଲଢ଼ିଥିବା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳିଚରଣ ମିଶ୍ର ଏବଂ ଅବିନାଶ ପାଢ଼ୀଙ୍କୁ ବ୍ରହ୍ମପୁର ପୀତବାସ ହତ୍ୟା ମାମଲା ଲଢ଼ିବାକୁ ବ୍ରହ୍ମପୁର ଏସ୍ପି କ୍ରାଇମ୍ବ୍ରାଞ୍ଚ ଡିଜି ଚିଠି ଲେଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କ୍ରାଇମ୍ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ମାମଲା ଲଢ଼ିବା ପାଇଁ ହାଇକୋର୍ଟର ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି କରିବା ପାଇଁ ବ୍ରହ୍ମପୁର ଏସ୍ପି ଚିଠି ଲେଖିଛନ୍ତି। ଏହା ପୁଲିସ ଡିଜିଙ୍କ ଅନୁମତି ପରେ ସରକାରଙ୍କ ନିକଟକୁ ପଠାଯିବ। ସରକାର ଏହାକୁ ଅନୁମତି ଦେଲେ ସମ୍ପୃକ୍ତ ଆଇନଜୀବୀଙ୍କୁ ମାମଲା ଲଢ଼ିବା ପାଇଁ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟରେ ବ୍ରହ୍ମପୁର ପୁଲିସ ସ୍ଥାନୀୟ ସରକାରୀ ପିପିଙ୍କ ଉପରେ ଭରସା ନ କରିବାକୁ ନେଇ ଆଇନଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ପୁଲିସ ସ୍ଥାନୀୟ ଆଇନଜୀବୀଙ୍କୁ ନିକମ୍ମା ଭାବୁଛନ୍ତି ବୋଲି ଉଲ୍ଲେଖ କରି ଅସନ୍ତୋଷ ପ୍ରକଟ କରିଛନ୍ତି। ଯାହାକୁ ନେଇ ଏବେ ପୁଲିସ ଓ ଓକିଲଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହୋଇଛି।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I, Krushna Chandra Sahoo, S/o- Narayan Sahoo, At- Nayagarh Sahi, P.O.- R.R.L., P.S.- Mantri Vihar, Bhubaneswar- 751013, Dist.: Khordha hereby declare that I have changed my name from Krushna Sahoo to Krushna Chandra Sahoo for all purposes. Henceforth I shall be known as **Krushna Chandra Sahoo** for all purposes.

## ଅଲିଭ୍ରିଡ୍‌ଲେଙ୍କ ପ୍ରଜନନ ପ୍ରକ୍ରିୟା ଲାଗି ମତ୍ସ୍ୟ ବିଭାଗର ପଦକ୍ଷେପ

# ଆଜିଠୁ ୭ ମାସ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ପାରାଦୀପ, ୩୧।୧୦(ସମିସ)**

ଅଲିଭ୍ରିଡ୍‌ଲେଙ୍କ ପ୍ରଜନନ ପ୍ରକ୍ରିୟା ଲାଗି ସମୁଦ୍ରର ୨୦ କିମି ଭିତରେ ମାଛ ଧରିବା ଉପରେ ମତ୍ସ୍ୟ ବିଭାଗ କଟକଣା ଜାରି କରିଛି। ଆସନ୍ତାକାଲିଠୁ ଆରମ୍ଭ ହେଉଥିବା ଏହି କଟକଣା ଆସନ୍ତାବର୍ଷ ମେ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

ଅଲିଭିରିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ୭ ମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବା ଲାଗି ବାରଣ କରାଯାଇଛି। ଏହି ପରିସୀମା ମଧ୍ୟରେ କୌଣସି ବୋଟ, ଯନ୍ତ୍ରଚାଳିତ ଟ୍ରଲର ଓ ଡଙ୍ଗା ମାଛ ଧରି ପାରିବେନାହିଁ। କାରଣ ସମୁଦ୍ରରେ କଇଁଛ ନଭେମ୍ବରରୁ ଉପକୂଳ ମୁହାଁ ହୋଇଥାନ୍ତି। ଏହି ସମୟରେ ସେମାନଙ୍କର ଜୀବନ ଚକ୍ର ଆରମ୍ଭ ହୋଇଥାଏ। ଯଦି କୌଣସି ମତ୍ସ୍ୟଜୀବୀ କଟକଣା ଅଞ୍ଚଳରେ ପ୍ରବେଶ କରିବେ, ସେହି ବୋଟ୍‌କୁ ଜବତ କରାଯିବା ସହିତ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବ। ଏଥିପାଇଁ କୋଷ୍ଟଗାର୍ଡ, କୋଷ୍ଟଗୁ, ସିଆଇଏସଏଫ, ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ ମଜଭୁତ କରାଯାଇଥାଏ। ମାଛ ଧରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ଓ ବୋଟ୍ ମାଲିକ ଏବେ ଚିନ୍ତାରେ ପଡ଼ିଲେଣି। କେମିତି ଏତେଦିନ ସେମାନଙ୍କ ତେଲ ଲୁଣ ସଂସାର ଚାଲିବ। ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ଅଲିଭିରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବାକୁ ଏହି ପଦକ୍ଷେପକୁ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ସ୍ୱାଗତ କରିଛନ୍ତି। ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା କଥା ସରକାର ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମତ୍ସ୍ୟ ବ୍ୟବସାୟୀ ସଂଘ ଦାବି କରିଛି। ଏ ନେଇ ଏକ କଲ୍ୟାଣ ପାଣ୍ଠି ସରକାର ରଖିବା ଦରକାର। ବର୍ଷକ ବାରମାସ ମଧ୍ୟରୁ ୭ ମାସ ଯଦି ଏଭଳି କଟକଣା ଜାରି କରାଯାଏ, ତେବେ ଏପ୍ରିଲ ୧୫ ତାରିଖରୁ ଜୁନ ୧୫ ତାରିଖ ଦୁଇ ମାସ ମାଛ ବଢ଼ିବା ଲାଗି ପୁଣି ମାଛ ଧରିବା ବନ୍ଦ ରହେ, ତେବେ ବାକି କଟକଣା ଲାଗି ନ ଥିବା ୩ ମାସ ମତ୍ସ୍ୟଜୀବୀଙ୍କ ପାଇଁ ରୋଜଗାର କରିବା ଆଦୌ ସମ୍ଭବ ନୁହେଁ। ପୁଣି ଏହି ୩ ମାସ ମୁହାଣ ମୁହଁରେ ବହୁ ସମୟରେ ଉଚ୍ଚ ଜୁଆର ରହୁ ଥିବାରୁ ମତ୍ସ୍ୟଜୀବୀ ଭୟରେ ଯିବା ଆସିବା କରନ୍ତି। ସମୁଦ୍ରରୁ ମାଛ ଧରିବା ୨୦ କିମି ମଧ୍ୟରେ ରହିଥିବା କଟକଣା ୧୦ କିମି ମଧ୍ୟରେ ସୀମିତ ରଖିବାକୁ ବାରମ୍ବାର ଦାବି ହୋଇଆସୁଛି। ଏହି ସମସ୍ୟା ପ୍ରତି କାହାର ନଜର ନାହିଁ। ଫଳରେ ମତ୍ସ୍ୟଜୀବୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ପରିସ୍ଥିତି ଯଦି ଏମିତି ବର୍ଷ ବର୍ଷ ଧରି ଲାଗିରହେ ତେବେ ଆଗକୁ ଏହି ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରୁଥିବା ଓଡ଼ିଶା କୋଷ୍ଟର ୧୫ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଓ ସେଥି ମଧ୍ୟରେ ଥିବା ପାରାଦୀପ ମାଛଧରା ବନ୍ଦରରୁ ୫୦ ହଜାରରୁ ଅଧିକ ପରିବାରଙ୍କ ଏହି ମତ୍ସ୍ୟ ସମ୍ପଦ ଉପରୁ ଭରସା ତୁଟିଯିବ। ଅନ୍ୟପକ୍ଷରେ ସମୁଦ୍ରରେ ଯେଉଁ ସୀମା ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି, ଏହି ସୀମାକୁ ଚିହ୍ନଟ କରାଯିବା ଜରୁରୀ। ସୀମା କଟକଣା ଜାଣିପାରୁ ନ ଥିବାରୁ ଅଧିକାଂଶ ସମୟରେ ମତ୍ସ୍ୟଜୀବୀଙ୍କୁ ଦଣ୍ଡିତ ହେବାକୁ ପଡୁଛି ବୋଲି ଓଙ୍ଗାର ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଅଭିଯୋଗ କରିଛନ୍ତି।

## ଲକ୍ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା



**ପାରାଦୀପ, ୩୧।୧୦(ସମିସ):** ପାରାଦୀପ ଲକ୍ ଥାନା 'ଆମ ପୁଲିସ ସମିତି' ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ସାଇବର ଅପରାଧ ଘଟୁଛି। ସାଇବର ଠକ୍ ନୂଆ ନୂଆ ପଦ୍ଧତି ଆପଣାଉଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଓଟିପି ନେବା ପରେ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯାଉଛି। ଡିଜିଟାଲ ଆରେଷ୍ଟ କଥା କହି ଜନସାଧାରଣଙ୍କୁ ଭୟଭୀତ କରି ଲୁଟୁଛନ୍ତି। ଅନ୍ୟପକ୍ଷରେ ଫେସ୍ ବୁକ୍, ଇଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ମାଧ୍ୟମରେ ଅପରାଧ ବଢ଼ି ଚାଲିଛି। ଛାତ୍ରଛାତ୍ରୀ ମୋବାଇଲରେ ଖେଳ ଖେଳି ଟଙ୍କା ହାରିବା ପରେ ଆତ୍ମହତ୍ୟା କରୁଛନ୍ତି। ଏଥିପାଇଁ ପଥପ୍ରାନ୍ତ ଓ ଶିକ୍ଷାନୁଷ୍ଠାନରେ ଏକକ ନୃତ୍ୟ ମାଧ୍ୟମରେ ସଚେତନ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ସୂଚନା ଦେଇଥିଲେ। ଆଇନଜୀବୀ ସଞ୍ଜୟ ବେହେରା ସାଇବର ଅପରାଧରୁ କିପରି ରକ୍ଷା ପାଇବେ, ଏ ସମ୍ପର୍କରେ ସଚେତନ କରିଥିଲେ। ଅତିରିକ୍ତ ଭାରପ୍ରାପ୍ତ ଥାନାଧିକାରୀ ଦୀପ୍ତିରଞ୍ଜନ ଓଝା ଫେକ୍ କଲଠାରୁ ଦୂରରେ ରହିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ଆଇ. ଶ୍ରୀକାନ୍ତ ସାହୁ, ଏଏସଆଇ ଜ୍ଞାନରଞ୍ଜନ ଦାସ, ଦିଗାମ୍ବର ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ଗଗନ ବିହାରୀ ରାଉତ, ଚନ୍ଦ୍ରଶେଖର ଚୌଧୁରୀ, ସଂଗ୍ରାମ ବେହେରା, ମନୋଜ ରାଉତ, ବିଜ୍ଞାନ ସାମଲ, ଲୋଭା ବେହେରା, ପ୍ରଭାକର ଚୌଧୁରୀ, ଅଲେଖ ମହାରଥା ପ୍ରମୁଖ ଯୋଗ ଦେଇଥିଲେ।

## ‘ସକାଳ’ ବିତରକ ସୁଧାକର ଭୋଳଙ୍କ ପରଲୋକ



**ଜଗତସିଂହପୁର, ୩୧।୧୦(ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୧ ସିପି ଗ୍ରାମର ଖବରକାଗଜ ବିତରକ ସୁଧାକର ଭୋଳଙ୍କ ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ଭୋଳ ଆଜି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି। ସୁଧାକର ପ୍ରଥମେ ଏକ ପ୍ରତିଷ୍ଠିତ ଓଡିଆ ଖବରକାଗଜର ପ୍ରସାରଣ ବିଭାଗରେ ବରିଷ୍ଠ କର୍ମଚାରୀ ଭାବେ କାମ କରୁଥିଲେ। ୬ ବର୍ଷ ତଳେ ଅବସର ନେଲାପରେ ଶ୍ରୀ ଭୋଳ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରିଆସୁଥିଲେ। ଦୈନିକ ‘ସକାଳ’ ଖବରକାଗଜର ଜଗତସିଂହପୁର ବିତରକ ଭାବେ ମଧ୍ୟ ଶ୍ରୀ ଭୋଳ ସୁଚାରୁରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ। ସୁଧାକରଙ୍କ ପରଲୋକରେ ‘ସକାଳ’ ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସମାଜସେବୀ ପ୍ରଦୀପ ମୁଦୁଲଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା, ୩୧।୧୦(ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ସିଙ୍ଗିଟାଲିଆ ଗ୍ରାମର ବିଶିଷ୍ଟ ଯୁବ ନେତା ତଥା ସମାଜସେବୀ ପ୍ରଦୀପ ମୁଦୁଲିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ୱର୍ଗତ ମୁଦୁଲିଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ରାଜନେତା ଓ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନ ଜଣାଇଛନ୍ତି। ସ୍ୱର୍ଗତ ମୁଦୁଲିଙ୍କ ୪୯ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଥିଲା।



## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା




**ଜଗତସିଂହପୁର, ୩୧।୧୦(ସମିସ):** ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଏକ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନସାଧାରଣ, ସହରର ବୁଦ୍ଧିଜୀବି, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମାଆମାନେ ଦୁର୍ନୀତି ବିରୋଧୀ ରଙ୍ଗୋଲି କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଉପଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଅନୁପମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ ରାଉତ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## କବି ଶଙ୍କର ପରିଡ଼ାଙ୍କ ବିୟୋଗରେ ଶୋକ



**କୁଜଙ୍ଗ, ୩୧।୧୦(ସମିସ):** କବି, ରାଜନେତା, ସୁବକ୍ତା, ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ସଭାପତି ଶଙ୍କର ପରିଡ଼ାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ସାହିତ୍ୟିକ ମହଲରେ ଶୋକ ପ୍ରକାଶ ପାଇଛି। ଶ୍ରୀ ପରିଡ଼ା କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ‘ମାୟାମଞ୍ଚ’, ‘ଚିତ୍ରାକ୍ଷର’, 'କବିତା କଣିକା’ ଆଦି କେତେକ କାଳଜୟୀ କବିତା ପୁସ୍ତକର ସ୍ରଷ୍ଟା ଭାବେ ପାଠକଙ୍କ ପ୍ରିୟ କବି ଭାବରେ ପରିଚିତ ଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଶୋକ ପ୍ରକାଶ କରି କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସଦସ୍ୟ ଡଃ ରଘୁ ସାହୁ, ମେଘମହ୍ଲାର ସଭାପତି ଡକ୍ଟର କେଶବ ଚନ୍ଦ୍ର ଦଳାଇ, ସମ୍ପାଦିକା ପ୍ରଭାତୀ ମାଝୀ, କୁଜଙ୍ଗ ସମ୍ବାଦ ସାହିତ୍ୟଘରର ସମ୍ପାଦକ ବାବୁରାମ ଚୌଧୁରୀ, ସଂଯୋଜକ ଦୁଷ୍ମନ୍ତ କୁମାର ମାଝୀ, କବି ଗୀତା ଦାସ, ଡଃ ପ୍ରତାପ ମହାପାତ୍ର, ପ୍ରିୟବନ୍ଧୁ ସମ୍ପାଦକ ଡଃ ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ବାଲିକୁଦା, ୩୧।୧୦(ସମିସ):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ ବାଲିକୁଦାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବାବାଜୀ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଅତିଥି ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଶରତ ସାହୁ, ବୈରାଗୀ ରାଉତ, ନିତ୍ୟାନନ୍ଦ ଖଣ୍ଡୁଆଳ, ସରପଞ୍ଚ ଲକ୍ଷ୍ମୀଧର ମଲ୍ଲିକ, ବିକ୍ରମ ପରିଡ଼ା, ପୂର୍ବତନ ସମିତି ସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ମହନୀ ଚରଣ ରାଉତ, ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ, ବିଭୂତି ଭୂଷଣ ସ୍ୱାଇଁ, ଚିନ୍ମୟ ବିଶ୍ୱାଳ, ମିଳନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।



## କୃଷକ ଉତ୍ପାଦକ ସଂଗଠନର ଜିଲ୍ଲାସ୍ତରୀୟ ତାଲିମ ଶିବିର




**ଜଗତସିଂହପୁର, ୩୧।୧୦(ସମିସ):** ଜଗତସିଂପୁର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୬ଟି କୃଷକ ଉତ୍ପାଦକ ସଂଗଠନର ୨୫ ଜଣ ମୁଖ୍ୟ ଅଧିକାରୀ, ନିର୍ଦ୍ଦେଶକ ଓ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜଗତସିହପୁରରେ ଏଫପିଓଙ୍କ ବିକାଶ, ଭୂମିକା, ଅବସ୍ଥା, ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ତାଲିମ ଶିବିରରେ ବଜାର ସଂଯୋଗ ସମେତ କୃଷି ବିକାଶର ବିଭିନ୍ନ ଦିଗ ଛତୁଚାଷ, ମହୁଚାଷ, ମାଛଚାଷ, କୁକୁଡ଼ା ପାଳନ ଓ ଗୋପାଳନ ସମ୍ବନ୍ଧରେ କୃଷି ବିଶେଷଜ୍ଞ ଶ୍ରୀମତୀ ସସ୍ମିତା ପୁରୋହିତ ଓ ଡ. ତପନ ପଲେଇ ଆଲୋଚନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର କଲ୍ୟାଣରଞ୍ଜନ ମାଝୀ ମୃତ୍ତିକା କ୍ଷୟ ନିୟନ୍ତ୍ରଣ, ଜମି ବିକାଶ, ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ପର୍କିତ ଯୋଜନା ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଏତତ୍‌ବ୍ୟତୀତ ପାଲାଡିୟମ୍ ସଂସ୍ଥାର ସାର୍ଥକ ଦର୍ଶନ ଅନଲାଇନରେ ସଂଯୋଗ ହୋଇ ଓଡ଼ିଶାରେ ଏଫପିଓଙ୍କ ବଜାର ସମ୍ପର୍କୀୟ ବିଷୟରେ ଆଲୋଚନା କରିଥିଲେ। ଫଳରେ ଏଫପିଓଗୁଡ଼ିକ ଆନ୍ତର୍ଜାତିକ ମାର୍କେଟରେ ଏକ ସ୍ୱତନ୍ତ୍ର ପରିଚୟ ପାଇପାରିବେ। ଜଗତସିଂହପୁର ଜିଲ୍ଲାରେ ଗଠିତ ହୋଇଥିବା ଏଫପିଓର କୃଷକ କେବଳ ଚାଷୀ ନୁହେଁ, ବରଂ ଉଦ୍ୟମୀ ଭାବେ ଉନ୍ନତି କରୁଛନ୍ତି। ସରକାରୀ ସାହାଯ୍ୟ, ନିଜ ପ୍ରଚେଷ୍ଟା ମାଧ୍ୟମରେ ଏମାନେ ଭବିଷ୍ୟତ ଦିନରେ ଏହି ଅଞ୍ଚଳର ଆର୍ଥିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବେ। ସମସ୍ତ ସଦସ୍ୟଙ୍କୁ ଗୋଟିଏ ଲେଖାଏଁ ମୋହିତ ନଗର କିସମର ଗୁଆ ଗଛ ଚାରା ଓ କୃଷକ ସାଥୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମୀର ପଟ୍ଟନାୟକ, ରାଜଶ୍ରୀ ସିଂ, ଉର୍ବଶୀ ନାୟକ ଓ ବଳିଆ ମାଝୀ ସହଯୋଗ କରିଥିଲେ।

## ଶେଷ ପର୍ଯ୍ୟାୟରେ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି

**ପାରାଦୀପ, ୩୧।୧୦(ସମିସ):** କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ପାରାଦୀପ ଏଡିଏମ ନିରଞ୍ଜନ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ଏଡିଏମଙ୍କ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲା ପବ୍ଲିକ ରିଲେସନ ଅଫିସର ପ୍ରତିଚି ତନୟା ମହାନ୍ତି, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରୁ ଆରମ୍ଭ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉପରେ ଏଡିଏମ ବିସ୍ତୃତ ଭାବେ ଗଣମାଧ୍ୟମକୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ଆସି ତଦାରଖ କରି ଫେରିଯାଇଛନ୍ତି। ପାର୍କିଂ ସ୍ଥାନ, ମଞ୍ଚ, ପାନୀୟଜଳ, ବସିବା ଓ ଶୌଚାଳୟ ଆଦି ଠିକ ଭାବେ କରାଯାଇଛି ନାଁ ନାହିଁ, ଯେପରି ଜନସାଧାରଣଙ୍କ ଅସୁବିଧା ନ ହୁଏ, ସମସ୍ତ ପ୍ରକାର ବନ୍ଦୋବସ୍ତ ଜିଲ୍ଲାର ବରିଷ୍ଠ ଅଧିକାରୀ ଆସି ସମୀକ୍ଷା କରିଛନ୍ତି। ସ୍ଥାନୀୟ ଅଧିକାରୀ ସେମାନଙ୍କ ସହିତ ଉପସ୍ଥିତ ଥିଲେ। ଜନସାଧାରଣ କିଭଳି ପରିବାର ସହିତ ବାଲିଯାତ୍ରାକୁ ଉପଭୋଗ କରିବେ, ସବୁ ପ୍ରକାର ପ୍ରସ୍ତୁତି ସରିଛି। ବାଲିଯାତ୍ରା ପଡ଼ିଆ ମଧ୍ୟରେ ୭୦ଟି ସିସିଟିଭିର ବ୍ୟବସ୍ଥା କରାଯାଇଛି। ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ସୂଚନା ଦିଆଯାଇଛି।

## ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



**ଜଗତସିଂହପୁର, ୩୧।୧୦(ସମିସ):** ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଲୌହମାନବୀ ଭାରତରତ୍ନ ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀଙ୍କ ତିରୋଧାନ ଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ତିରୋଧାନ ଦିବସ ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଓ ଯୁବ ନେତୃବୃନ୍ଦ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ନାଉଗାଁ ବ୍ଲକ ପୂର୍ବତନ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ ପୂର୍ବତନ ସଭାପତି ପ୍ରଶାନ୍ତ ଦାସ, ପୂର୍ବତନ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୂର୍ବତନ ସେବାଦଳ ସଭାପତି ଡ. ଜଗଦାନନ୍ଦ, କୁଜଙ୍ଗ ବ୍ଲକ ପୂର୍ବତନ ସଭାପତି ନିହାର ଦାସ, ତିର୍ତ୍ତୋଲ ବ୍ଲକ ପୂର୍ବତନ ଉପସଭାପତି ଜିତେନ୍ଦ୍ର ମହାନ୍ତି, ମନୋରଞ୍ଜନ ଜେନା, ପୀତାମ୍ବର ସେଠୀ, ବୃନ୍ଦାବନ ପ୍ରଧାନ, ଦେବପ୍ରସାଦ ମହାପାତ୍ର, ହିଫଜୁର ରେହମାନ, ରଞ୍ଜନ ସାହୁ, ନାରାୟଣ ନାୟକ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଆଖିଲ ରାଉଳ, ଶୁଭେନ୍ଦ୍ର ରାଉତରାୟ, ବାବାଜୀ ସ୍ୱାଇଁ, ସରୋଜ ନାୟକ, ଲକ୍ଷ୍ମୀଧର ମନ୍ତ୍ରୀ, ପ୍ରଗତି ପରିଜା, ବିଜୟ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗାନ୍ଧୀ, ସ୍ୱର୍ଗତ ପଟେଲ ଓ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ, ଦେଶ ଓ ରାଜ୍ୟ ପାଇଁ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ତିର୍ତ୍ତୋଲ, ୩୧।୧୦(ସମିସ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ନମସ୍ୟା ପ୍ରିୟଦର୍ଶିନୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ଅଜୟ ସାହୁ ବିଭାଗର ଗୋପାଳନ ସମେତ ବିଭିନ୍ନ ଚାଷ ଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ଏସବୁ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବିଡିଓ ଗିରିଜା ଶଙ୍କର ମଲ୍ଲିକ, ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ଶିଳ୍ପମନ୍ତ୍ରୀଙ୍କ ତିର୍ତ୍ତୋଲ ବ୍ଲକ ପ୍ରତିନିଧି ଉପେନ୍ଦ୍ର ମହାନ୍ତି ଓ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ବିବେକାନନ୍ଦ ହୋତା ଯୋଗ ଦେଇଥିଲେ। ଏ ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ୍ ଜରିଆରେ ଚାଷୀ ଭାଇଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାର ସମ୍ପର୍କରେ ଅବଗତ କରାଯାଇଥିଲା। ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ ଗୋବିନ୍ଦ ପ୍ରଧାନ ଓ ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପୂରଣ ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ



**ହାଜିପୁର, ୩୧।୧୦(ସମିସ):** ବିରିଡ଼ି ବ୍ଲକ ପୂରଣ ପ୍ରାଥମିକ କୃଷି ସମବାୟ ସମିତିର ନବନିର୍ମିତ କାର୍ଯ୍ୟାଳୟକୁ ସମବାୟ ସମିତି ଜଗତସିଂହପୁର ଉପନିବନ୍ଧକ ପ୍ରଭାତ ଶତପଥୀ, ପୂରଣ ସମବାୟ ସମିତି ସଭାପତି ନନ୍ଦକିଶୋର ବସ୍ତିଆ ଅତିଥି ଭାବେ ଯୋଗଦେଇ ମିଳିତ ଭାବେ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସହକାରୀ ନିବନ୍ଧକ ରଶ୍ମୀପ୍ରଭା ଦାସ, କଟକ କେନ୍ଦ୍ର ସମବାୟ ସମିତି ବିରିଡ଼ି ଶାଖା ପରିଚାଳକ ସ୍ନେହାଞ୍ଜଳି ରାୟ, କ୍ଷେତ୍ରାଧିକାରୀ ସୁମନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ସମିତି ଉପସଭାପତି ଭାରତୀ ଦାସ, ସୁଦର୍ଶନ ବେହେରା, ପ୍ରଫୁଲ୍ଲ ବେହେରା, ରତିକାନ୍ତ ପାଲ, କିରଣକାନ୍ତୀ ପଟ୍ଟନାୟକ, ସୁକାନ୍ତ ବାରିକ, ସୁଲୋଚନା ତ୍ରିପାଠୀ, ପୀତବାସ ଦାସ, ରମଣିରଞ୍ଜନ ବେହେରା, ମିହିର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜଗବନ୍ଧୁ ବେହେରା, ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜକିଶୋର ବେହେରା, ସ୍ୱାଧୀନ ବେହେରା, ବିଚିତ୍ରାନନ୍ଦ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଲଣାହାଟ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନାଉଗାଁ, ୩୧।୧୦(ସମିସ):** ନାଉଗାଁ ବ୍ଲକ ଅଧୀନ ଅଲଣାହାଟ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୦ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ୨୨୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡା. ଅନୁଭବ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଅଲଣା ହାଟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ସ୍ୱାଇଁ, ପର୍ଯ୍ୟବେକ୍ଷକ ଭାବେ ଚିତ୍ତରଞ୍ଜନ ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ୧୦୦, ୨୦୦, ୪୦୦, ୮୦୦, ୧୫୦୦ ଓ ୩୦୦୦ ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଟ୍ରିପଲ ଜମ୍ପ, ସଟପୁଟ, ଡିସକସ୍ ଥ୍ରୋ ଓ ଜାଭେଲିନ ଇଭେଣ୍ଟରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଶିକ୍ଷକ ବିନୋଦ ଖୁଣ୍ଟିଆ, ଅଜୟ ଭୋଇ, ଦେବୀ ପ୍ରସନ୍ନ ରାଉଳ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ଼

**ଜଗତସିଂହପୁର, ୩୧।୧୦(ସମିସ)**




ଲୌହ ମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ସମଗ୍ର ରାଜ୍ୟରେ ପାଳିତ ହୋଇଯାଇଛି। ଏ ଅବସରରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରୁ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ। ବିଧାୟକ ଅମରେନ୍ଦ୍ର ଦାସ କହିଲେ, ଏଭଳି ଦୌଡ଼ କାର୍ଯ୍ୟକ୍ରମ ହେଉଛି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏମିତି ଏକ ମହାନ ନେତା ଥିଲେ ଯିଏ ଶତାଧିକ ରାଜା ରାଜୁଡ଼ାଙ୍କୁ ଏକତା ସୂତ୍ରରେ ବାନ୍ଧି ଏକ ଅଖଣ୍ଡ ଭାରତ ଗଢିବାର ସ୍ୱପ୍ନ ଦେଖିଥିଲେ। ଏହି ଦୌଡ଼ରେ କ୍ରୀଡ଼ା ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଜଗତିଂହପୁର ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଭାଗ ନେଇଥିଲେ।

ସେହିପରି ଆଜି ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ ରାଉତ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ କହିଥିଲେ, ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଓ ରାଷ୍ଟ୍ରୀୟ ଏକତା ଦିବସ। ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

ଅନ୍ୟପକ୍ଷରେ ପାରାଦୀପ ଆଦର୍ଶ ଥାନ, ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା, ପାରାଦୀପ ବନ୍ଦର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା।

## ବାଇକ୍ ଓ କାର୍ ଧକ୍କା
# ଜଣେ ମୃତ, ଜଣେ ଗୁରୁତର

ହିନ୍ଦୋଳ, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ସମ୍ମୁଖରେ ଏକ ବାଇକ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇଥିବାବେଳେ ଜଣେ ମୃତ୍ୟୁବରଣ କରିଛନ୍ତି ଓ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। କାରନ୍ଦା ଗ୍ରାମର ବିଭୂତି ସାହୁ (୩୫) ଓ ଭାସ୍କର ଚନ୍ଦ୍ର ଦେହୁରୀ (୭୦) ବାଇକ୍ ଯୋଗେ ବ୍ୟବସାୟିକ କାମରେ ନିକଟସ୍ଥ ଖଜୁରିଆକଟା ବଜାରରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ବାଲିମି ଥାନା ନିକଟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଖଜୁରିଆକଟା ଦମକଳ ବାହିନୀ ପହଞ୍ଚି ଦୁଇ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାସ୍କର ଦେହୁରୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଭୂତି ସାହୁଙ୍କ ଅବସ୍ଥା ଗୁରୁତର ରହିଛି। ବାଲିମି ପୁଲିସ ବାଇକ୍‌କୁ ଜବତ କରିଥିବାବେଳେ ଘଟଣାସ୍ଥଳରୁ କାର୍ ଫେରାର ହୋଇଯାଇଛି।

## ତରଭା ସଞ୍ଜୟ ପଲ୍ଲୀ ହତ୍ୟା ଘଟଣା
# ବାପାପୁଅଙ୍କୁ ଆଜୀବନ କାରାଦଣ୍ଡ

ଢେଙ୍କାନାଳ, ୩୧।୧୦(ସମିସ)

ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଶାନ୍ତି ସାହା ୨୦୨୨ରେ ଘଟିଥିବା ତରଭା ସଞ୍ଜୟ ପଲ୍ଲୀ ହତ୍ୟା ଘଟଣାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି।

୨୦୨୧ ଡିସେମ୍ବର ୧୭ ତାରିଖ ଦିନ ସଦର ଥାନା ତରଭା ଗ୍ରାମ ସଞ୍ଜୟ ପଲ୍ଲୀର ରଥିଆ ନାଏକ ଓ ବାଦଲ ନାଏକ ମିଶି ଜଗନ୍ନାଥ ନାଏକଙ୍କ ସହିତ ଘରର ସୀମା ବିବାଦକୁ ନେଇ ଝଗଡ଼ା କରିଥିଲେ। ଘଟଣାକୁ ନେଇ ଜଗନ୍ନାଥଙ୍କ ପତ୍ନୀ ସୁଜାତା ନାଏକ ଉଭୟ ପକ୍ଷଙ୍କ ଝଗଡ଼ାକୁ ଶେଷ କରିଥିଲେ। ଜଗନ୍ନାଥ ମଜୁରୀ କରିବାକୁ ଯାଉଥିଲା। ସନ୍ଧ୍ୟା ସମୟରେ ଘରକୁ ଆସିବା ପରେ ରଥିଆ ଓ ତାର ପୁଅ ବାଦଲ ମିଶି ଜଗନ୍ନାଥଙ୍କୁ ବାଡି, ଫାର୍ସା ଓ ଶିଳପୁଆରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଜଗନ୍ନାଥଙ୍କୁ ତାଙ୍କ ଭାଇ ବଳଭଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଦିନ ରାତି ତିନିଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜଗନ୍ନାଥଙ୍କ ପତ୍ନୀ ସୁଜାତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ୬୪୬/୨୦୨୨ରେ ଏକ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାଟି ସିଟି ସେସନସ କେସ ନଂ ୧୦୯/୨୨ରେ ବିଚାରାଧୀନ ଥିଲା। ଏହି ମାମଲାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ପ୍ରଶାନ୍ତି ସାହା ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାପା ଓ ପୁଅଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟରେ ଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ପରିଚାଳନା କରୁଥିଲେ। ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଆଲିନା ନାଏକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥ ଦଧିବାମନ ମଠ ପରିସରରେ ଆଜି ପବିତ୍ର ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜରେ ଠାକୁରଙ୍କୁ ସ୍ଥାପନ କରିବା ସହ ଅଧିବାସ ଆରମ୍ଭ କରାଯାଇ ଅଖଣ୍ଡ ଦୀପ ସ୍ଥାପନ କରାଯାଇଥିଲା। ଠାକୁରଙ୍କ ପାଖରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରରେ ବିଭିନ୍ନ ପ୍ରକାର ଭୋଗ ଲାଗି ହେବ। ପୂଜକ ଅକ୍ଷୟ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ।

# ଏକତା ପାଇଁ ଗଣଦୌଡ଼



ଢେଙ୍କାନାଳ, ୩୧।୧୦(ସମିସ): ଢେଙ୍କାନାଳ ସହରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସର୍ଦ୍ଦାର ପଟେଲ ଏକ ସତ୍ୟ ସେବକ, ଏକ ସଂଘଟନଶୀଳ ନେତା ଓ ଦୃଢ଼ ଇଚ୍ଛାଶକ୍ତିର ପ୍ରତୀକ ଥିଲେ। ଏହି ଅବସରରେ ସେ ଦେଶର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସବୁଜ ପତକା ଦେଖାଇ ଏହି ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ବାଜି ଚୌକ ଠାରୁ ଆରମ୍ଭ ହୋଇ ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦୀପ୍ତ କୁମାର ସାହୁ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ସତ୍ୟ ନାରାୟଣ କର କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ଏକତା ଦିବସ ପାଳିତ

ଢେଙ୍କାନାଳ/କଙ୍କଡ଼ାହାଡ଼, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏସପି ଅଭିନବ ସୋନକର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏକତା ଦିବସରେ ଶପଥପାଠ କରାଇଥିଲେ। ଉତ୍ସବରେ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ନିରଞ୍ଜନ ପାଢ଼ୀ, ସନ୍ଧ୍ୟାରାଣୀ ବେଉରିଆ, ଡିଏସପି ନନ୍ଦିତା ମୋଦୀ, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। କଙ୍କଡାହାଡ ପୁଲିସ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ସମ୍ମାନିତ ଅତିଥି ଭାବେ ଏସ୍‌ଆଇ ମୀନକେତନ ପ୍ରଧାନ ଉପସ୍ଥିତ ଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼ କରାଯିବା ପାଇଁ କଙ୍କଡ଼ାହାଡ଼ ପୁଲିସ ପକ୍ଷରୁ ସୂଚନା ଦିଆଯାଇ ଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ନୀତି ନିବାରଣ ବିଭାଗ ତରଫରୁ ସଚେତନତା ସପ୍ତାହ
# ୫୨୮ ନିର୍ମାଣ ଶ୍ରମିକଙ୍କୁ ୨.୩୪ କୋଟି ପ୍ରଦାନ

ଢେଙ୍କାନାଳ, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପରିଷଦ ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ୫୨୮ ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୩୪ଲକ୍ଷ ୧୭ହଜାର ଛଅ ଶହ ଟଙ୍କା ପ୍ରଦାନ କରାଯାଇଥିବାର ଜଣାପଡ଼ିଛି। ଶିବିରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦୀପ୍ତି ରଞ୍ଜନ ସେଠୀ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହିତ ଉପ-ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗର ଅନସୂୟା ସେନାପତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି ସମାରୋହରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସ୍ୱାଗତ ଭାଷଣ ଦେବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୫୦ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରମ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ମାଧ୍ୟମରେ କିଭଳି ଉପଯୁକ୍ତ ଶ୍ରମିକ ମାନଙ୍କୁ ପଞ୍ଜୀକରଣ କରାଯାଇ ଏବଂ ସଠିକ ସମୟରେ ବିଭିନ୍ନ ସହାୟତା ମାନ ସ୍ୱଚ୍ଛତାର ସହ ପ୍ରଦାନ କରାଯାଉଛି ବୋଲି ଆଲୋଚନା କରିଥିଲେ। ତତସହିତ ଉକ୍ତ ଶିବିରରେ ୨୧୨ ଜଣ ଆବେଦନକାରୀଙ୍କୁ ମୋଟ୨୦ଲକ୍ଷ୧୭ହଜାର୬୦୦ଟଙ୍କା (ଶିକ୍ଷା ସହାୟତା), ୨୪୩ ଜଣ ଆବେଦନକାରୀଙ୍କୁ ୧କୋଟି ୨୧ଲକ୍ଷ ବିବାହ ସହାୟତା, ୦୩ ଜଣ ଆବେଦନକାରୀଙ୍କୁ ୩୦ହଜାର ପ୍ରସୂତିକାଳୀନ ସହାୟତା, ୩୬ ଜଣ ମନୋନୀତ ବ୍ୟକ୍ତିଙ୍କୁ ୯୧ଲକ୍ଷ ମୃତ୍ୟୁକାଳୀନ ସହାୟତା ଓ ୩୪ ଜଣ ମନୋନୀତ ବ୍ୟକ୍ତିଙ୍କୁ ୧ଲକ୍ଷ ୭୦ହଜାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହିତ ସର୍ବ ମୋଟ ୫୨୮ ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୩୪ଲକ୍ଷ ୧୭ହଜାର ଛଅ ଶହ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଧନ୍ୟବାଦ ଦେଇଥିଲେ।

# ସ୍ମାର୍ଟ ମିଟରକୁ ଢେଙ୍କାନାଳ ଓକିଲ ସଂଘର ତୀବ୍ର ବିରୋଧ



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଟିପିସିଓଡିଏଲର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରିବା ଘଟଣାକୁ ନେଇ ତୀବ୍ର ବିରୋଧ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଟିପିସିଓଡିଏଲର ମନମୁଖୀ କାର୍ଯ୍ୟ ଯଥା ଜିଲ୍ଲାର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରିବା, ବିନା କାରଣରେ ପୂର୍ବରୁ ଲଗାଯାଇଥିବା ମିଟର ଡିଫେକଟିଭ ଦେଖାଇବା ଓ ଏଥିପାଇଁ ମୋଟା ଅଙ୍କର ଜରିମାନା ଲାଗୁ କରିବା, ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ କରିବା, ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରିବା, ସାଧାରଣ ଲୋକଙ୍କୁ ଭୟଭୀତ କରାଇ ଜବରଦସ୍ତ ସେମାନଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଓ ଠିକ୍ ଭାବେ ସେବା ଯୋଗାଇବା ନ ଦେବା ବିରୋଧରେ ବାରମ୍ବାର ଜିଲ୍ଲାବାସୀଙ୍କଠାରୁ ଅଭିଯୋଗ ପାଇବା ପରେ ଆଜି ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏହି ଜରୁରୀ ବୈଠକ କରାଯାଇଥିଲା। ଟିପିସିଓଡିଏଲକୁ କୌଣସି ମତେ ଏହି ମନମୁଖୀ ତଥା ଜନବିରୋଧି କାର୍ଯ୍ୟ କରାଇ ନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲ୍ଲାର କୌଣସି ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍ କୌଣସି ପ୍ରକାରର ହଇରାଣ ହରକତ କରିବାକୁ ଚେଷ୍ଟା କଲେ ଜିଲ୍ଲା ଓକିଲ ସଂଘ ଏହାର ତୀବ୍ର ବିରୋଧ କରିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଦାସର୍ବଦା ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଲଢି ଆସିଛି ଓ ଏଥର ମଧ୍ୟ ଜିଲ୍ଲାବାସୀଙ୍କ ସହିତ ଓକିଲ ସଂଘ ସର୍ବଦା ଛିଡାହୋଇ ରହିବ ଓ ଜିଲ୍ଲାବାସୀଙ୍କ ପ୍ରତି କୌଣସି ପ୍ରକାରର ଅନ୍ୟାୟକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଟିପିସିଓଡିଏଲର ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓକିଲ ସଂଘକୁ ଡକାଯାଇ ସେମାନଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କବିଶତପଥୀ, ସହସମ୍ପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସୁରଭିରେ ‘ଶିଶୁବାଟିକା’ ଷ୍ଟଲ
# ଶିଶୁର ସାମଗ୍ରୀକ ବିକାଶ ପାଇଁ ସହାୟକ ବ୍ୟବସ୍ଥା ପ୍ରଦର୍ଶିତ

ଢେଙ୍କାନାଳ, ୩୧।୧୦(ସମିସ) : ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ‘ଆଦର୍ଶ ଶିଶୁ ବାଟିକା’ ଷ୍ଟଲ ଉଚ୍ଚ ପ୍ରଶଂସିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା



ସେନାପତିଙ୍କ ନେତୃତ୍ୱରେ ଉଦଘାଟନୀ ସଭାର ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏହି ଷ୍ଟଲ କୁ ଉଦଘାଟନ କରି ଡିଆଇଇଟିର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଜିଲ୍ଲାର ୧୧୭୬ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିଥିବାବେଳେ ଶିଶୁବାଟିକାରେ ୫/୬ ବର୍ଷର ପିଲାମାନେ ନାମ ଲେଖାଇଛନ୍ତି। ଏହି ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ଲାଗି ଶିଶୁବାଟିକାରେ ଯେଉଁ ସବୁ ଶିକ୍ଷଣ ସହାୟକ ବ୍ୟବସ୍ଥା ଆବଶ୍ୟକ ତାହାର ଏକ ପ୍ରତିକୃତି ଡାଏଟ ଦ୍ୱାରା ପ୍ରସ୍ତୁତ ହୋଇ ପ୍ରଦର୍ଶିତ ହୋଇଛି। ଏଥିରେ ସାକ୍ଷରତା କୋଣ, ସଂଖ୍ୟାଜ୍ଞାନ କୋଣ, ବାଲୁକା କୋଣ, ଖେଳନା କୋଣ, ଚିତ୍ରାଙ୍କନ କୋଣ, ସୃଜନଶୀଳତା କୋଣ, ବିଶ୍ରାମ କୋଣ, ଶିକ୍ଷଣ କୋଣ, ଚିଡିଆଖାନା ପରି ବ୍ୟବସ୍ଥା ରହିଥିବା ବେଳେ ଶିଶୁଙ୍କ ମନଲାଖି ଗପ ଓ ଗୀତ ଶିଖିବା ବ୍ୟବସ୍ଥା ରହିଛି। ଛୋଟ ପିଲାଙ୍କ ଉଚ୍ଚତା ଅନୁଯାୟୀ ଆସବାବ ପତ୍ର, ବିଭିନ୍ନ ରଙ୍ଗ, ବିଲଡିଂ ବ୍ଲକ, ଅକ୍ଷବାକ୍ସ, ଗୋଲି, କାଠି, ପଶୁ ପକ୍ଷୀ, ପରିବା, ଫଳ ଏବଂ ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର ରହିଛି। ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ବ୍ଲକର ବିଦ୍ୟାଳୟ ଗୁଡିକରେ ଏପରି ବ୍ୟବସ୍ଥା କରିବା ନେଇ ଆଶା ବ୍ୟକ୍ତ କରିଥିବା ବେଳବ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ବେଶ ଅଭିପ୍ରେରିତ ହୋଇଥିବାର ଦେଖା ଯାଇଥିଲା। ଏହାର ଶୈକ୍ଷିକ ଦିଗକୁ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିବାବେଳେ ପ୍ରଶିକ୍ଷିକା ପ୍ରତିଭା ଦଳେଇ, ସୂଦୀପ୍ତା ମିଶ୍ର, ସ୍ୱାଗତିକା ଶରଣ, ବିନ୍ଦୁ ବେହୁରିଆ, ରାଜଶ୍ରୀ ଦକ୍ଷଶ ପ୍ରମୁଖ ପ୍ରସ୍ତୁତି ରେ ସହଯୋଗ କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କଳସଯାତ୍ରା



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ ପଦ୍ମ ବଜାର ମାଣ୍ଡବା ସାହିରେ ୨୭ତମ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଆଜି ପବିତ୍ର ଅଁଳା ନବମୀରେ ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ ୨୧ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଧରି ବାଦ୍ୟ ଦ୍ୱାରା ସହର ପରିକ୍ରମା କରାଯାଇ ମଣ୍ଡପରେ ପହଞ୍ଚିଥିଲେ। ପରେ କାର୍ତ୍ତିକେଶ୍ୱରଙ୍କର ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ନୀତି ପୂଜା, ମଧ୍ୟାହ୍ନ ପୂଜା, ସନ୍ଧ୍ୟା ଆଳତି ସହିତ ବିଭିନ୍ନ ଭୋଗ କାର୍ତ୍ତିକେଶ୍ୱରଙ୍କ ପାଖରେ ଲାଗି କରାଯିବ। ପ୍ରତ୍ୟେକ ଦିନ ପ୍ରାତଃପୂଜା ଓ ହୋମ ସହିତ ଆସନ୍ତା ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ମୁଖ୍ୟ ପୂଜକ ସିଦ୍ଧେଶ୍ୱର ମିଶ୍ର ଓ କର୍ତ୍ତା ସୁଜିତ୍ କୁମାର ସାହୁ, କର୍ତ୍ତା ଝୁନୁ ସାହୁ ସମସ୍ତ ପୂଜାକୁ ସମ୍ପାଦନ କରିଥିବାବେଳେ କର୍ମକର୍ତ୍ତା ଦେବବ୍ରତ ସାହୁ, ଶ୍ରୀନିବାସ ସାହୁ, ସାନୁ ପୃଷ୍ଟି, ସଞ୍ଜୟ ସାହୁ, ସ୍ୱାଗତ ସାହୁ, ବିଚିତ୍ର ସାହୁ, ଅନୀଲ ସାହୁ, ଲିଙ୍କୁ ସାହୁ ଓ ଜିଲୁ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାହାଯ୍ୟ କରିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



ଢେଙ୍କାନାଳ, ୩୧।୧୦(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ଓ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମତିଥିରେ ଉଭୟ ମହାପୁରୁଷଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ସଭା ଆୟୋଜିତ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କଂଗ୍ରେସ ସଭାପତି ଓ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତ ସ୍ୱାଧୀନତା ଲାଭ ପରେ ପ୍ରାୟ ୫୬୦ ଗଡ଼ଜାତ ରାଜ୍ୟର ରାଜାଙ୍କୁ ରାଜି କରାଇ ସବୁ ରାଜ୍ୟକୁ ଭାରତରେ ମିଶ୍ରଣ କରାଇବା ସର୍ଦ୍ଦାର ପଟେଲଙ୍କ ବଡ଼ ଅବଦାନ ବୋଲି ଇତିହାସରେ ଲିପିବଦ୍ଧ ଓ ସେଥିପାଇଁ ପଟେଲଙ୍କୁ ‘ଲୌହମାନବ’ ଆଖ୍ୟା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶାସନର ପରାକାଷ୍ଠା, ଦୃଢ଼ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତିର ଏକ ପ୍ରତିକ ଥିଲେ। ତାଙ୍କର ଦୀର୍ଘ ୧୪ ବର୍ଷ ଶାସନ କାଳର ଇତିହାସ ତାଙ୍କୁ ‘ଆଇରନ୍ ଲେଡି’ ଆଖ୍ୟା ଦେଇଛି। ପଡୋଶୀ ଦେଶ ପାକିସ୍ତାନରୁ ପୂର୍ବଭାଗକୁ ଅଲଗା କରି ବାଂଲାଦେଶ ସୃଷ୍ଟି କରିବା ପଛରେ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଏକ୍ ଐତିହାସିକ ଘଟଣା ହୋଇ ରହିଥିବ। ପାକିସ୍ତାନକୁ ୧୯୭୧ ଯୁଦ୍ଧରେ ପରାସ୍ତ କରି ତା’ ସହିତ ସିମଳା ରାଜିନାମା, ସିକିମ୍ ରାଜ୍ୟକୁ ଭାରତରେ ସମିଶ୍ରଣ କରିବା, ବିଚ୍ଛିନ୍ନତାବାଦୀ ଖଲିସ୍ତାନ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଇନ୍ଦିରା ଗାନ୍ଧୀଙ୍କ ଦେଶ ନିମିତ୍ତ ମହାନ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇନ୍ଦିରା ଗାନ୍ଧୀ ଢେଙ୍କାନାଳ ଜିଲ୍ଲାରେ ନାଲକୋ ଶିଳ୍ପ, ଏଫ୍‌ସିଆଇ ସାର କାରଖାନା, ସୁପର୍ ଥର୍ମାଲ୍, ରେଙ୍ଗାଲି ନଦୀବନ୍ଧ ଯୋଜନାକୁ କାର୍ଯ୍ୟକାରୀ କରି ଜିଲ୍ଲାର ଉନ୍ନତି ସହିତ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ଆଦର୍ଶ, ଦେଶସେବା ଓ ଦେଶପାଇଁ ଜୀବନକୁ ବଳିଦାନ ଦେବା ସର୍ବଦା ଚିରସ୍ମରଣୀୟ ହୋଇରହିଥିବ ବୋଲି କଂଗ୍ରେସର ନେତୃବୃନ୍ଦ ପ୍ରକାଶ କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାନ୍ତି, ପ୍ରେମଶଙ୍କର ମିଶ୍ର, ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ରୁମେନା ବେଗମ୍, ନୁରୁଲ ଇସଲାମ, ସରୋଜ ଶତପଥୀ, ମିତାଲି ସାହୁ, ଶରତ ନନ୍ଦ, ଅନିମେଶ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାହୁ, ବିଟୁନ୍ ସାହୁଙ୍କ ସମେତ ବହୁ କଂଗ୍ରେସ୍ କର୍ମୀ ଯୋଗଦାନ କରିଥିଲେ।

# ମହିମା ଧର୍ମରେ ଅଗ୍ନିପୂଜାର ମହତ୍ତ୍ୱ ସର୍ବାଧିକ

ଢେଙ୍କାନାଳ, ୩୧।୧୦(ସମିସ)



## ତପୋବନ ବାର୍ଷିକ ମେଳାରେ ‘ତପୋବନ’ ପତ୍ରିକା ଲୋକାର୍ପିତ

ବ୍ରାହ୍ମ ମୁହୂର୍ତ୍ତରୁ କପିଳାସ ମହିମାଶ୍ରମ ତପୋବନ ପୀଠରେ ବାର୍ଷିକ ମେଳା ଆରମ୍ଭ ହୋଇଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ନୂତନ ହାଣ୍ଡିରେ ବିଭିନ୍ନ ଫଳ, ଚୂଡା ଓ ଅହ୍ଲଣିଆ ବୁନ୍ଦିଆ ଏକତ୍ର କରାଯାଇ ଶୂନ୍ୟବ୍ରହ୍ମଙ୍କୁ ସମର୍ପିତ ହେବା ପରେ ପିଲାଙ୍କ ମଧ୍ୟରେ ଏହା ବିତରଣ କରାଯାଇଥିଲା। ଧୂନି ମନ୍ଦିରରେ ବ୍ରହ୍ମଧୂନି ସଂସ୍ଥାପନ କରାଯାଇ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି ଦିଆଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଆନୀତ ନଡିଆ ଓ ଘୃତ ବ୍ରହ୍ମ ଧୂନୀରେ ସମର୍ପିତ ହେଉଥିଲା। ଜ୍ଞାନୀ ବାବା ବ୍ରହ୍ମଧୂନିରେ ଆହୁତି ପ୍ରଦାନ କରୁଥିଲେ। ମହିମା ଭଜନ କୀର୍ତନରେ ତପୋବନ ପୀଠର ଗଗନପବନ ମୁଖରିତ ହେଉଥିଲା। ସେଠାରେ ଅନ୍ନଯଜ୍ଞ ପୂର୍ବାହ୍ନ ୯ଟାଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାଲିଥିଲା। କିନ୍ତୁ ଅହୋରାତ୍ର ଘୃତଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାଙ୍ଗକାଳରେ ତପୋବନ ପୀଠର ଶିଖର ଦେଶରେ ଥିବା ଯଜ୍ଞସ୍ଥଳରେ ବ୍ରହ୍ମଧୂନି ସଂସ୍ଥାପନ କରାଯାଇ ପୀଠର ପ୍ରତିଷ୍ଠାତା ଶ୍ରୀମଦ ରଘୁନାଥ ବାବା ଅହୋରାତ୍ର ଘୃତାହୁତି ଦିଆଯାଇଥିଲା। ଯଜ୍ଞ ମଣ୍ଡପରେ ୨୧ ଶାଖା ବିଶିଷ୍ଟ ଝାଡବତୀ ପ୍ରଜ୍ୱଳନ କରାଯାଇ ସେଥିରେ ମଧ୍ୟ ଜଗତ ଭଗତଙ୍କ କଲ୍ୟାଣ ପାଇଁ ଘୃତାହୁତି ଦିଆଯାଉଥିଲା। ସାଂସଦ ରୁଦ୍ରନାରାୟଣ ପାଣି ତପୋବନ ପୀଠକୁ ଆସି ବ୍ରହ୍ମଜ୍ୟୋତି ଓ ବ୍ରହ୍ମଧୂନିକୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପୀଠର ଉନ୍ନତି ଦିଗରେ ସେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ୨ଟା ବେଳକୁ ଆୟୋଜିତ ଧର୍ମସଭାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ତପୋବନ ବାର୍ଷିକ ପତ୍ରିକା୨୦୨୫’ କୁ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନ୍‌କର ଯୋଗ ଦେଇଥିଲେ। ଉଭୟେ ପ୍ରଥମେ ପୀଠସ୍ଥିତ ଅଖଣ୍ଡ ଜ୍ୟୋତି ମନ୍ଦିର ଓ ବ୍ରହ୍ମଧୂନିଙ୍କର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାରେ ଅଧ୍ୟକ୍ଷତା କରି କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ତପୋବନ ପୀଠର ମାହାତ୍ମ୍ୟ ଓ କାର୍ତ୍ତିକ ଶୁକ୍ଳ ଦଶମୀରେ ତପୋବନ ପୀଠରେ ମହିମାସ୍ୱାମୀ ଓ ତାଙ୍କର ପ୍ରମୁଖ ଶିଷ୍ୟ ଗୋବିନ୍ଦ ବାବା ଓ ନୃସିଂହ ବାବାଙ୍କ ଭେଟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାରାଜା ଭଗିରଥଙ୍କ ରାଜତ୍ୱ ସମୟରୁ ମହିମାଧର୍ମ ପ୍ରତି ରାଜ ପରିବାରର ଶ୍ରଦ୍ଧା ଓ ନିଷ୍ଠା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ମହିମା ଧର୍ମରେ ଅଗ୍ନି ପୂଜାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିରାକାର ଶୂନ୍ୟବ୍ରହ୍ମଙ୍କର ଉପାସନାର ମାଧ୍ୟମ ହିଁ ଅଗ୍ନି ଦେବ ଅଟନ୍ତି। ସାଧୁ ମହାଦେବ ଦାସ କୃତ କାର୍ତିକ ମାହାତ୍ମ୍ୟ ଚରିତରୁ ଉଦ୍ଧାର କରି ଅଗ୍ନିପୂଜାର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଶ୍ରୀ ରଥ ସୂଚନା ଦେଇଥିଲେ। ‘ତପୋବନ’ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ମିଶ୍ର, ପ୍ରେମଶଙ୍କର ମିଶ୍ର, ସମ୍ବିତ୍ ରଥ, ମନୋରଞ୍ଜନ ମିଶ୍ର, କୈଳାସ ରାଉତ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। କରୁଣାକର ବାବା, କନ୍ଦର୍ପ ବାବା, ସନକ ବାବା, ଗୁଣନିଧି ବାବା, ଭଣ୍ଡାରଘରିଆ ସଞ୍ଜୟ ବାବା, ନିବାରଣ ବାବା, ବିଜୟଦାସ, ଚନ୍ଦ୍ରମଣି ସ୍ୱାଇଁ, ଧର୍ମାନନ୍ଦ ପୃଷ୍ଟି, କୈଳାସ ରାଉତ ଓ ବାସୁଦେବ ଦେହୁରୀ ପ୍ରମୁଖ ମେଳା ପରିଚାଳନା କରିବା ସହ ଆଗନ୍ତୁକ ସହସ୍ରାଧିକ ଭକ୍ତଙ୍କ ପାଇଁ ଅନ୍ନଯଜ୍ଞର ବ୍ୟବସ୍ଥା କରିଥିଲେ।

# କାମାକ୍ଷାନଗରର ଚିକିତ୍ସକ ଆର୍ତ୍ତବନ୍ଧୁ ସାହୁଙ୍କ ପରଲୋକ



କାମାକ୍ଷାନଗର, ୩୧।୧୦(ସମିସ): କାମାକ୍ଷାନଗରର ଜଣାଶୁଣା ହୋମିଓପାଥିକ୍ ଚିକିତ୍ସକ ଆର୍ତ୍ତବନ୍ଧୁ ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ହୃଦଘାତଜନିତ ରୋଗ ଚିହ୍ନଟ ହେବା ପରଠାରୁ ସେ ଚିକିତ୍ସାଧୀନ ଥିଲେ। ଗତ ସପ୍ତାହରେ ଆର୍ତ୍ତବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାରୁ ଭୁବନେଶ୍ୱର ଏମ୍‌ସରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ୬ ଦିନ ଧରି ଚିକିତ୍ସା ହେବା ପରେ ଶୁକ୍ରବାର ଭୋର୍ ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ନିକଟରେ ସାନପୁଅ ଡାକ୍ତର ଅଜିତ ସାହୁ ଓ ନାତି ସ୍ନେହାଶିଷ ସାହୁ ଉପସ୍ଥିତ ଥିଲେ। ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ପାର୍ଥିବ ଶରୀର ପ୍ରଥମେ କାମାକ୍ଷାନଗର ବାସଭବନ ଓ ପରେ ଜଗନ୍ନାଥ ବଜାର ଛକରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ବଜାର ତରଫରୁ ବିଭିନ୍ନ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୈତୃକ ଗ୍ରାମ କଙ୍କଡାହାଡ଼ ବ୍ଲକର ରାଇବୋଲ ଗ୍ରାମକୁ ପାର୍ଥିବ ଶରୀରକୁ ଅଣାଯାଇଥିଲା। ସେଠାରେ ଅଞ୍ଚଳର ବ୍ୟକ୍ତିବିଶେଷ ଓ ଆତ୍ମୀୟସ୍ୱଜନ ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ଅନ୍ତିମ ଦର୍ଶନ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ପ୍ରଦୀପ ଜେନା ଓ ଅନ୍ୟ ସହକର୍ମୀ ଡାକ୍ତରଙ୍କ ସମେତ କାମାକ୍ଷାନଗର ଜଗନ୍ନାଥ ବଜାରର ଅନେକ ବ୍ୟକ୍ତି ବିଶେଷ, ଡାକ୍ତର ସାହୁଙ୍କର ପୈତୃକ ଗାଁରେ ଶେଷ ଦର୍ଶନରେ ସାମିଲ ହୋଇଥିଲେ ଗ୍ରାମ ମଶାଣିରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ସାନ ନାତି ଆଶିଷ ସାହୁ ମୁଖାଗ୍ନି ଦେଇଥିଲେ। ୧୯୯୦ରୁ ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ହୋମିଓପାଥିକ ଚିକିତ୍ସା ଆରମ୍ଭ ହୋଇଥିଲା। କାମାକ୍ଷାନଗର ଜଗନ୍ନାଥ ବଜାରରେ ୧୯୯୫ରୁ କ୍ଲିନିକରେ ହୋମିଓପାଥିକ ଚିକିତ୍ସା ଜରିଆରେ ରୋଗୀ ସେବା ଦେଉଥିଲେ ଡାକ୍ତର ସାହୁ। ତାଙ୍କ ପରଲୋକରେ କାମାକ୍ଷାନଗର ଜଗନ୍ନାଥ ବଜାର ପକ୍ଷରୁ ଶୋକ ପ୍ରକାଶ ସହିତ ସକାଳ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଦୋକାନ ବଜାର ବନ୍ଦ ରହିଥିଲା।

# ସ୍କୁଲରେ ଛାତ୍ରୀଙ୍କୁ କାମୁଡ଼ିଲା ସାପ

ଦେବଗଡ଼, ୩୧।୧୦ (ସମିସ): ରିଆମାଳ ବ୍ଲକ୍ ଅନ୍ତର୍ଗତ ଚଢ଼େଇମରା ପ୍ରାଥମିକ ବିଦ୍ୟାଳୟ ପରିସରରେ ସାପ କାମୁଡ଼ାରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି।



ଛାତ୍ରୀଜଣଙ୍କ ହେଲେ, ଲୁଇସରାଣୀ ବେହେରା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ସୂଚନାନୁଯାୟୀ, ଲୁଇସ୍ ଆଜି ଶୌଚାଳୟକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଶୌଚାଳୟ ନିକଟରେ ଥିବା ଏକ ଚିତିସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଲୁଇସ୍ଙ୍କ ଚିତ୍କାର ଶୁଣି ଶିକ୍ଷକମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ।

**ଗାଡ଼ି ଚାଳକଙ୍କ ସଫଳତା**

# ଜାପାନ ଯିବେ କେନ୍ଦୁଝରର ରାକେଶ

କଟକ, ୩୧।୧୦(ସମିସ): ଜଣେ ଗାଡ଼ି ଚାଳକ ହୁଏତ ଉଚ୍ଚଶିକ୍ଷିତ ନ ହୋଇପାରନ୍ତି କିନ୍ତୁ ଯଦି ନିଷ୍ଠାର ସହ ପ୍ରଶିକ୍ଷଣ ନେବେ, ତେବେ ରୋଜଗାର କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଭଲ ସମ୍ଭାବନା ସୃଷ୍ଟି କରିପାରିବେ। ଯାହା ପ୍ରମାଣିତ କରିପାରିଛନ୍ତି କେନ୍ଦୁଝର ଜିଲ୍ଲାର ରାକେଶ ଦାସ। ଓଡ଼ିଶା ସରକାରଙ୍କ ଛତିଆ ଯାନ ଚାଳନା ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ ଜଣେ ଗାଡ଼ିଚାଳକ ରାକେଶ ଆଜି ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଶ୍ରୀ ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି।



ରାକେଶ ଛତିଆ ପ୍ରଶିକ୍ଷଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ନାଭିସ୍ ଏଚଆର ନାମକ ଚୁକ୍ତିବଦ୍ଧ କମ୍ପାନୀରୁ ପ୍ରଶିକ୍ଷଣ ନେଇଥିଲେ ରାକେଶ। ଗାଡ଼ି ଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାନଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନ ବଣାଇ, ଛତିଆ, ପାଲୁର, କେନ୍ଦୁଝରରେ ରହିଛି। ଏଠାରେ ପ୍ରଶିକ୍ଷାର୍ଥୀଙ୍କ ତାଲିମ୍ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭେଚ୍ଛା ଜଣାଇଛନ୍ତି।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# କୁଆଡ଼େ ଗଲେ ଉମା, କୁରୁପତି?

ବ୍ରହ୍ମପୁର, ୩୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଇତିମଧ୍ୟରେ ୨୬ ଦିନ ବିତିଛି। କିନ୍ତୁ ଏବେ ବି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଓ ସୁପାରି କିଲର୍ଙ୍କ ନିକଟରେ ପୁଲିସ ପହଞ୍ଚି ପାରିନି। ଫେରାର୍ ଉମା ବିଶୋୟୀ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କୁରୁପତି ସୁପାରି ନେଇ ଗୁଳି କରିଛି। ଉଭୟଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ତନାଘନା ଜାରି ରଖିଛି। ଉଭୟଙ୍କ ଶେଷ ଲୋକେସନ୍ ଝାଡ଼ଖଣ୍ଡ ଥିଲା। କିନ୍ତୁ ସେଠାରୁ ସେମାନେ କୁଆଡ଼େ ଯାଇଛନ୍ତି ନା ସେଠାରେ କେଉଁଠି ଆତ୍ମଗୋପନ କରିଛନ୍ତି, ତାହାର ଟେର୍ ପାଉନି ପୁଲିସ।

**ଲାଷ୍ଟ ଲୋକେସନ୍ ଝାଡ଼ଖଣ୍ଡ**

ଅପରପକ୍ଷେ, ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ କହିଛନ୍ତି ଯେ ପୀତବାସଙ୍କୁ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିପାଇଁ ଦୀର୍ଘ ଦିନରୁ ଯୋଜନା ହୋଇଥିଲା। ସେପ୍ଟେମ୍ବର ୩ ତାରିଖ ପରେ ଏହାକୁ ରୂପ ଦେବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଏହା ପଛରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅନେକ କାରଣ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ଜେରା କରିବା ସମୟରେ ସେମାନଙ୍କ ସ୍ୱୀକାରୋକ୍ତି ପରେ ବହୁ ତଥ୍ୟ ପଦାକୁ ଆସିଥିବା ସେ କହିଛନ୍ତି। ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ବୃତ୍ତିଗତ, ରାଜନୈତିକ ଏବଂ ବ୍ୟବସାୟିକ ଆଦି ବିଭିନ୍ନ କାରଣର କିଛି ନା କିଛି ଲିଙ୍କ୍ ରହିଛି। ଜେରା ସମୟରେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବୟାନ ଆଧାରରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ସେହିପରି ଫେରାର୍ ଉମା ଓ କୁରୁପତିଙ୍କ ଗିରଫ ପରେ ହତ୍ୟାକାଣ୍ଡ ସମ୍ପର୍କିତ ଅଧିକ କିଛି ତଥ୍ୟ ମିଳିବ ବୋଲି ଆଶା ରଖିଛି ପୁଲିସ।

ଗୁଳିକାଣ୍ଡ ପରେ ଚିଣ୍ଟୁ ପ୍ରଧାନ ଓ ସୁପାରିକିଲର୍ କୁରୁପତି ଭୂୟାଁ ବାଇକ୍ରେ ପୁରୁଷୋତ୍ତମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ରାମେଶ୍ୱର ଛକ ପରେ ଭୁବନେଶ୍ୱର ଓ ପୁରୀ ଚାଲିଯାଇଥିଲେ। ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇଥିଲା। ଜୟପୁରରେ ପୂର୍ବରୁ ଅପେକ୍ଷା କରିଥିବା ଉମା ବିଶୋୟୀ ସହ କୁରୁପତିର ସାକ୍ଷାତ ହୋଇଥିଲା। ସୁନୀଲ ହୋତାଙ୍କ ଫାର୍ମହାଉସ୍ରେ ଆଶ୍ରୟ ନେବା ପରେ ଉଭୟେ ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିଲେ।

## ପ୍ରଥମ ପ୍ଲାନ୍ରୁ ବିହାରୀ ଓହରିଲେ କାହିଁକି?

ଉମା ବିଶୋୟୀର ନିର୍ଦ୍ଦେଶରେ ତଥା ଯୋଗୀ ରାଉତର କହିବା ପ୍ରକାରେ ହତ୍ୟାକାଣ୍ଡ ପାଇଁ ପ୍ରଥମେ ବିପିନ ସ୍ୱାଇଁ ଓ ସୀମାଞ୍ଚଳ ନାୟକ ରାଜି ହୋଇଥିଲେ। ବିହାରରୁ ଆମଦାନୀ ହୋଇଥିଲେ ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ କୁମାରଙ୍କ ଭଳି ଦୁଇ ସାର୍ପସୁଟର୍। ୧୦ ତାରିଖରେ ବ୍ରହ୍ମପୁରରେ ସମସ୍ତ ୪ଜଣ ପହଞ୍ଚିବା ପରେ ୧୨ ତାରିଖରେ ପୀତବାସଙ୍କ ଗତିବିଧି ଉପରେ ନଜର ରଖିଥିଲେ। ରେକି କରିବାକୁ କୋର୍ଟ ପରିସରକୁ, ଏପରିକି ପୀତବାସଙ୍କ ଚାମ୍ବରକୁ ମଧ୍ୟ ଯାଇଥିଲେ। ତେବେ ୧୦ ଲକ୍ଷ ଟଙ୍କାରେ ହତ୍ୟା କରିବାକୁ ଅମଙ୍ଗ ହେବା କିମ୍ବା ପୀତବାସ ଜଣେ ଆଇନଜୀବୀ ବୋଲି ଜାଣିବା ପରେ ଅରାଜି ହୋଇ ଅଥବା ବ୍ୟକ୍ତିଗତ କାରଣରୁ ଦୁଇ ବିହାରୀ ପ୍ଲାନ୍ରୁ ଓହରି ଯାଇଥିଲେ। କାହାରିକୁ କିଛି ନକହି ସାଙ୍ଗରେ ଆଣିଥିବା ଦୁଇଟି ବନ୍ଧୁକକୁ ଛାଡ଼ି ସେମାନେ ବିହାର ଫେରିଯାଇଥିଲେ।

## ୫୦ ହଜାରରେ ବନ୍ଧୁକ ଏବଂ ଅଗ୍ରୀମ ୨୦ ହଜାର ନେଇଥିଲେ ହତ୍ୟାକାରୀ

ପ୍ଲାନ୍ ମୁତାବକ ଦୁଇ ସାର୍ପସୁଟର୍ ବିହାରରୁ ଆସିବା ବେଳେ ସାଙ୍ଗରେ ଦୁଇଟି ବନ୍ଧୁକ ଆଣିଥିଲେ। ଏଥିପାଇଁ ସେମାନଙ୍କୁ ୫୦ହଜାର ଟଙ୍କା ଦିଆଯାଇଥିଲା। ତେବେ କୌଣସି କାରଣରୁ ସେମାନେ ଫେରିଯାଇଥିଲେ। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପ୍ଲାନ୍ରେ ସାମିଲ ହୋଇଥିଲେ ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂୟାଁ। ପୁନର୍ବାର ରେକି ପରେ ସେମାନଙ୍କ ହାତରେ ଥାପି ଦିଆଯାଇଥିଲା ବିହାରୀଙ୍କ ଦୁଇଟି ବନ୍ଧୁକ। ବାଇକ୍ ଚାଳକ ଚିଣ୍ଟୁ ପ୍ରଧାନକୁ ୩ଲକ୍ଷ ଓ ହତ୍ୟାକାରୀ କୁରୁପତିକୁ ୫ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲା ଉମା ବିଶୋୟୀ। ତେବେ ଅଗ୍ରୀମ ଆକାରରେ ପ୍ରତ୍ୟେକଙ୍କୁ ଦିଆଯାଇଥିଲା ମାତ୍ର ୧୦ ହଜାର ଲେଖାଏଁ ମୋଟ ୨୦ ହଜାର ଟଙ୍କା।

## ପୀତବାସ ହତ୍ୟା ମାମଲାରେ ଲଢ଼ିବେ ସ୍ୱତନ୍ତ୍ର ପିପି!

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଏକ ହାଇପ୍ରୋଫାଇଲ୍ ମାମଲା ହୋଇଥିବାରୁ ଏହି ମାମଲାରେ ସ୍ୱତନ୍ତ୍ର ପିପି ନିଯୋଜିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ୍ ଗତ ୨୬ ତାରିଖରେ ସିଆଇଡି/ସିବି ଡିଜିଙ୍କୁ ଚିଠି ଲେଖି ସିବିଆଇର ଅବସରପ୍ରାପ୍ତ ଅତିରିକ୍ତ ଆଇନ ପରାମର୍ଶଦାତା ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ରଙ୍କୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଏବଂ ହାଇକୋର୍ଟର ଅନ୍ୟତମ ବରିଷ୍ଠ ଆଇନଜୀବୀ ଅବିନାଶ ପାଢ଼ୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଭାବେ ମକଦ୍ଦମା ପରିଚାଳନା ପାଇଁ ନିଯୋଜିତ କରିବାକୁ ଚିଠି ଲେଖିଥିବା ଜଣାପଡ଼ିଛି। ଉଭୟ ବରିଷ୍ଠ ଆଇନଜୀବୀ ନିଜର ସହମତି ପ୍ରକାଶ କରିଥିବା ବେଳେ ଏହାକୁ ଗୃହ ବିଭାଗର ଅନୁମୋଦନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍ପି ଅନୁରୋଧ କରିଥିବା ଜଣାପଡ଼ିଛି।

**ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍ଘାଟିତ**

# ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ

ଭୁବନେଶ୍ୱର,୩୧।୧୦(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ହୋଟେଲ୍ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍ଘାଟନ କରିବା ଅବସରରେ ସେ ଏହା କହିଛନ୍ତି।



ଏହି କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ହସ୍ତତନ୍ତ ବିଭାଗର ଉନ୍ନୟନ ଆୟୁକ୍ତ ବୀଣା କୁମାରୀ ମୀନା ଏବଂ ହସ୍ତଶିଳ୍ପ ବିଭାଗର ଉନ୍ନୟନ ଆୟୁକ୍ତ ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଉପସ୍ଥାପନ କରିଥିଲେ। ଓଡିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଓଡିଶାରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା ହେବା ସହ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ପ୍ରଦୀପ ଜେନାଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

କଟକ, ୩୧।୧୦ (ସମିସ): ଦୁଇଟି ଲାଭଜନକ ପଦବୀରେ ବେଆଇନ ଭାବେ ରହିଥିବା ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପ୍ରଦୀପ ଜେନାଙ୍କୁ ଓଇଆରସି (ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ର ଅଧ୍ୟକ୍ଷ ଭାବେ ଗତ ୨୦୨୫ ଏପ୍ରିଲରେ ନିଯୁକ୍ତି ଦିଆଯାଇଥିଲା। ତେବେ ସେପ୍ଟେମ୍ବରରେ ହୋଇଥିବା ଭୁବନେଶ୍ୱର କ୍ଲବର ସଭାପତି ନିର୍ବାଚନରେ ସେ ଅଂଶଗ୍ରହଣ କରି ନିର୍ବାଚିତ ହେବା ସହ ଦାୟିତ୍ୱ ଗ୍ରହଣ କରିଥିଲେ। ଓଇଆରସିର ଅଧ୍ୟକ୍ଷ ଥାଇ ଶ୍ରୀ ଜେନା କମ୍ପାନୀ ଆଇନ ଅନ୍ତର୍ଗତ ପ୍ରତିଷ୍ଠିତ ଭୁବନେଶ୍ୱର କ୍ଲବ୍ର ସଭାପତି ଦାୟିତ୍ୱ ଗ୍ରହଣ କରିବା ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ-୧୯୯୫ ଓ ବିଦ୍ୟୁତ ଆଇନ ୨୦୦୩ର ଉଲ୍ଲଘଂନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିଭଳି ଭୁବନେଶ୍ୱର କ୍ଲବରେ ୩ ହଜାରରୁ ଅଧିକ କର୍ପୋରେଟ୍, ବ୍ୟବସାୟୀ ଓ ଉଦ୍ୟୋଗୀ ରହିଛନ୍ତି। ଏହା କମ୍ପାନୀ ଆଇନ-୧୯୫୬ ଦ୍ୱାରା ପରିଚାଳିତ ବୋଲି ଅଭିଯୋଗ କରାଯାଇଛି। ଏଣୁ, ଉଭୟ ଲାଭଜନକ ପଦରେ ରହିବା କାରଣରୁ ଏହାର ତଦନ୍ତ ଓ ପ୍ରତିପକ୍ଷ ଶ୍ରୀ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଶକ୍ତି ସଚିବ, ଓଇଆରସି ଅଧ୍ୟକ୍ଷ ତଥା ଭୁବନେଶ୍ୱର କ୍ଲବ ସଭାପତି ପ୍ରଦୀପ ଜେନା ଓ ଭୁବନେଶ୍ୱର କ୍ଲବର ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରାମଦାସ ଆଚାରୀ ମାମଲା ପରିଚାଳନା କରିବେ।

**ଦୁଇ ଲାଭଜନକ ପଦରେ ରହିଛନ୍ତି**

# ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ

କଟକ,୩୧।୧୦(ସମିସ): କଟକସ୍ଥିତ ଷଷ୍ଠ ଓଏସ୍ଏପି ବାଟାଲିୟନ୍ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ,



ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଆଇ.ଆର. ବାଟାଲିୟନ କମାଣ୍ଡାଣ୍ଟ ୟାକୁବ ଖାନ ପରେଡ୍ର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ବଡ଼ଓଷା ଓ ପଞ୍ଚୁକ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି**

# ଧବଳେଶ୍ୱରରେ ଜଗିବେ ୧୫ ପ୍ଲାଟୁନ ଫୋର୍ସ

ଆଠଗଡ଼, ୩୧।୧୦ (ସମିସ): ରାତି ପାହିଲେ ଆରମ୍ଭ ହେବ କାର୍ତ୍ତିକ ମାସର ପଞ୍ଚକ ଓ ବଡ଼ଓଷା ଯାତ୍ରା। କଟକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବେ ହଜାରହଜାର ଶ୍ରଦ୍ଧାଳୁ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବା ଲାଗି କଂକ୍ରିଟ ପୋଲଠାରୁ ଆରମ୍ଭ କରି ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ସେହିପରି ୩୨ଟି ସ୍ଥାନରେ ସିସିଟିଭି ଲଗାଯିବ। ମହାନଦୀ ଗର୍ଭରେ ଥିବା ମନ୍ଦିର ନିକଟରେ କୌଣସି ଦୁର୍ଘଟଣାକୁ ମୁକାବିଲା ପାଇଁ ଓଡ୍ରାଫ୍, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଚଳିତବର୍ଷ ପଞ୍ଚୁକ ଯାତ୍ରା ଓ ପୂର୍ଣ୍ଣିମାରେ ଧବଳେଶ୍ୱର ବାବାଙ୍କୁ ପଞ୍ଚକ ପାଞ୍ଚ ଦିନରେ ୫ ରୂପରେ ସଜାଯିବା ପାଇଁ ପୂଜକ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ ସମେତ ୨ ଜଣ ଅତିରିକ୍ତ ଏସ୍ପି, ୮ଜଣ ଡିଏସପି, ୨୦ ଜଣ ଇନିସପେକ୍ଟରଙ୍କ ସମେତ ୨୦୦ରୁ ଅଧିକ ପୁଲିସ ଅଧିକାରୀ ନିୟୋଜିତ କରାଯାଇଛି। ଏନେଇ ଆଜି କଟକ ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ଧବଳେଶ୍ୱର ଫାଣ୍ଡି ପରିସରରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପିଙ୍କ ଉପସ୍ଥିତିରେ ମକ୍-ଡ୍ରିଲ୍ କରାଯାଇଛି।



**୩୨ଟି ସ୍ଥାନରେ ଲାଗିବ ସିସିଟିଭି**

**ମନ୍ଦିର ବେଢ଼ା ପର୍ଯ୍ୟନ୍ତ ରହିବ ବ୍ୟାରିକେଡ୍**

ଭକ୍ତଙ୍କ ପାଇଁ ତିନୋଟି ସ୍ଥାନରେ ପାର୍କିଂ କରାଯିବା ସହ ପୀଠ ବାହାରେ ୮ଟି ସ୍ଥାନରେ, ମନ୍ଦିର ପୀଠରେ ୬ଟି ସ୍ଥାନରେ ଟ୍ରାଫିକ ପୋଷ୍ଟ କରାଯାଇଛି। କଟକଠାରୁ ଧବଳେଶ୍ୱର ପୀଠକୁ ଦୁଇଚକିଆ ଗାଡ଼ି ନେଇ ଆସୁଥିବା ଭକ୍ତମାନେ ନୂଆପାଟଣା ଛକଠାରୁ ପାଇକରାପୁର ଗାଡ଼ି ଷ୍ଟାଣ୍ଡକୁ ଯାଇପାରିବେ। ଯେଉଁ ଭକ୍ତମାନେ ୪ ଚକିଆ ଯାନ ଧରି ଆସିବେ, ସେମାନେ ନୂଆପାଟଣା ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ବାଲି ଛକଠାରୁ ସୁନିଆ ମୁହଁ ରାସ୍ତାରେ ବିଦ୍ୟାଧରପୁର ଓ ଧବଳେଶ୍ୱର ଫାଣ୍ଡି ପଡ଼ିଆସ୍ଥିତ ଦୁଇଟି ପାର୍କିଂକୁ ଆସିପାରିବେ। କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ୧୦ ମାସରେ ୪ କୋଟିର ଧଳାଜହର ଜବତ, ୧୬୮ ଗିରଫ

କଟକ, ୩୧।୧୦ (ସମିସ): କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅନ୍ତର୍ଗତ ମୋଟ ୭ଟି ଜିଲ୍ଲାରେ ଧଳାଜହରର ବିପୁଳ କାରବାର ପୁଲିସର ଚିନ୍ତା ବଢ଼ାଇଲାଣି। ଜାନୁଆରିରୁ ଅକ୍ଟୋବର୨୯ ପର୍ଯ୍ୟନ୍ତ ଗତ ୧୦ ମାସ ମଧ୍ୟରେ ୪କିଲୋ୨୨ଗ୍ରାମ ୪୨୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ବା ଧଳାଜହର ଜବତ କରାଯାଇଛି। ମୋଟ ୮୧ଟି ମାମଲାରେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪କୋଟି ୨୪ଲକ୍ଷ ୪୬ ହଜାର ୫୪୦ ଟଙ୍କା। ଏହି କାରବାରରେ ସମ୍ପୃକ୍ତ ମୋଟ ୧୬୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଟି ମାମଲାରେ ୧ କୋଟି ୬୧ ଲକ୍ଷ ଟଙ୍କାର ୧ କିଲୋ ୬୧୬ ଗ୍ରାମ ଜବତ କରାଯିବା ସହ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏହା ପଛକୁ ପୁରୀ ଜିଲ୍ଲାରେ ସର୍ବାଧିକ ୧୮ଟି ମାମଲାରେ ୧ କିଲୋ ୧୨ ଗ୍ରାମ ଧଳାଜହର ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି।

**ଖୋର୍ଦ୍ଧାରୁ ସର୍ବାଧିକ, ପଛକୁ ପୁରୀ**

ସେହିଭଳି ଜଗତସିଂହପୁରରେ ୧୭ଟି ମାମଲା ରୁଜୁ ସହ ୯୮ଲକ୍ଷ ୬୪ହଜାର ଟଙ୍କାର ୧ କିଲୋ ୯୫ ଗ୍ରାମ୍ ଧଳାଜହର ଜବତ କରାଯାଇଛି ଓ ୪୧ ଜଣ ଗିରଫ ହୋଇଛନ୍ତି। ନୟାଗଡ଼ରେ ୮ଟି ମାମଲାରେ ୧୬୯ ଗ୍ରାମ ଜବତ ସହ ୧୩ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୫ଟି ମାମଲାରେ ୩୦ଗ୍ରାମ ଜବତ ସହ ୫ଜଣ ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୧୬ଗ୍ରାମ ଜବତ ସହ ୨ ଗିରଫ, ଯାଜପୁରରେ ୬ଟି ମାମଲାରେ ୮୩ ଗ୍ରାମ୍ ଜବତ ସହ ୧୧ ଜଣ ଗିରଫ ହୋଇଛନ୍ତି।

ଅନୁରୂପ ଭାବେ, ଗଞ୍ଜେଇ କାରବାର କ୍ଷେତ୍ରରେ ମୋଟ ୬୪ଟି ମାମଲା ରିପୋର୍ଟ କରାଯାଇଛି। ଏଥିରେ ୧୧୦୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୨ଲକ୍ଷ ଟଙ୍କା ହେବ। ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ୧୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଆଜିଠୁ ସମୁଦ୍ରରେ ମାଛଧରା କଟକଣା

**ପ୍ରସ୍ତୁତି ଅଧାପନ୍ତରିଆ, କଇଁଛଙ୍କୁ ସୁରକ୍ଷା ଦେବ କିଏ?**

**ଉଦ୍ବେଗ ପ୍ରକାଶ କଲେ ପ୍ରକୃତି ବନ୍ଧୁ**

ପୁରୀ, ୩୧।୧୦(ସମିସ): ପୁରୀ ଜିଲ୍ଲା ଉପକୂଳରେ ଅଲିଭ୍ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଶନିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଆସନ୍ତା ମେ' ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଙ୍ଗ୍ ରେଗୁଲେସନ୍ ଆକ୍ଟ ବା ଓମ୍ଫ୍ରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କ ପାଇଁ ପୁରୀ ଉପକୂଳରୁ ସମୁଦ୍ର ମଧ୍ୟକୁ ପ୍ରବେଶ ଏବଂ ମାଛ ଧରିବା ଉପରେ କଟକଣା ଲଗାଯିବ। କେଳୁଣୀ ମୁହାଣରୁ ଦେବୀନାସୀ ସମୁଦ୍ର କୂଳରୁ ୨୦ କିମି ପର୍ଯ୍ୟନ୍ତ ଅଞ୍ଚଳ ନୋ-ଫିସିଂ ଜୋନ୍ ରହିବ। ଅର୍ଥାତ୍ ଏହି ଅଞ୍ଚଳ ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର୍ ମାଛ ଧରିପାରିବେ ନାହିଁ। ଏଥିସହ ଫାଶି ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଅଲିଭରିଡ୍ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ତେବେ ବନ ବିଭାଗ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଅଲିଭ୍ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଯେଉଁସବୁ ପ୍ରସ୍ତୁତି କରାଯିବା କଥା, ତାହା ଅଧାପନ୍ତରିଆ ରହିଛି। ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ଉଦ୍ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା'ନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କ ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାରହଜାର ସଂଖ୍ୟାରେ ଅଲିଭରିଡ୍ଲେ ପୁରୀ ଜିଲ୍ଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କୋଣାର୍କଠାରୁ ଦେବିନାସୀ ବେଳାଭୂମି ଇଲାକାରେ ଏମାନେ ଅଣ୍ଡା ଦେଇଥାନ୍ତି। ଜାନୁୟାରୀ ଶେଷ ଆଡ଼କୁ ମାଇ କଇଁଛ କୂଳମୁହାଁ ହୋଇ ଅନ୍ଧାର ରାତିରେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ଏଥିପାଇଁ ନିୟୋଜିତ ବନ କର୍ମଚାରୀ ଅଣ୍ଡାଗୁଡ଼ିକ ସଂଗ୍ରହ କରି କୃତ୍ରିମ ହାଚେରୀ ବା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ବାଲିରେ ପୋତିଥାନ୍ତି। ପ୍ରତିବର୍ଷ ପୁରୀ ଉପକୂଳରେ ୧୩ଟି ଜାଗାରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର କରାଯାଉଛି। ଏଗୁଡ଼ିକ ହେଉଛି ବାଲୁଖଣ୍ଡ ରେଞ୍ଜର ନୂଆନଈ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ହରଚଣ୍ଡୀ ଓ ଚାପମାଣିକ, କୋଣାର୍କ ରେଞ୍ଜର ଚନ୍ଦ୍ରଭାଗା, ଦାଶଧଡ଼ିଆ, କଅଁରପୁର ଓ ରାମଚଣ୍ଡୀ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଲବା ଓ ଗଙ୍ଗାଦେବୀ।



କଇଁଛଙ୍କ ସୁରକ୍ଷା ପାଇଁ କାମ କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍ ସଦସ୍ୟ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା କହିଛନ୍ତି, ଚଳିତବର୍ଷ ଅଲିଭ୍ରିଡଲେ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳକୁ ଆସିଲେଣି। ଇତିମଧ୍ୟରେ କୋଣାର୍କ ରେଞ୍ଜରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡା ମଧ୍ୟ ଦେଇସାରିଲାଣି। ତେଣୁ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯିବା ଦରକାର। ହେଲେ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଅଧାପନ୍ତରିଆ ରହିଛି। ବେଳାଭୂମି ସଫା କରାଯାଇନାହିଁ। କଇଁଛଙ୍କ ସୁରକ୍ଷା ନେଇ ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ସୂଚନା ଫଳକ କିମ୍ବା ସଚେତନ କରାଯାଇନାହିଁ। ରାମଚଣ୍ଡୀରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ମନଇଚ୍ଛା ବଣଭୋଜି ଚାଲିଛି। ଫଳରେ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରକୁ ଯାଉଛି। ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉ ନ ଥିବାବେଳେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଚନ୍ଦ୍ରଭାଗା ନୋଳିଆବସ୍ତିରୁ କଅଁରପୁର ଆଡକୁ ସମୁଦ୍ରକୂଳରେ ଚାରିଚକିଆ ଯାନ ଚଳାଚଳ ଦିଗରେ କୌଣସି କଟକଣା ଲାଗି ନାହିଁ। ଚନ୍ଦ୍ରଭାଗା ଏବଂ ରାମଚଣ୍ଡୀ ଏଫ୍ଏଲ୍ସି କର୍ମଚାରୀଙ୍କୁ ନେଇ କଇଁଛ ପ୍ରଜନନ ବିଷୟରେ ସଚେତନ କରାଯାଇ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବେଲେଶ୍ୱର ବେଳାଭୂମିରେ ପ୍ରି-ୱେଡିଂ ପାଇଁ ଜେନେରେଟର୍ ନେଇ ଲାଇଟ୍ ଲଗାଯାଉଛି। ଏଥିସହ ନିଆଁ ଲଗାଇ ଭିଡିଓ ସୁଟିଂ କରାଯାଉଛି। ଏସବୁ କିପରି ବନ୍ଦ କରାଯିବ, ସେ ଦିଗରେ ନା ବନ ବିଭାଗ ନା ମତ୍ସ୍ୟ ବିଭାଗ ଗୁରୁତ୍ୱ ଦେଉଛନ୍ତି। ସେହିପରି ୱାଚର୍ ଏବଂ ଆଣ୍ଟି ୱାଚରଙ୍କୁ ଅଲଗା କାମରୁ ନିବୃତ୍ତ ରଖି କେବଳ କଇଁଛଙ୍କ ସୁରକ୍ଷା ଦିଗରେ ନିୟୋଜିତ କରାଯାଉ ବୋଲି ପ୍ରକୃତି ବନ୍ଧୁ ଶ୍ରୀ ଜେନା କହିଛନ୍ତି।

ଏ ସମ୍ପର୍କରେ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ଏଫ୍ଏଲ୍ସି କର୍ମଚାରୀଙ୍କର ବୈଠକ ପ୍ରତିବର୍ଷ ହେଉଛି। ଏବର୍ଷ ମଧ୍ୟ କରାଯିବ। ସେହିପରି ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୨- ଅଟୋମନ ସାମ୍ରାଜ୍ୟର ଅନ୍ତ ହେଲା।
- ୧୯୫୦- ଭାରତର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ରେଳ କାରଖାନାରେ ତିଆରି କରାଗଲା।
- ୧୯୫୮ - ତତ୍‌କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୩- ମୈସୁର ନାମ ବଦଳାଯାଇ କର୍ଣ୍ଣାଟକ ହେଲା।
- ୨୦୦୦- ଛତିଶଗଡ଼ ନୂଆ ରାଜ୍ୟ ହେଲା।

## ବିଶ୍ୱ ଧ୍ୱଂସ ଲାଗି ଯୁବତୀ ପ୍ରସ୍ତୁତ



ବିଶ୍ୱ କେବେ ଧ୍ୱଂସ ହେବ, ସେକଥା କେହି ଜାଣନ୍ତି ନାହିଁ। ହେଲେ ଆମେରିକାର ଜଣେ ଯୁବତୀ ଏବେଠୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସବୁଠୁ ବଡ଼ କଥା ହେଲା, ସେ ଏବେଠୁ ଖାଦ୍ୟ ଓ ମଞ୍ଜି ସଂଗ୍ରହ ଆରମ୍ଭ କରି ଦେଇଛନ୍ତି। ୱାଶିଂଟନରେ ରହୁଥିବା ୨୫ ବର୍ଷୀୟା ଗୁଜ୍ଜା କୁହନ୍ତି, ଯଦି ଆଗକୁ ପୂରା ଦୁନିଆର ସିଷ୍ଟମ ଠପ୍ ହୋଇଯିବ, ତାହେଲେ ସେ କାହାରି ସାହାଯ୍ୟ ବିନା ଜୀବନ ଜିଇଁପାରିବେ। ବିଗତ କିଛି ବର୍ଷ ହେଲାଣି ସେ ତାଙ୍କ ଛୋଟ ଫାର୍ମରେ ଖାଦ୍ୟ, ବିହନ, ଔଷଧ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣକୁ ସଂରକ୍ଷିତ କରି ରଖିଛନ୍ତି। ସେହିପରି ଗୁଜ୍ଜା ତାଙ୍କର ସଞ୍ଚିତ ଅର୍ଥକୁ ଖାଦ୍ୟ, ଜଳ ସଂରକ୍ଷଣ, ସୌରଶକ୍ତିରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ଅଧିକାଂଶ ଲୋକଙ୍କୁ ଗୁଜ୍ଜାଙ୍କର ଏହି କାମ ପାଗଳାମୀ ଲାଗିଲେ ବି ତାଙ୍କ ପାଇଁ ଏହା ସ୍ୱାଧୀନତାକୁ କିଣିବା ଭଳି ବୋଲି ସେ କହିଛନ୍ତି। ଏବେ ସେ ତାଙ୍କ ଖାଦ୍ୟ ସଂରକ୍ଷଣକୁ ଦ୍ୱିଗୁଣା କରିଛନ୍ତି। ଏହା ସହିତ ଗୁଜ୍ଜା ଏକଥା କହିଛନ୍ତି ଯେ, ତାଙ୍କ ପାଖରେ ଏତେ ଖାଦ୍ୟପଦାର୍ଥ ସଂରକ୍ଷିତ ଅଛି, ଯାହାକୁ ଖାଇ ଏକ ପାଞ୍ଚ ଜଣିଆ ପରିବାର ଆସନ୍ତା ଦଶ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରିବେ। ସେହିଭଳି ଗୁଜ୍ଜା କୌଣସି ଖାଦ୍ୟ ପଦାର୍ଥ ନଷ୍ଟ କରିବାକୁ ପସନ୍ଦ କରନ୍ତି ନାହିଁ। ଏହାକୁ ସେ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଥାନ୍ତି। ଆସନ୍ତା ଖ୍ରୀଷ୍ଟମାସରେ ଗୁଜ୍ଜା ଗତବର୍ଷରୁ ରଖିଥିବା ରୋଷ୍ଟ ଟର୍କି, ମାସଡ୍ ପଟାଟୋ, ଗ୍ରେଭି, ଗ୍ରୀନ୍ ବିନ୍ସ ଏବଂ ଆପଲ୍ ପାଏ (ଏହାକୁ ସେ ଶୁଖାଇ ସିଲ୍ କରି ରଖିଛନ୍ତି) ଆଦି ଖାଇବେ। ଯେକୌଣସି ପରିସ୍ଥିତିରେ ସେ ତାଙ୍କ ପରିବାରକୁ ଖାଦ୍ୟ ଯୋଗାଇ ପାରିଲେ ଏହା ତାଙ୍କ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗୁଜ୍ଜା କହିଛନ୍ତି। ଯେତେବେଳେ ସାରା ଦୁନିଆ ଠପ୍ ହୋଇଯାଇଥିବ ସେତେବେଳେ ସେ ତାଙ୍କ ହାତ ତିଆରି ଜିନିଷ ଖାଉଥିବେ ବୋଲି ଗୁଜ୍ଜା କହିଛନ୍ତି।


## ଅଗଷ୍ଟ ୧୪ରେ ‘ନାଗଜିଲା’




ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟନ୍ ଶେଷ ଥର ପାଇଁ ‘ଭୁଲଭୁଲୈୟା ୩’ରେ ଦେଖାଯାଇଥିଲେ। ଏହା ଗତବର୍ଷ ଦୀପାବଳିରେ ରିଲିଜ୍ ହୋଇଥିଲା। ସେବେଠୁ କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମ ‘ନାଗଜିଲା: ନାଗ ଲୋକ କା ପହଲା କାଣ୍ଡ’କୁ ନେଇ ଖବର ଆସିଛି। ଫିଲ୍ମ ନିର୍ମାତା ଏବେ ଏହାର ରିଲିଜ୍ ତାରିଖରୁ ପରଦା ହଟାଇଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ନାଗପଞ୍ଚମୀ ଅର୍ଥାତ୍ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃଗଦୀପ ସିଂହ ଲାମ୍ବା। ଏହି ସିନେମାରେ କାର୍ତ୍ତିକ ଇଚ୍ଛାଧାରୀ ନାଗ ପ୍ରିୟବନ୍ଦେଶ୍ୱର ପ୍ୟାରେ ଚନ୍ଦ ଭୂମିକାରେ ଅଭିନୟ କରିବେ। କାର୍ତ୍ତିକ୍ ‘ନାଗଜିଲା’ ବ୍ୟତୀତ ଅନନ୍ୟା ପାଣ୍ଡେଙ୍କ ସହ ‘ତୁ ମେରି ମେ ତେରା ମେ ତେରା ତୁ ମେରି’ ଓ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ।

## କଖାରୁ ଡଙ୍ଗା ଦୌଡ଼ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଅଜବ ପ୍ରତିଯୋଗିତାମାନ ଆୟୋଜନ ହୋଇଥାଏ। ଏହି କ୍ରମରେ ଆମେରିକା ଓରେଗନର ଟୁଆଲାଟିନ ସହରରେ ଏକ ନିଆରା ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଏ। ଏଠାରେ ଲୋକେ ବିଶାଳକାୟ କଖାରୁରେ ନିର୍ମିତ ଡଙ୍ଗାରେ ବସି ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। କଖାରୁକୁ ଭିତରୁ ଫମ୍ପା କରି ସେଥିରେ ବସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ପ୍ରତିବର୍ଷ ଶହ ଶହ ଲୋକେ ଭାଗ ନେବା ସହ ଏହି ପ୍ରତିଯୋଗିତା ଦେଖିବାକୁ ଆସିଥାନ୍ତି। ଏହି ନିଆରା ପ୍ରତିଯୋଗିତା ୨୦୦୪ ମସିହାରୁ ଆୟୋଜିତ ହୋଇ ଆସୁଛି। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନେ ହିଁ ନିଜେ କଖାରୁକୁ ଡଙ୍ଗାର ରୂପ ଦେଇଥାନ୍ତି। ଏହାପରେ ହ୍ରଦରେ ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ୱେଷ୍ଟ କୋଷ୍ଟ ଜଏଣ୍ଟ ପମ୍ପକିନ୍ ରେଗାଟାର ୨୧ ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଏଥିରେ ଏପରି ଅନେକ କଖାରୁ ଥିଲା, ଯାହାର ଓଜନ ୪୫୦ କେଜିରୁ ଅଧିକ ଥିଲା। ଏହି ବିଶାଳକାୟ କଖାରୁଗୁଡ଼ିକୁ ହ୍ରଦରେ ଛାଡ଼ିବା ପାଇଁ ଆୟୋଜକଙ୍କୁ ଫୋର୍କ ଲିଫ୍ଟ ମେସିନ୍‌ର ସାହାରା ନେବାକୁ ପଡ଼ିଥିଲା। ଏହାପରେ ପ୍ରତିଯୋଗୀମାନେ କରତ ଓ ବଡ଼ ଛୁରୀ ସାହାଯ୍ୟରେ କଖାରୁକୁ ଭିତରୁ ଫମ୍ପା କରିଥିଲେ। କଖାରୁ ଭିତରେ ଥିବା ମଞ୍ଜି ଓ ଅନ୍ୟାନ୍ୟ ଅଂଶ ବାହାରିଯିବା ପରେ ଏହା ପାଣିରେ ଭାସିବା ସହଜ ହୋଇଥାଏ। ଏହି ପ୍ରତିଯୋଗିତାକୁ ଅଧିକ ମନୋରଞ୍ଜନଭିତ୍ତିକ କରିବା ପାଇଁ ପ୍ରତିଯୋଗୀମାନେ ହାଲୋୱିନ ପୋଷାକ ପିନ୍ଧିଥିଲେ। କେହି କେହି ସୁପରହିରୋ ପୋଷାକରେ ନଜର ଆସିଥିବାବେଳେ ଆଉ କେହି ଟିଭି ଶୋ’ ତଥା ଫିଲ୍ମର କୌଣସି ଚରିତ୍ର ଭାବେ ଦେଖାଯାଇଥିଲେ। ଦର୍ଶକେ ହ୍ରଦ କୂଳରେ ଛିଡ଼ା ହୋଇ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ।



## ପ୍ରଦୂଷଣ ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ହିତକର



ବାୟୁ ପ୍ରଦୂଷଣ ଏବେ ଚିନ୍ତାର କାରଣ ପାଲଟିଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ ଏବଂ ଗୁଡଗାଓଁ ଆଦି ସ୍ଥାନର ଲୋକେ ପ୍ରଦୂଷଣକୁ ନେଇ ବେଶ୍ ଚିନ୍ତିତ। ପ୍ରଦୂଷଣ ଯୋଗୁ ଶ୍ୱାସକ୍ରିୟାରେ ସମସ୍ୟା, ଆଖି ଜଳାପୋଡ଼ା, କାଶ, ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶରେ ଜଣେ କେଉଁ ସମୟରେ ବାହାରେ ଚଲାବୁଲା କରିପାରିବେ ସେନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ସଚେତନ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୋର ଏବଂ ସନ୍ଧ୍ୟା ସମୟରେ ପ୍ରଦୂଷଣ ମାତ୍ରା ଅଧିକ ଥାଏ। ତେଣୁ ଏହି ସମୟରେ ଚାଲିବା ହିତକର ନୁହେଁ। ସେହିପରି ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ଦିଲ୍ଲୀ ଏନ୍‌ସିଆରର ସକାଳ ବାୟୁ ଅଧିକ ପ୍ରଦୂଷିତ ଥାଏ। ଶୀତଦିନେ ଅଧିକ ଥଣ୍ଡା କାରଣରୁ ବାୟୁର ଗୁଣବତ୍ତା ମଧ୍ୟ ଅଧିକ ଖରାପ ଥାଏ । ବିଶେଷକରି କୁହୁଡ଼ି ଏବଂ ବିଷାକ୍ତ ଧୂଆଁର ପ୍ରଭାବ ସକାଳ ସମୟରେ ଅଧିକ ରହିଥାଏ। ଏପରି ସ୍ଥଳରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ଉଚିତ। କାରଣ ଦିନରେ ଖରା ପଡୁଥିବାରୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଥାଏ। ତେଣୁ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସୂର୍ଯ୍ୟାସ୍ତ ପରେ ତାପମାତ୍ରା ହ୍ରାସ ପାଇ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଥାଏ। ଏ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୂଷିତ ବାୟୁରେ ଚାଲିବାକୁ ଯିବା ପୂର୍ବରୁ ପ୍ରଥମେ ବାୟୁର ଗୁଣବତ୍ତା ତଥା ଏୟାର ଇଣ୍ଡେକ୍ସ କ୍ୱାଲିଟି ପରୀକ୍ଷା କରି ଯିବା ଆବଶ୍ୟକ। ଯଦି ଏକ୍ୟୁଆଇସ୍ତର ୨୦୦ରୁ ଉପରକୁ ଥାଏ, ତେବେ ବାହାରେ ଚଲାବୁଲା ନ କରି ଘରେ ବ୍ୟାୟାମ କରିବା ଭଲ। ଅନ୍ୟପଟେ ପ୍ରଦୂଷିତ ବାୟୁରେ ଚାଲିବାକୁ ଯାଉଥିଲେ, ଉନ୍ନତମାନର ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଧରା ହୋଇଛି କାର୍ତ୍ତିକମୟ



ସୁଜିତ କୁମାର ମିଶ୍ର

ଧରା ହୋଇଛି କାର୍ତ୍ତିକମୟ
ଅଶିଣ ଗଲା ପରେ,
ପବିତ୍ର ଶଙ୍ଖ ଧ୍ୱନି ଶୁଭୁଛି
ସବୁରି ଘରେ ଘରେ ।
ସାତ୍ୱିକ ଖାଦ୍ୟ ଖାଇବା ପାଇଁ
ଝରୁଛି ଶ୍ରଦ୍ଧାପଣ,
ପଞ୍ଚୁକ ପୂଜା ପାଇଁ ହୋଇଛି
ଆତୁର ମନପ୍ରାଣ ।
ଅଳସ ଭାଙ୍ଗି ସଭିଏଁ ଦେଖ
କଲେଣି ଶଯ୍ୟାତ୍ୟାଗ,
ପ୍ରଭୁ ଦର୍ଶନ ପାଇଁ ଜାଗୁଛି
ଶ୍ରଦ୍ଧା ଭକତି ଭାବ ।
ଦୀନ ଦୁଃଖୀଙ୍କୁ ଦେଖି ରାସ୍ତାରେ
ବହୁଛି ଆଖି ଲୁହ,
ହୋଇଛି ହୃଦ ଧରମ ମାସେ
କରୁଣା ନଇ ସୁଅ ।
ଚଉରା ମୂଳେ ଶୋଭା ପାଉଛି
ପ୍ରଭୁଙ୍କ ଛବି ପରା,
ହଳଦୀ, ଧଳା, ସବୁଜ, କଳା
ମୁରୁଜ ରଙ୍ଗ ଭରା ।
ଭକତି ମନ୍ତ୍ର ବେଦପାଠରେ
ମନ୍ଦିର ମୁଖରିତ ,
ପାଲଟିଛି ସେ ସଭିଙ୍କ ପାଇଁ
ସକଳ ସୁଖତୀର୍ଥ ।
କାର୍ତ୍ତିକ ମାସ ଆଗମନରେ
ବହୁଛି ସୁଖଶିରୀ,
କୁହତ କେଉଁ ମାସଟେ ଅଛି
ମରତେ ତା’ ପରି ? ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ଆ କା ମା ବୈ



ଶୁଭେନ୍ଦୁ ମହାପାତ୍ର

ପଞ୍ଚୁକକୁ ଧରି କାର୍ତ୍ତିକ ଆସଇ
ପବିତ୍ର ମାସଟି ପରା
ହେମନ୍ତ ପରଶେ ଶିଶିର ପଡ଼ଇ
ସୁନ୍ଦର ଦିଶଇ ଧରା ।।
ବଡ଼ି ସକାଳରୁ ଶଯ୍ୟା ତ୍ୟାଗ କରି
ହୃଦେ ଭକ୍ତିଭାବ ଭରି
ଏକାଦଶୀଠାରୁ ପାଞ୍ଚଦିନ ବ୍ରତ
ନିଷ୍ଠାରେ ବିଷ୍ଣୁଙ୍କୁ ସ୍ମରି ।।
କ୍ରୋଧ ଓ କପଟ କଟୁକ୍ତି ବଚନ
ତେଜି କୁସଙ୍ଗ କାମନା
ପଞ୍ଚୁକ ବ୍ରତ ଯେ ସାର୍ଥକ ହୁଅଇ
କଲେ ନାନା ଉପାସନା ।।
ପ୍ରଭାତରୁ ଉଠି ଚଉଁରା ମୂଳରେ
ପଞ୍ଚବର୍ଣ୍ଣ ମୁରୁଜରେ
ଭାବରେ ଆଙ୍କନ୍ତି ଜଗା ଓ ବଳିଆ
ସୁଭଦ୍ରାଙ୍କୁ ସଙ୍ଗତରେ ।।
ଶୁଦ୍ଧପୂତ ମନେ ଦାନ ପୁଣ୍ୟ କରି
ଧର୍ମ ଅରଜନ ପାଇଁ
ନାରାୟଣ ବ୍ରତ ପାଳନ୍ତି ଭକ୍ତିରେ
ଆକାଶ ଦୀପ ଜଳାଇ ।।
ପାପ ଯାଏ ଧୋଇ ଆ କା ମା ବୈ କହି
ବିଶ୍ୱାସେ ଭଜନ୍ତି ହରି
ଐତିହ୍ୟ ସ୍ମରନ୍ତି ନଦୀରେ ଭସାନ୍ତି
କଦଳୀ ପଟୁକା ତରୀ ।। ■

ଯାଜପୁର
ମୋ-୯୪୩୮୦୬୪୯୦୮






## ପ୍ରହେଳିକା

- ଶୈବପୀଠ ବୋଲି ରାଇଜେ ଖ୍ୟାତ
ମହାନଦୀ କୂଳେ ସେ ଅବସ୍ଥିତ
କାର୍ତ୍ତିକର ପ୍ରତି ସୋମବାରରେ
ଗହଳି ଚହଳି ହୁଏ ସେଠାରେ
ଗଜଭୋଗ ଲାଗେ ବଡ଼ଓଷାରେ
ଶ୍ରଦ୍ଧାଳୁ ପୂଜନ୍ତି ଭକ୍ତି ଚିତ୍ତରେ
ଝୁଲା ପୋଲ ଲୁଟେ ମନ
କାଳିଆ ବଳଦ ଧଳା ହୋଇଥିଲା
କୁହ ସେ’ପୀଠର ନାମ।

ଉତ୍ତର-ଧବଳେଶ୍ୱର ପୀଠ

- ଦୀପଟିଏ ସିଏ ପଞ୍ଚୁକ କାଳେ
ଭୂଇଁରେ ନ ଜଳି ଉର୍ଦ୍ଧ୍ୱରେ ଜଳେ
ମାଟିହାଣ୍ଡି ମଧ୍ୟେ ପ୍ରଦୀପ ରୁହେ
ଏକୋଇଶି ଛିଦ୍ର ହାଣ୍ଡିରେ ଶୋହେ
ବାଉଁଶରେ ବାନ୍ଧି ଦଉଡ଼ି ଶିକା
ହାଣ୍ଡିକୁ ସଞ୍ଜରେ ହୁଅଇ ଟେକା
ବାଉଁଶ ଶୀର୍ଷରେ ରହି
ଛିଦ୍ର ଦେଇ ଶିଖା ପ୍ରକାଶ ଦିଅଇ
କୁହ ତା’ର ନାମ କେହି।



ଉତ୍ତର-ଆକାଶ ଦୀପ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା
ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# ସୁମନ

## ରିମୁନର ଡଙ୍ଗାଭସା




ରାତି ନ ପାହୁଣୁ ରିମୁନ ଜେଜେମା ଆଉ ମମିଙ୍କ ସହିତ ଡଙ୍ଗା ଭସେଇବାକୁ ବାହାରି ପଡ଼ିଥାଏ। ବେଳାବେଳି ନ ଗଲେ ନଦୀ କୂଳରେ ଗହଳି ଲାଗିଯିବ। ରାତିରେ ଜେଜେମା କହିଥିଲେ ଆମେ ନିତ୍ୟକର୍ମ ସାରିକି ବେଳାବେଳି ଯିବା । ନଦୀରେ ଡଙ୍ଗା ଭସେଇ ଠାକୁର ଦର୍ଶନ କରି ଫେରିବା। ଜେଜେ କାଲି ସନ୍ଧ୍ୟାରେ ତିନିଜଣଙ୍କ ପାଇଁ କଦଳି ପାଟୁଆ ଡଙ୍ଗା କିଣି ଆଣିଥିଲେ। ଲୋକେ ଧାଡ଼ିଧାଡ଼ି ହୋଇ ନଦୀକୂଳ ଅଭିମୁଖେ ଛୁଟିଥାନ୍ତି। ହାଲୁକା ହାଲୁକା ପବନ ବହୁଥାଏ। ଆଖପାଖ ମନ୍ଦିରରୁ ଭଜନ କୀର୍ତ୍ତନ ସ୍ୱର ଭାସି ଆସୁଥାଏ। ଜେଜେମା କହିଲେ, ରିମୁନ ନଦୀ କୂଳରେ ଗହଳି ହେଇଥିବ ତୁ ଏଣେତେଣେ ଯିବୁ ନାହିଁ। ରିମୁନ ହଁ ମାରିଲା। ରିମୁନ ଜେଜେମାଙ୍କୁ ପଚାରିଲା- କାର୍ତ୍ତିକ ମାସରେ ତ ଶୀତ ଆରମ୍ଭ ହୁଏ ହେଲେ ଏ ବର୍ଷ କାହିଁକି ଟିକେ ବି ଥଣ୍ଡା ଲାଗୁନାହିଁ। ଜେଜେମା କହିଲେ- ‘ଆରେ ଜଳବାୟୁ ପରିବର୍ତ୍ତନ ଲାଗି ଶୀତ ପା ଏବେ ଡେରିରେ ଆସୁଛି। ତାପରେ ଏ ସହରୀ ଜାଗାରେ କଂକ୍ରିଟ୍ କୋଠାକୁ ମାଳମାଳ ଗାଡ଼ି ମଟର, ସାରା ସହର ଧୂଆଁ ଧୂଳିରେ ଏଣୁ ଥଣ୍ଡା ଆଦୌ ଜଣା ପଡୁନି। ଗାଁ ଗହଳିରେ ଥଣ୍ଡା ନିଶ୍ଚିତ ଲାଗିବଣି।’ ମମି କହିଲେ, ଆଗରୁ କୁଆଁର ପୁନେଇଁ ବେଳକୁ ଥଣ୍ଡା ଆସି ସାରିଥାଏ ହେଲେ ଏବେ କାର୍ତ୍ତିକ ପୁନେଇଁ ବେଳକୁ ବି ଥଣ୍ଡାର ଦେଖା ଦର୍ଶନ ନାହିଁ। ଗପସପରେ ସମସ୍ତେ ପହଞ୍ଚି ଯାଇଥିଲେ ନଦୀ କୂଳରେ।

ଜେଜେମା କହିଲେ, ‘ଦେଖୁଛ ତ ନଦୀ କୂଳରେ କେତେ ଭିଡ଼ ଲାଗିଗଲାଣି। ଚାଲ ଆମେ ଆଗେ ଡଙ୍ଗା ସଜଡ଼ାସଜାଡ଼ି କରିଦେବା ତାପରେ ପାଣି ପାଖକୁ ଯିବା।’ ଏଇ ସମୟରେ ରିମୁନ ଦେଖିଲା, ନଦୀ ଆଖପାଖରେ ସମସ୍ତେ ମନଇଚ୍ଛା ଏଣେତେଣେ ଜରି ପଲିଥିନ୍ ଆଉ କାଗଜ ପ୍ୟାକେଟ ଫିଙ୍ଗିଛନ୍ତି। ଏସବୁ ନଦୀ ପାଣିକୁ ଗଲେ ଅପରିଷ୍କାର ହେବ। ସେ ଆଉ ଡେରି ନ କରି ଏଠୁସେଠୁ ଗୋଟାଇ ଆଣି ଖାଲୁଆ ଜାଗାଟେ ଦେଖି ଫିଙ୍ଗିଦେଲା। ମମି ଡାକ ଦେଲେ, ‘ଆରେ ରିମୁନ ସିଆଡ଼େ କ’ଣ କରୁଛୁ ଆସୁନୁ ଦେଖିବୁ ଜେଜେମା କେମିତି ଡଙ୍ଗା ସଜାଡୁଛନ୍ତି।’ ରିମୁନ କହିଲା- ‘ଟିକେ ରୁହ ମୁଁ ଯାଉଛି।’ ସେ ତା’ କାମରେ ଲାଗି ପଡ଼ିଥାଏ। ଆଖପାଖରେ ଆଉ ଗୋଟେ ବି ଜରି ଦିଶିଲା ନାହିଁ। ତା ଦେଖାଦେଖି ଅନ୍ୟମାନେ ବି ସେମିତି କଲେ ଆଉ ରିମୁନକୁ ବହୁତ ପ୍ରଶଂସା କଲେ। ଧୀରେ ଧୀରେ ଆକାଶ ଫର୍ଚ୍ଚା ହେଇଆସୁଥାଏ। ଏପଟେ ଜେଜେମା ଆଉ ମମି ଡଙ୍ଗା ଲାଗି ସବୁ ପୂଜା ସାମଗ୍ରୀ ପ୍ରସ୍ତୁତ କରିଦେଇଥାନ୍ତି । ମମି ରିମୁନ ରିମୁନ ଡାକ ଦେଲେ। ଜେଜେମାଙ୍କ ହାତ ଧରି ରିମୁନ ଡଙ୍ଗା ଭସେଇଲା। ଜେଜେଙ୍କ ସହିତ ରିମୁନ ‘ଆ କା ମା ବୈ’ ଗୀତ ଗାଇଲା ଆଉ ମମି ହୁଳହୁଳି ପକାଇଲେ। ଏଇ ସମୟରେ ଜଣେ ଅଙ୍କଲ ଆସି ରିମୁନକୁ କହିଲେ ତୁମ ବୁଦ୍ଧିକୁ ମାନିବାକୁ ପଡ଼ିବ। ଭଲ କାମ କରିଛ, ତୁମ ଲାଗି ଆଜି ନଦୀକୂଳଟା ପରିଷ୍କାର ଲାଗୁଛି। ତୁମେ ଆମର ସୁନା ଝିଅ। ସବୁକଥା ଶୁଣି ଜେଜେମା ହସହସ ମୁହଁରେ ରିମୁନ ମଥାକୁ ଆଉଁଶି ଦେଲେ। ■




ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୭୩୯୧୦





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର






ଅଭିଲାଷ
ସପ୍ତମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା





ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ନୂଆ ବଜାର, କଟକ





ସଂସ୍କୃତି ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ

## ମେଲବୋର୍ଣ୍ଣ ଟି-୨୦ରେ ହାଜଲେଉଡ୍ ଶୋ

# ଭାରତକୁ ୪ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

ମେଲବୋର୍ଣ୍ଣ, ୩୧ ।୧୦ (ଏଜେନ୍ସି)





ଭ୍ରମଣକାରୀ ଭାରତ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି । ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ମାରାତ୍ମକ ବୋଲିଂ ଓ ଓପନିଂରେ ଅଧିନାୟକ ମିଚେଲ ମାର୍ଶଙ୍କ ଦ୍ରୁତ ବ୍ୟାଟିଂ ବଳରେ ଘରୋଇ ଦଳ ୪୦ ବଲ୍ ବଳକା ଥାଇ ଏହି ସହଜ ବିଜୟ ହାସଲ କରିଥିଲା । ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି । ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା । ସିରିଜର ତୃତୀୟ ମ୍ୟାଚ୍ ରବିବାର ହୋବାର୍ଟରେ ଅନୁଷ୍ଠିତ ହେବ ।

### ହାଜଲେଉଡ୍‌ଙ୍କ ସାମ୍ନାରେ ଆତ୍ମସମର୍ପଣ

୮୨ ହଜାର ୪୩୮ ଦର୍ଶକଙ୍କ ସାମ୍ନାରେ ଶୁକ୍ରବାର ଅପରାହ୍ଣରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ମିଚେଲ୍ ମାର୍ଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ବରିଷ୍ଠ ଦ୍ରୁତ ବୋଲର ହାଜଲେଉଡ୍ ତାଙ୍କ ସୁଇଂ ଓ ବାଉନ୍ସରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ । ହାଜଲେଉଡ୍ ତାଙ୍କ ୪ ଓଭର ସ୍ପେଲକୁ ଆରମ୍ଭରୁ ଶେଷ କରିଦେଇଥିଲେ । ଯେଉଁଥିରେ ସେ ୧୫ଟି ଡଟ୍ ବଲ୍ ପକାଇ ମାତ୍ର ୧୩ ରନ ବ୍ୟୟ କରି ଶୁବମନ ଗିଲ୍ (୫ ରନ), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧) ଓ ତିଲକ ବର୍ମାଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ । ଏସିଆ କପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ତିଲକ ଏଠାରେ ଖାତା ଖୋଲିପାରି ନ ଥିଲେ । ସେହିଭଳି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ସଞ୍ଜୁ ସାମସନ ମଧ୍ୟ ମାତ୍ର ୨ ରନ କରି ନାଥନ ଏଲିସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ । ଏହାପରେ ଅକ୍ଷର ପଟେଲ ମଧ୍ୟ ୭ ରନ କରିଥିବାବେଳେ ରନ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ । ଫଳରେ ୮ ଓଭର ବେଳକୁ ଭାରତ ୫୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା ।

### ଅଭିଷେକ-ହର୍ଷିତ ସମ୍ମାନ ରଖିଲେ

ଓପନିଂରେ ଧୈର୍ଯ୍ୟର ସହ ଖେଳୁଥିବା ଅଭିଷେକ ଶର୍ମା କିନ୍ତୁ ନିମ୍ନକ୍ରମରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାଥୀ କରି ୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ । ଯାହାକି ଦଳର ସ୍କୋରକୁ ଶହେ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା । ହର୍ଷିତ ୩୩ ବଲରେ ୩ ଚୌକା ଓ ଗୋଟିଏ ଛକା ସହ କ୍ୟାରିୟର ଶ୍ରେଷ୍ଠ ୩୫ ରନ କରି ଆଉଟ୍ ହୋଇଥିଲେ । ସେହିଭଳି ଅଭିଷେକ ଟି-୨୦ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ସହ ସର୍ବାଧିକ ୬୮ ରନ କରିଥିଲେ । ୩୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୨ଟି ଛକା ମାରିଥିଲେ । ଏହି ଦୁଇ ବ୍ୟାଟର୍ ଆଉଟ୍ ହେବା ପରେ ଭାରତ ୧୮.୪ ଓଭରରେ ୧୨୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏକଦା ୫ ୱିକେଟ୍‌ରେ ୧୦୫ ରନ କରିଥିବା ଭାରତ ଆଉ ୨୦ ରନ ଯୋଡ଼ି ଶେଷ ୫ ୱିକେଟ ହରାଇଥିଲା । ଭାରତ ୯ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ । ଯେଉଁଥିରେ ତିଲକଙ୍କ ସହ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମରା ଖାତା ମଧ୍ୟ ଖୋଲିପାରି ନ ଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ହାଜଲେଉଡ୍ ୩ ଏବଂ ନାଥନ ଏଲିସ ଓ ଜାଭିଅର ବାର୍ଟଲେଟ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।

ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମାର୍ଶଙ୍କ ୪୬ ରନର ଦ୍ରୁତ ପାଳି ବଳରେ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ମାର୍ଶ ୨୬ ବଲର ଏହି ପାଳିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୮, ଜୋଶ୍ ଇଂଲିଶ ୨୦, ମିଚେଲ ଓୱିନ ୧୪ ରନ କରିଥିଲେ । ବୋଲିଂରେ ବୁମ୍‌ରା, କୁଲଦୀପ୍ ଓ ବରୁଣଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା । ମାର୍ଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

**ସଂକ୍ଷିପ୍ତ ସ୍କୋର**

**ଭାରତ** : ୧୨୫/୧୦, ୧୮.୪ ଓଭର (ଅଭିଷେକ- ୬୮, ହର୍ଷିତ- ୩୫, ଗିଲ୍- ୫, ସାମସନ- ୨, ଅକ୍ଷର- ୭, ଦୁବେ- ୪, ହାଜଲେଉଡ୍- ୩/୧୩, ଏଲିସ- ୨/୨୧)

**ଅଷ୍ଟ୍ରେଲିଆ** : ୧୨୬/୬, ୧୩.୨ ଓଭର (ମାର୍ଶ- ୪୬, ହେଡ୍- ୨୮, ଇଂଲିଶ- ୨୦, ଷ୍ଟୋଇନିସ- ଅପରାଜିତ ୬, ବୁମରା- ୨/୨୬, ବରୁଣ- ୨/୨୩) ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଏଥର ନୂଆ ବିଶ୍ୱବିଜେତା

ନଭି ମୁମ୍ବଇ, ୩୧ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି । ରବିବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ । ଗତକାଲି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୫ ୱିକେଟ୍‌ରେ ସାତଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୧୨୫ ରନର ବଡ଼ ବ୍ୟବଧାନରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା । ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସର ପ୍ରଥମଥର ଲାଗି ଫାଇନାଲ ଖେଳିବ । ଅପରପକ୍ଷରେ ଭାରତ ପୂର୍ବରୁ ୨୦୦୫ ଓ ୨୦୧୭ରେ ଫାଇନାଲ ଖେଳିଥିଲେ ମଧ୍ୟ ଉଭୟଥର ପରାଜୟବରଣ କରି ରନର୍ସଅପ୍ ହୋଇଥିଲା । ତେଣୁ ଏଥର ବିଶ୍ୱକପ୍‌ରେ ନୂଆ ବିଜେତା ଦେଖିବାକୁ ମିଳିବ । ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେଉଁ ଦଳ ବିଶ୍ୱ ଚାମ୍ପିଅନ ହେବ ତାହା ରବିବାର ସ୍ପଷ୍ଟ ହୋଇଯିବ ।

### ଅଷ୍ଟ୍ରେଲିଆ-୭, ଇଂଲଣ୍ଡ-୪

ମହିଳା ଦିନିକିଆ ବିଶ୍ୱକପ୍ ଇତିହାସର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମିଳିତଭାବେ ୧୧ଥର ଟ୍ରଫି ହାତେଇନେଇଛନ୍ତି । ଯେଉଁଥିରେ ଅଷ୍ଟ୍ରେଲିଆ ସର୍ବାଧିକ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ବିଶ୍ୱମୁକୁଟ ପିନ୍ଧିଛି । ତୃତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା । ୨୦୦୦ ମସିହାରେ ଘରୋଇ ପରିବେଶରେ ଅନୁଷ୍ଠିତ ୭ମ ସଂସ୍କରଣରେ ନ୍ୟୁଜିଲାଣ୍ଡ ବାଜିମାତ୍ କରିନେଇଥିଲା । ଏହାପରେ ଖେଳାଯାଇଥିବା ୫ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୩ଥର ଓ ଇଂଲଣ୍ଡ ୨ଥର ବିଜୟୀ ହୋଇଛନ୍ତି । ଅର୍ଥାତ୍ ୨୫ ବର୍ଷ ପରେ ଏଥର କ୍ରିକେଟ୍‌ପ୍ରେମୀ ଗୋଟିଏ ନୂଆ ବିଶ୍ୱବିଜେତାକୁ ଦେଖିବାକୁ ପାଇବେ ।

**ମହିଳା ବିଶ୍ୱକପ୍‌ର ଫଳାଫଳ**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୭୩ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୧୯୭୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୯୩ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୧୯୯୭ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୦୦ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ |
| ୨୦୦୫ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୯ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୨୦୧୩ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ |
| ୨୦୧୭ | ଇଂଲଣ୍ଡ | ଭାରତ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୨୦୨୫ | --- | --- |

# ଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଜ୍ୟାକ୍‌ଲିନ୍ ଓ ଏଲୋଇସ୍



ନଭି ମୁମ୍ବଇ, ୩୧ ।୧୦ (ଏଜେନ୍ସି): ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ । ଏହି ହାଇଭୋଲଟେଜ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍‌ଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି । ଅଷ୍ଟ୍ରେଲିଆର ଏଲୋଇସ୍ ଶେରିଡାନ ଓ ଜାମାଇକାର ଜ୍ୟାକଲିନ୍ ୱିଲିୟମ୍ସ ଫାଇନାଲରେ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ । ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମଧ୍ୟ ଶେରିଡାନ ଓ ଜ୍ୟାକ୍‌ଲିନ୍ ଯୋଡ଼ି ଫିଲ୍ଡ ଅମ୍ପାୟର ଭୂମିକା ନିଭାଇଥିଲେ । ସେହିଭଳି ଅକ୍ଟୋବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଜ୍ୟାକଲିନଙ୍କୁ ଫିଲ୍ଡ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିଥିଲା । ଅପରପକ୍ଷରେ ଫାଇନାଲରେ ଇଂଲଣ୍ଡର ସୁଏ ରେଡ୍‌ଫର୍ନ ତୃତୀୟ, ଶ୍ରୀଲଙ୍କାର ନୀଳିମା ପେରେରା ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ । ଶ୍ରୀଲଙ୍କାର ମିଚେଲ ପେରେଇରାଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି ।

# ପର୍ତ୍ତୁଗାଲ ପାଇଁ ଖେଳିଲେ ରୋନାଲ୍ଡୋଙ୍କ ପୁଅ



ଲିସବନ୍, ୩୧ ।୧୦ (ଏଜେନ୍ସି): ବିଶ୍ୱର ତାରକା ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ ପୁଅ ପର୍ତ୍ତୁଗାଲ୍‌ର ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି । ଫେଡେରେସନ କପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ପର୍ତ୍ତୁଗାଲ ଓ ତୁର୍କୀ ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରୋନାଲ୍ଡୋଙ୍କ ପୁଅ ୧୫ ବର୍ଷୀୟ କ୍ରିଷ୍ଟିଆନୋ ସାଣ୍ଟୋସ ଖେଳିଥିଲେ । ସେ ମ୍ୟାଚର ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ପ୍ରବେଶ କରିଥିଲେ । ଏହି ମ୍ୟାଚରେ ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା । ଉଲ୍ଲେଖଯୋଗ୍ୟ, ସାଣ୍ଟୋସ ବର୍ତ୍ତମାନ ସାଉଦୀ ଆରବର ଅଲ୍‌-ନାସର କ୍ଲବର ୟୁଥ୍ ଏକାଡେମୀ ପକ୍ଷରୁ ଖେଳୁଛନ୍ତି । ଏହି ସମାନ କ୍ଲବ ପକ୍ଷରୁ ମଧ୍ୟ ସାଣ୍ଟୋସଙ୍କ ପିତା କ୍ରିଷ୍ଟିଆନୋ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି ।

● ଅନ୍‌ଅଫିସିଆଲ୍ ଟେଷ୍ଟ

# ପନ୍ତ, ପାଟିଦାର, ପାଡ଼ିକଲ୍ ଫେଲ୍

ବେଙ୍ଗାଲୁରୁ, ୩୧ ।୧୦ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ପଛୁଆ ରହିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା ।



ଜବାବରେ ଘରୋଇ ଭାରତ-ଏ ପ୍ରଥମ ପାଳିରେ ୫୮ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି । ଦଳ ପକ୍ଷରୁ ଓପନର୍ ଆୟୁଷ ମହାତ୍ରେ ସର୍ବାଧିକ ୬୫ ରନ କରିଥିଲେ । ମହାତ୍ରେ ଓ ସାଇ ସୁଦର୍ଶନ (୩୨ ରନ) ଓପନିଂ ୱିକେଟ୍ ଯୋଡ଼ିରେ ୯୦ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ଦେଇଥିଲେ । କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ଅଗ୍ରଣୀ ହାସଲ କରିବାରେ ବିଫଳ ହୋଇଥିଲା । ବିଶେଷ କରି ଆହତ ସମସ୍ୟାରୁ ଫେରିଥିବା ତଥା ଦଳର ନେତୃତ୍ୱ ନେଉଥିବା ଋଷଭ ପନ୍ତ ମାତ୍ର ୧୭ ରନ କରି ଆଉଟ୍ ହୋଇଥିଲେ । ସେହିଭଳି ଅନ୍ୟ ଦୁଇ ତାରକା ଖେଳାଳି ରଜତ ପାଟିଦାର ଓ ଦେବଦତ୍ତ ପାଡିକଲ୍ ଯଥାକ୍ରମେ ୧୯ ଓ ୬ ରନ କରି ନିରାଶ କରିଥିଲେ । ଆୟୁଷ ବଦୋନୀ ୩୮ ରନର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା । ବୋଲିଂରେ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଫ୍-ସ୍ପିନର ପ୍ରିନେଲାନ ସୁବ୍ରାୟେନ ୫ ୱିକେଟ୍ ସଫଳତା ପାଇଥିଲେ । ଏହାପରେ ୭୫ ରନ ଅଗ୍ରଣୀ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୦ ରନ ସଂଗ୍ରହ କରିଛି । ଫଳରେ ଭ୍ରମଣକାରୀ ଦଳ ଏବେ ମୋଟ୍ ଉପରେ ୧୦୫ ରନରେ ଆଗୁଆ ରହିଛି ।

### ଅଲିମ୍ପିକ ପଦକ ବିଜେତା ଫେଡ୍ରିକଙ୍କ ବିୟୋଗ

ଥିରୁଅନନ୍ତପୁରମ, ୩୧ ।୧୦ (ଏଜେନ୍ସି): ଅଲିମ୍ପିକ ପଦକ ବିଜୟୀ ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ମାନୁଏଲ୍ ଫେଡ୍ରିକଙ୍କ ଶୁକ୍ରବାର ୭୮ ବର୍ଷ ବୟସରେ ବିୟୋଗ ଘଟିଛି ।



କେରଳର ପ୍ରଥମ ଆଥଲେଟ୍ ଭାବେ ସେ ଅଲିମ୍ପିକରେ ବିଜୟୀ ହୋଇଥିଲେ । ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ହକି ଦଳରେ ଫେଡ୍ରିକ ଗୋଲ୍‌କିପର ଭୂମିକା ନିଭାଇଥିଲେ । ହକିରେ ଜୀବନବ୍ୟାପୀ ସାଧନା ଲାଗି ୨୦୧୯ରେ ତାଙ୍କୁ 'ମେଜର ଧ୍ୟାନଚାନ୍ଦ ଲାଇଫଟାଇମ୍ ପୁରସ୍କାର' ପ୍ରଦାନ କରାଯାଇଥିଲା । ଫେଡ୍ରିକ ୧୯୭୩ ଓ ୧୯୭୮ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ଦବଙ୍ଗ ଦିଲ୍ଲୀକୁ ପିକେଏଲ୍ ଟ୍ରଫି



ନୂଆଦିଲ୍ଲୀ, ୩୧ ।୧୦ (ଏଜେନ୍ସି): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣରେ ଏଥର ଦବଙ୍ଗ ଦିଲ୍ଲୀ ଚାମ୍ପିଅନ ହୋଇଛି । ଶୁକ୍ରବାର ସ୍ଥାନୀୟ ତ୍ୟାଗରାଜ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ ୩୧-୨୮ ପଏଣ୍ଟରେ ପୁନେରୀ ପଲ୍‌ଟନ୍‌କୁ ପରାସ୍ତ କରି ଦ୍ୱିତୀୟଥର ଟାଇଟଲ୍ ଜିତିଛି । ଏଥିପୂର୍ବରୁ ୨୦୨୧-୨୨ ସଂସ୍କରଣରେ ଦିଲ୍ଲୀ ମାତ୍ର ୧ ପଏଣ୍ଟ (୩୭-୩୬)ରେ ପାଟନା ପାଇରେଟ୍ସକୁ ହରାଇ ଚାମ୍ପିଅନ ହୋଇଥିଲା । ଅପରପକ୍ଷରେ ୨୦୨୩-୨୪ରେ ଚାମ୍ପିଅନ ହୋଇଥିବା ପୁନେରୀ ପଲ୍‌ଟନ ଦ୍ୱିତୀୟଥର ଲାଗି ରନର୍ସଅପ୍ ହୋଇଛି । ଏଥିପୂର୍ବରୁ ପଲ୍‌ଟନ୍ ୨୦୨୨ ଫାଇନାଲରେ ଜୟପୁର ପିଙ୍କ ପାନ୍ଥର୍ସ ନିକଟରୁ ହାରିଥିଲା ।

# ରୋମାରିଓଙ୍କ ହ୍ୟାଟ୍ରିକ୍: ୱେଷ୍ଟଇଣ୍ଡିଜର କ୍ଲିନ୍‌ସୁଇପ୍

ଚଟ୍ଟୋଗ୍ରାମ, ୩୧ ।୧୦ (ଏଜେନ୍ସି): ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ ସଫଳତା ବଳରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ୱିକେଟ୍‌ରେ ଘରୋଇ ବାଂଲାଦେଶକୁ ପରାସ୍ତ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଓପନର୍ ତାନଜିଦ ହାସନଙ୍କ ୮୯ ରନ ବଳରେ ୧୫୧ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଫର୍ଡ କ୍ରମାଗତ ୩ଟି ବଲରେ ଯଥାକ୍ରମେ ନାରୁଲ ହାସନ, ତାନଜିଦ୍ ଓ ଶୋରିଫୁଲ୍ ଇସଲାମ୍‌ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ । ଜାସନ ହୋଲ୍ଡର (୨୦୨୨ରେ ଇଂଲଣ୍ଡ ବିପକ୍ଷରେ)ଙ୍କ ପରେ ଇଣ୍ଡିଜର ୨ୟ ବୋଲର ଭାବେ ସେ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ । ଜବାବରେ ୱେଷ୍ଟଇଣ୍ଡିଜ ରୋଷ୍ଟନ ଚେଜ୍ ଓ ଆକିମ ଅଗଷ୍ଟିଙ୍କ ଅର୍ଦ୍ଧଶତକ ବଳରେ ୧୬.୫ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୧୬ ଓ ୧୪ ରନରେ ଜିତିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜ ୩-୦ରେ କ୍ଲିନସୁଇପ୍ କରିନେଇଛି ।

## ଭାରତରେ ଚେସର୍ ପ୍ରସାର ନେଇ ଉଦ୍ୟମ

# ଫିଡେ ସହ ବୁଝାମଣା କଲା କିଟ୍



ଭୁବନେଶ୍ୱର, ୩୧ ।୧୦ (ସମିସ): ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟ ଆଗେଇ ଆସିଛି । ଏଥିଲାଗି କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ୍ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ।

ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି । ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି । ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିଲା । ସେହିଭଳି ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ କିଟ୍ ବୁଝାମଣା କରିଛି । ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା ।

**ରଣଜୀ ଟ୍ରଫି**

# ଆଜିଠୁ ବାରବାଟୀରେ ଓଡ଼ିଶା-ଆନ୍ଧ୍ର ଲଢ଼େଇ

କଟକ,୩୧।୧୦(ସମିସ)



ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ । ପ୍ରଥମ ଦୁଇ ମୁକାବିଲାରେ ନିରାଶ କରିଥିବା ଓଡ଼ିଶା ୩ୟ ମ୍ୟାଚ୍ ନିଜସ୍ୱ ଘରୋଇ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ଖେଳିବ । ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ରିକି ଭୁଇଙ୍କ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶକୁ ଭେଟିବ । ଉଭୟ ଦଳ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ପାରିନାହାନ୍ତି । ଆନ୍ଧ୍ର ୨ଟି ଯାକ ମ୍ୟାଚ୍ ଡ୍ର ରଖିଥିବା ବେଳେ ଓଡ଼ିଶା ଗୋଟିଏ ଡ୍ର ଏବଂ ଗୋଟିଏ ପରାଜୟର ସାମ୍ନା କରିଛି । ଆନ୍ଧ୍ରପ୍ରଦେଶଠାରୁ ବିଜୟ ପଏଣ୍ଟ ଆଶା ନେଇ ଓଡ଼ିଶା ଦଳ ଶନିବାର ପଡ଼ିଆକୁ ଓହ୍ଲାଇବ ।

ଗତ ୧୮ ବର୍ଷ ଭିତରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରଣଜୀ ଟ୍ରଫିରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି । ଆନ୍ଧ୍ର ଗୋଟିଏ ମ୍ୟାଚ୍ ଜିତିଛି । ଅନ୍ୟ ମ୍ୟାଚ୍‌ଟି ଅମୀମାଂସିତ ରହିଛି । ଏଣୁ ସାମ୍ନାସାମ୍ନି ମୁକାବିଲାରେ ଆନ୍ଧ୍ରର ପଲା ଭାରି ରହିଛି । ଚଳିତ ସଂସ୍କରଣରେ ଉତ୍ତରପ୍ରଦେଶ ଏବଂ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ୍‌କୁ ଆନ୍ଧ୍ରପ୍ରଦେଶ ଡ୍ର ରଖିଛି । ସେଖ୍ ରସିଦ ଏବଂ ୱିକେଟକିପର ଶ୍ରୀକର ଭାରତଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି । ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆନ୍ଧ୍ରପ୍ରଦେଶ ଅନ୍ୟ କୌଣସି ଖେଳାଳିଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ପାଇ ପାରିନାହିଁ । ଆନ୍ଧ୍ରର ବୋଲିଂ ଆଟାକ୍‌କୁ ନଜର ପକାଇଲେ ମଧ୍ୟ ମିଶ୍ରିତ ଫଳ ଜଣାପଡେ । କାଭୁରି ସୈତେଜା, ତ୍ରିପୁରନା ବିଜୟ, ସେଖ୍ ରସିଦ, ୱାଇ ପୃଥ୍ୱୀରାଜ ଦଳର ପ୍ରମୁଖ ବୋଲର ହୋଇଥିଲେ ମଧ୍ୟ ୱିକେଟ ହାସଲରେ ଏମାନଙ୍କ ଭୂମିକା ପଛୁଆ ରହିଛି । ଗତ ଦୁଇ ମ୍ୟାଚରେ ଓଡ଼ିଶାର ପ୍ରଦର୍ଶନକୁ ନଜର ପକାଇଲେ ଗୋଟିଏ ହେଲେ ବି ଶତକୀୟ ଇନିଂସ୍ ଦେଖିବାକୁ ମିଳିନି । ଅଧିନାୟକ ଶୁଭ୍ରାଂଶୁଙ୍କ ସମେତ ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର ଓ ସମ୍ବିତ ବରାଳ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି । ଆଶୀର୍ବାଦ ସ୍ୱାଇଁ, ଗୌରବ ଚୌଧୁରୀଙ୍କଠାରୁ ଆଶା କରି ଓଡ଼ିଶା ଦଳ ନିରାଶ ହୋଇଛି । ଅନ୍ୟପକ୍ଷରେ ପଦାର୍ପଣ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସମ୍ବିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଉତ୍ତରପ୍ରଦେଶ ବିପକ୍ଷରେ ସେ ଅପରାଜିତ ୫୯ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ । ବୋଲିଂ ଅଲରାଉଣ୍ଡର କ୍ରମରେ ରାଜେଶ ମହାନ୍ତିଙ୍କ ଅବଦାନ ମଧ୍ୟ ଆଶାନୁରୂପ ରହିଛି । ବୋଲିଂରେ ସଫଳତା ପାଇ ନଥିଲେ ସୁଦ୍ଧା ରାଜେଶ ଉତ୍ତରପ୍ରଦେଶ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ୪୮ ରନର ପାଳି ଖେଳିଥିଲେ । ବାଦଲ ବିଶ୍ୱାଳ, ସୁମିତ ଶର୍ମା ଏବଂ ଗୋବିନ୍ଦ ପୋଦ୍ଦାରଙ୍କ ଉପରେ ଓଡ଼ିଶାର ସ୍ପିନ ବୋଲିଂ ଆଟାକ ନିର୍ଭରଶୀଳ । ପେସ୍ ବୋଲିଂରେ ରାଜେଶ, ସୁନୀଲ ରାଉଳ ଓ ସମ୍ବିତ ସଫଳତା ସାଉଁଟିଲେ ଆନ୍ଧ୍ରପ୍ରଦେଶକୁ ବାରବାଟୀରେ ଓଡ଼ିଶା ହରାଇ ପାରିବ ବୋଲି କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS